


বିଶ୍ୱକପ୍ ଖେଳିବେ ଅମିତ୍, ଶିଳାନନ୍ଦ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-28 ♦WEDNESDAY ♦22 JULY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୨୮ ♦ବୁଧବାର ♦୨୨ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବର ଆକ୍ରମଣ

# ବିରୋଧୀଙ୍କ ନିଶାଣରେ କେନ୍ଦ୍ର

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ କଂଗ୍ରେସର ଧାରଣା

### ରାହୁଲ ଓ ପ୍ରିୟଙ୍କାଙ୍କୁ ଉଠାଇନେଲା ପୁଲିସ

### ପୁଲିସ ବର୍ବରତା ପାଇଁ ସରକାର କ୍ଷମା ମାଗନ୍ତୁ

### ରାହୁଲଙ୍କୁ ଭେଟି ଆଲୋଚନା କଲେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର

### ଯନ୍ତରମନ୍ତରରେ ପହଞ୍ଚିଲେ ପାୱାର, ସୁପ୍ରିୟା ସୁଲେ, କେଜ୍ରିୱାଲ, ଶାବନା ଆଜମୀ, ପ୍ରକାଶ ରାଜ



■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଗତକାଲି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ 'ସଂସଦ ଚଲୋ' ଅଭିଯାନ ବେଳେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଅମାନୁଷିକ ଆକ୍ରମଣକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଏହାର ନିନ୍ଦା କରିବା ସହିତ ସରକାର ଓ ପୁଲିସ ଉପରେ ବର୍ଷିଛନ୍ତି। ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ହଜାର ହଜାର ଲୋକ ଜନ୍ତର ମନ୍ତରରେ ଏକତ୍ରିତ ହେଉଥିବା ବେଳେ ପୁଲିସ ବର୍ବରତାର ପ୍ରତିବାଦ ଜଣାଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସାଂସଦ ଓ ମୁଖ୍ୟମନ୍ତ୍ରୀ ଆଜି ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେଇଛନ୍ତି। ପୁଲିସର ଅମାନୁଷିକତା ପାଇଁ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ରାହୁଲ କହିଛନ୍ତି।

ଗତକାଲିର ପୁଲିସ ବର୍ବରତା ନେଇ ଆକ୍ରୋଶ ବୃଦ୍ଧି ପାଉଥିବା ବେଳେ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ସାଂସଦ ଓ କଂଗ୍ରେସ ମୁଖ୍ୟମନ୍ତ୍ରୀ ଲୋକ କଲ୍ୟାଣ ମାର୍ଗ ▶ପୃଷ୍ଠା-୮

## ପ୍ରଶ୍ନପତ୍ର ଲିକ୍ 'ଘୋର ପାପ': ପ୍ରଧାନମନ୍ତ୍ରୀ



■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସାରା ଦେଶରେ ଜନ ଅସନ୍ତୋଷ ଓ ବିରୋଧ ପ୍ରଦର୍ଶନ ଜାରି ରହିଛି। ବହୁ ବିଳମ୍ବରେ ହେଲେ ମଧ୍ୟ ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଏନଡିଏ ସଂସଦୀୟ ଦଳ ବୈଠକରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ପ୍ରଶ୍ନପତ୍ର ଲିକ୍‌କୁ ଏକ 'ପାପ' ବୋଲି ଅଭିହିତ କରିଛନ୍ତି। ଏହାସହ ଏଭଳି ଘଟଣା ଯେପରି ପୁନର୍ବାର ନଘଟେ ସେଥିପାଇଁ ଦୃଢ଼ ସଂକଳ୍ପ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ମାତ୍ରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇସାରିଛି ଏବଂ ସେମାନେ ବର୍ତ୍ତମାନ ପୁଲିସ ହେପାଜତରେ ଅଛନ୍ତି। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ସୂଚନା ଅନୁଯାୟୀ, ଦୋଷୀମାନଙ୍କୁ କଠୋରରୁ କଠୋର ଦଣ୍ଡ ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏଭଳି ଅପରାଧ ରୋକାଯିବା ପାଇଁ ଏବଂ ସର୍ବଭାରତୀୟ ସ୍ତରର ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବାକୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ନିଷ୍ପତ୍ତି କ୍ରମେ ଜୁନ୍ ୨୧ ରେ ନିଟ୍ ପୁନଃ-ପରୀକ୍ଷା ସଫଳତାର ସହ ଶେଷ ହୋଇଛି ଏବଂ ନିର୍ଦ୍ଧାରିତ ସମୟରେ ଏହାର ଫଳାଫଳ ପ୍ରକାଶ କରାଯାଇଛି। ତଥାପି, ଫଳାଫଳ ପ୍ରକାଶ ପରେ ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶର ଅନେକ ପ୍ରାର୍ଥୀ ଓଏମ୍‌ଆର୍ ସିଟ୍ ଏବଂ ସ୍କୋରରେ ତ୍ରୁଟି ଥିବା ନେଇ ନୂତନ ଅଭିଯୋଗ ଆଣିଛନ୍ତି। ସେପଟେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ କହି ପ୍ରତ୍ୟାଖ୍ୟାନ କରିଛି। ଆଜି ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟ ସରକାରଙ୍କୁ ଏହି ଦିଗରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

### ଦିଲ୍ଲୀରେ କେନ୍ଦ୍ର ସରକାରଙ୍କୁ ଘେରିଲେ ନବୀନ

## ଇସ୍ତଫା ଦିଅନ୍ତୁ ଶିକ୍ଷାମନ୍ତ୍ରୀ

■ ନୂଆଦିଲ୍ଲୀ, ୨୧।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନ ତୀବ୍ର ହେଉଥିବା ବେଳେ କେନ୍ଦ୍ର ସରକାରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଦେଶବ୍ୟାପୀ ବିରୋଧୀ ଦଳ ଗୁଡ଼ିକ ସରକାରଙ୍କୁ ଘେରୁଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିଲ୍ଲୀ ଗସ୍ତ ଅବସରରେ ମଙ୍ଗଳବାର ଦଳୀୟ ସାଂସଦ ସହ ଆଲୋଚନା ପରେ ସେ ସାମ୍ପ୍ରତିକ ଘଟଣାବଳୀକୁ ସ୍ୱର୍ଣ୍ଣକାତର ବୋଲି ମତ ରଖିଛନ୍ତି।

ଜାତୀୟ ଗଣମାଧ୍ୟମକୁ ନବୀନ କହିଛନ୍ତି ଯେ ଦିଲ୍ଲୀର ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ଏବଂ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ହିଂସାତ୍ମକ ଆକ୍ରମଣ ଗଣତନ୍ତ୍ର ପାଇଁ ଚିନ୍ତାଜନକ। ମୁଁ ଦିଲ୍ଲୀରେ ଘଟିଥିବା ଅତ୍ୟନ୍ତ ଗୁରୁତର ପରିସ୍ଥିତି ସମ୍ପର୍କରେ ବିଜୁ ଜନତା ଦଳର ସାଂସଦମାନଙ୍କ ସହ ଏକ ବୈଠକ କରିଛି। ଦୁଇ ଦିନ ପୂର୍ବରୁ ମୁଁ ଏହି ବିଷୟରେ ବିସ୍ତୃତ ମତ ରଖିଥିଲି, ଯାହାକୁ ଜାତୀୟ ଗଣମାଧ୍ୟମ ବ୍ୟାପକ ଭାବେ ପ୍ରସାର କରିଛି। ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ଗୁରୁତର ଏବଂ ଉଦବେଗଜନକ। ଅନେକ ଯୁବ ଛାତ୍ରଛାତ୍ରୀଙ୍କ ଉପରେ ହିଂସାତ୍ମକ ଆକ୍ରମଣ ହୋଇଛି, ସେମାନେ




### ଆହତଙ୍କୁ ସହାୟତା ଓ ସହଯୋଗ ଲାଗି ପ୍ରତିଶ୍ରୁତି

ଗୁରୁତର ଭାବରେ ଆହତ ହୋଇଛନ୍ତି। ବିଜୁ ଜନତା ଦଳର ସାଂସଦମାନେ ଆହତ ଛାତ୍ରଛାତ୍ରୀଙ୍କୁ ଡ଼ାକ୍ତରଖାନାରେ ଭେଟିଛନ୍ତି। ଆହତ ଯୁବକ ଯୁବତୀମାନଙ୍କ ପାଇଁ ଯାହା ସମ୍ଭବ ସମସ୍ତ ସହାୟତା କରିବାକୁ ଆଶ୍ୱାସନା ଦେଇଛନ୍ତି ଓ ସହଯୋଗ କରୁଛନ୍ତି। ଦିଲ୍ଲୀରେ ଘଟିଥିବା ଘଟଣା ଅତ୍ୟନ୍ତ ଗମ୍ଭୀର। କେବଳ ଦିଲ୍ଲୀରେ ନୁହେଁ; ଦେଶର ବିଭିନ୍ନ ସହର ଓ ବିଦେଶରେ ବିଭିନ୍ନ ଦେଶ ରାଜଧାନୀରେ ଥିବା ଭାରତୀୟ ଦୂତାବାସ ସମ୍ମୁଖରେ ମଧ୍ୟ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ▶ପୃଷ୍ଠା-୮

### ଓଡ଼ିଶାରେ କରୋନା



## ଏମ୍‌କେସିଜିରେ ୩ ସଂକ୍ରମିତ !

■ ବ୍ରହ୍ମପୁର, ୨୧।୭ (ସମିସ): ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ କୋଭିଡ ସଂକ୍ରମଣ ଚିହ୍ନଟ ପରେ ଏବେ ଗଞ୍ଜାମରେ ମଧ୍ୟ କୋଭିଡ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚିହ୍ନଟ ହୋଇଥିବା ସମସ୍ତ ୩ଜଣ ଆକ୍ରାନ୍ତ ମହିଳା ହୋଇଥିବା ନିର୍ଭର ଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ହସ୍ପିଟାଲର ମାଇକ୍ରୋବାୟୋଲୋଜି ବିଭାଗ ଅଧୀନରେ ଥିବା ଭାଇରାଲ୍ ରିସର୍ଚ୍ଚ ଏବଂ ଡାଇଗ୍ନୋଷ୍ଟିକ୍ ଲାବୋରେଟୋରୀ(ଭିଆରଡ଼ିଏଲ)ରେ ସନ୍ଦିଗ୍ଧ ରୋଗୀଙ୍କ ନମୁନା ପରୀକ୍ଷା କରାଯାଇଥିବା ବେଳେ କୋଭିଡ଼ ପଜିଟିଭ ଥିବା ଜଣାପଡିଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଜଣେ ପ୍ରାୟ ୩୮ ବର୍ଷୀୟା ମହିଳା, ଜଣେ ଯୁବତୀ ଏବଂ ଜଣେ ମେଡିକାଲ କର୍ମଚାରୀ ରହିଥିବା ସୂଚନା ମିଳିଛି। ପ୍ରାୟ ୩୮ ବର୍ଷୀୟା ମହିଳା ଜଣକ ଏମକେସିଜି ମେଡ଼ିକାଲର ଏକ ନିର୍ଦ୍ଦିଷ୍ଟ ବିଭାଗରେ ଚିକିତ୍ସାଧୀନ ଥିଲେ। ଚିକିତ୍ସା ସମୟରେ ତାଙ୍କ ଠାରେ କୋଭିଡ ସଦୃଶ ଲକ୍ଷଣ ଦେଖାଯିବା ପରେ ଡାକ୍ତର କୋଭିଡ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ। ଭିଆରଡ଼ିଏଲ ପକ୍ଷରୁ ପ୍ରଦାନ କରାଯାଇଥିବା ପରୀକ୍ଷା ରିପୋର୍ଟରେ ସେ କୋଭିଡ ପଜିଟିଭ ଚିହ୍ନଟ ହୋଇଥିଲେ। ବର୍ତ୍ତମାନ ମେଡ଼ିକାଲ ପକ୍ଷରୁ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ସଂଘରୋଧ କକ୍ଷରେ ତାଙ୍କୁ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଥିବା ଜଣାପଡିଛି। ଆକ୍ରାନ୍ତଙ୍କ ମଧ୍ୟରେ ଥିବା ଡାକ୍ତରଖାନାର ଜନୈକା କର୍ମଚାରୀ କିଛିଦିନ ଧରି ଛୁଟିରେ ଥିବା ଜଣାପଡ଼ିଛି। ତୃତୀୟ ଆକ୍ରାନ୍ତ ଜଣେ ଯୁବତୀ ବୋଲି ସୂଚନା ମିଳିଛି। ଏହି ଘଟଣା ପରେ ମେଡ଼ିକାଲ ପ୍ରଶାସନ ପକ୍ଷରୁ ସଂକ୍ରମିତଙ୍କ ଚିକିତ୍ସା ସହ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ କୋଭିଡ ଆକ୍ରାନ୍ତ ଚିହ୍ନଟ ଘଟଣାର ▶ପୃଷ୍ଠା-୮

## ଟନେଲ ଦୁର୍ଘଟଣା; ୧୦ ମୃତ

■ ନାମ୍‌ଚି, ୨୧।୭ (ଏଜେନ୍ସି): ସିକିମର ନାମଚି ଜିଲ୍ଲାରେ ସମରଦୁଙ୍ଗ ଅଞ୍ଚଳରେ ଏକ ନିର୍ମାଣାଧୀନ ଟନେଲରେ ଭୂସ୍ଖଳନ ଯୋଗୁଁ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୫ରୁ ୨୭ ଜଣ ଶ୍ରମିକ ଏବେ ବି ଭିତରେ ଫସି ରହିଛନ୍ତି। ଟନେଲ ମଧ୍ୟରେ ବିଷାକ୍ତ ଗ୍ୟାସ ଲିକ୍ ହେଉଥିବା ସନ୍ଦେହ କରାଯାଉଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏନଏଚପିସି ତିସ୍ତା ଷ୍ଟେଜ୍-୬ ଜଳବିଦ୍ୟୁତ୍ ପ୍ରକଳ୍ପର ଅଂଶବିଶେଷ ଭାବେ ନିର୍ମାଣ କରାଯାଉଥିବା ଏହି ଟନେଲରେ ଭୂସ୍ଖଳନ ଯୋଗୁଁ ଦୁର୍ଘଟଣା ଘଟିଥିଲା। ଫଳରେ ଟନେଲର ପ୍ରବେଶ ପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ ଭିତରେ ଗ୍ୟାସ ଲିକ୍ ହୋଇଥିଲା। ଏପର୍ଯ୍ୟନ୍ତ ୧୦ଟି ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ପଶ୍ଚିମବଙ୍ଗ, ଆସାମ, ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ସ୍ଥାନୀୟ ନାମଚି ଅଞ୍ଚଳର ଶ୍ରମିକମାନେ ସାମିଲ ଅଛନ୍ତି। ଉଦ୍ଧାରକାରୀ ଦଳ ଅନୁଯାୟୀ, ଟନେଲ ମଧ୍ୟରେ ମିଥେନ୍ ଗ୍ୟାସର ପ୍ରଭାବ ଯୋଗୁଁ କାର୍ଯ୍ୟ କରିବା କଷ୍ଟକର ହୋଇପଡ଼ିଛି। ଗ୍ୟାସ ସଂସ୍ପର୍ଶରେ ଆସି କିଛି ଉଦ୍ଧାରକାରୀ କର୍ମଚାରୀ ମୁଣ୍ଡ ବୁଲାଇବା ଏବଂ ଚେତାଶୂନ୍ୟ ହୋଇଯାଉଥିବା ଜଣାପଡ଼ିଛି। ବର୍ତ୍ତମାନ ଏନଡିଆରଏଫ, ଏସଡିଆରଏଫ, ସିକିମ ପୁଲିସ ଏବଂ ପଶ୍ଚିମବଙ୍ଗରୁ ଆସିଥିବା ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ▶ପୃଷ୍ଠା-୮

### ୨୫ରୁ ଅଧିକ ଶ୍ରମିକ ଫସିଥିବା ଆଶଙ୍କା

### ପୁଲିସର ଦମନଲୀଳା

## ବିଜୟଚୌକରେ ବିଜେଡିର ପ୍ରତିବାଦ

### ହସ୍ପିଟାଲରେ ଆହତ ଛାତ୍ରଙ୍କୁ ଭେଟିଲେ ବିଜେଡି ସାଂସଦ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୭ (ସମିସ): ସୋମବାର ଦିଲ୍ଲୀ ଯନ୍ତରମନ୍ତରରୁ ସଂସଦ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ। ଦିଲ୍ଲୀ ବିଜୟ ଚୌକରେ ସମଗ୍ର ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ସହ ସାଂସଦମାନେ ପ୍ରତିବାଦ କରିଛନ୍ତି। ସଂସଦରେ ଏହି ଘଟଣା ସଂକ୍ରାନ୍ତରେ ସ୍ୱତନ୍ତ୍ର ଆଲୋଚନା ପାଇଁ ବିଜେଡି ଦାବି କରିବା ସହ ଆର୍‌ଏମ୍‌ଏଲ୍ ହସପିଟାଲରେ ଆହତ ଛାତ୍ରଛାତ୍ରୀଙ୍କୁ ସାଂସଦମାନେ ଭେଟିଛନ୍ତି।

ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ଡ.ସନ୍ତୃପ୍ତ ମିଶ୍ର, ଡ.ସସ୍ମିତ ପାତ୍ର, ଶୁଭାଶିଷ ଖୁଣ୍ଟିଆ, ସୁଲତା ଦେଇ ପ୍ରମୁଖ ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ଡଃ ରାମ ମନୋହର ଲୋହିଆ (ଆର୍‌ଏମ୍‌ଏଲ୍) ହସ୍ପିଟାଲକୁ ଯାଇ ଚିକିତ୍ସାଧୀନ ଥିବା ଛାତ୍ରଛାତ୍ରୀଙ୍କୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି। ସାଂସଦମାନେ ଆହତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ନ୍ୟାୟ ପାଇଁ ସେମାନଙ୍କ ଲଢ଼େଇରେ ବିଜୁ ଜନତା ଦଳ ସଦାସର୍ବଦା ସେମାନଙ୍କ ସହ ▶ପୃଷ୍ଠା-୮



### ସବୁ ପ୍ରସଙ୍ଗ ସ୍ଥଗିତ ରଖି ଆକ୍ରମଣ ସଂକ୍ରାନ୍ତରେ ସଂସଦରେ ହେଉ ସ୍ୱତନ୍ତ୍ର ଆଲୋଚନା

### ଓଡ଼ିଶାରେ ଏସ୍‌ଆଇଆର୍

## ୫୮ ଲକ୍ଷ ଭୋଟରଙ୍କୁ ନୋଟିସ୍



### ତାଲିକାରେ ମ୍ୟାପିଂ ହୋଇ ନଥିବା ୧୨ ଲକ୍ଷ ମଧ୍ୟ ସାମିଲ

### ଦସ୍ତାବିଜ୍ ନ ଦେଲେ କଟିପାରେ ଭୋଟର ତାଲିକାରୁ ନାମ

### ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

■ ଭୁବନେଶ୍ୱର, ୨୧।୭ (ସମିସ): ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହାପୂର୍ବରୁ ୫ ତାରିଖରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ନାମ ଥିବା ପ୍ରାୟ ୫୮ ଲକ୍ଷରୁ ଅଧିକ ଲୋକଙ୍କୁ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ)ଙ୍କ ଜରିଆରେ ନୋଟିସ୍ ଜାରି କରାଯାଉଛି। ଏଭଳି ନୋଟିସ୍ ପାଇଥିବା ବ୍ୟକ୍ତିମାନେ ଆବଶ୍ୟକୀୟ ଦସ୍ତାବିଜ ସହ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଶୁଣାଣିରେ ଉପସ୍ଥିତ ରହିପାରିବେ ବା ନିର୍ଦ୍ଧାରିତ ପୋର୍ଟାଲରେ ଲଗ୍‌ଇନ୍ କରି ଅନଲାଇନ୍‌ରେ ମଧ୍ୟ ଦସ୍ତାବିଜ ଦାଖଲ କରିପାରିବେ। ଆବଶ୍ୟକସ୍ଥଳେ ଇଆରଓ ଏବଂ ଏଇଆରଓ ମାନେ ଭିଡିଓ କଲ୍ ମାଧ୍ୟମରେ ମଧ୍ୟ ଶୁଣାଣି କରିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ ଗୋପାଳନ। ସେ କହିଛନ୍ତି ଯେ ମୁଖ୍ୟତଃ ୨ଟି କାରଣ ପାଇଁ ଲୋକମାନଙ୍କୁ ନୋଟିସ ଦିଆଯାଉଛି। ଯେଉଁ ଲୋକଙ୍କ ନାମ ମ୍ୟାପିଂ କରାଯାଇପାରି ନାହିଁ, ଅର୍ଥାତ୍ ଯେଉଁ ଭୋଟରମାନଙ୍କ ତଥ୍ୟ ୨୦୦୨ ମସିହାର ଭୋଟର ତାଲିକା ସହିତ ମେଳ ଖାଉ ନାହିଁ ସେମାନଙ୍କୁ ଏଇଆରଓଙ୍କ ଜରିଆରେ ନୋଟିସ୍ ଜାରି କରାଯାଉଛି। ସେପରି ଲୋକଙ୍କ ସଂଖ୍ୟା ୧୨ ଲକ୍ଷ। ଏହାବ୍ୟତୀତ ବୟସ, ନାମ, ଠିକଣାରେ ତ୍ରୁଟି ଥିବା ୪୬ ଲକ୍ଷ ଲୋକଙ୍କୁ ମଧ୍ୟ ନୋଟିସ୍ ଜାରି କରାଯିବ। ତେବେ ଯଦି ମ୍ୟାପିଂ ହୋଇପାରିନଥିବା ଲୋକେ ସନ୍ତୋଷଜନକ ତଥା ଆବଶ୍ୟକୀୟ ଦସ୍ତାବିଜ୍ ଦାଖଲ ନ କରନ୍ତି, ତେବେ ସେମାନଙ୍କ ନାମ ଭୋଟର ତାଲିକାରୁ କଟିଯିବାର ସମ୍ଭାବନା ରହିଛି।

ସେ କହିଛନ୍ତି ଯେ ରାଜ୍ୟରେ ଏସଆଇଆର ପ୍ରକ୍ରିୟା ସମାପ୍ତ ପରେ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ରାଜ୍ୟରେ ଏଯାବତ୍ ▶ପୃଷ୍ଠା-୮

### ଋଣ ଭାରରେ ଭାରତ

## ବର୍ଷ ଶେଷ ସୁଦ୍ଧା ଟପିବ ୨୧୮ ଲକ୍ଷ କୋଟି

### କେବଳ ସୁଧ ପରିଶୋଧରେ ଯିବ ୧୪.୦୪ ଲକ୍ଷ କୋଟି ଟଙ୍କା

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୧।୭ (ସମିସ): ଦେଶର ଆର୍ଥିକ ସ୍ଥିତି ଏବଂ ସରକାରୀ ଋଣବୋଝକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତର ସମୁଦାୟ ଋଣ ପରିମାଣ ୨୧୮.୬୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି କେନ୍ଦ୍ର ସରକାର ଆକଳନ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ଋଣ ପରିମାଣ ୨୦୧.୧୭ ଲକ୍ଷ କୋଟି ଟଙ୍କା ଥିଲା। ଚଳିତ ବର୍ଷ ଏଥିରେ ୧୭.୪୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ହେବାର ସମ୍ଭାବନା ରହିଛି। ରାଜ୍ୟସଭାରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ତଥ୍ୟ ପ୍ରଦାନ କରିଛନ୍ତି।

ସରକାରଙ୍କ ତଥ୍ୟ ଅନୁସାରେ ଦେଶର ଋଣ ବଢ଼ିବା ସହିତ ଋଣର ମୂଳଧନ ପରିଶୋଧ ପରିମାଣ ମଧ୍ୟ




ଲଗାତାର ବୃଦ୍ଧି ପାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୨.୬୨ ଲକ୍ଷ କୋଟି ଟଙ୍କା ମୂଳଧନ ପରିଶୋଧ କରିଥିବା ବେଳେ, ୨୦୨୧-୨୨ରେ ୩ ଲକ୍ଷ କୋଟି, ୨୦୨୨-୨୩ରେ ୩.୫୩ ଲକ୍ଷ କୋଟି, ୨୦୨୩-୨୪ରେ ୪.୮୮ ଲକ୍ଷ କୋଟି, ୨୦୨୪-୨୫ରେ ୪.୧୬ ଲକ୍ଷ କୋଟି ଏବଂ ୨୦୨୫-୨୬ରେ ୪.୬୧ ଲକ୍ଷ କୋଟି ଟଙ୍କା ପରିଶୋଧ କରିଛନ୍ତି। ଚଳିତ ୨୦୨୬-୨୭ ବର୍ଷରେ ଏହି ପରିମାଣ ୬.୨୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିବର୍ଷ ସରକାର ସୁଧ ବାବଦରେ ବିପୁଳ ଅର୍ଥ ପ୍ରଦାନ କରୁଛନ୍ତି । ୨୦୨୦-୨୧ରେ ସରକାର ୬.୮୦ ଲକ୍ଷ କୋଟି ଟଙ୍କା ସୁଧ ଦେଇଥିବାବେଳେ, ୨୦୨୧-୨୨ରେ ୮.୦୫ ଲକ୍ଷ କୋଟି, ୨୦୨୨-୨୩ରେ ୯.୨୯ ଲକ୍ଷ କୋଟି, ୨୦୨୩-୨୪ରେ ୧୦.୬୪ ଲକ୍ଷ କୋଟି ଏବଂ ୨୦୨୪-୨୫ରେ ୧୧.୧୬ ଲକ୍ଷ କୋଟି ଟଙ୍କା ସୁଧ ପରିଶୋଧ ହୋଇଛି। ୨୦୨୫-୨୬ରେ ଏହା ୧୨.୪୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା ଓ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସୁଧ ବାବଦରେ ୧୪.୦୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ ଆକଳନ କରିଛନ୍ତି।

ଅର୍ଥନୀତି ବିଶେଷଜ୍ଞଙ୍କ ମତରେ, ବିକାଶମୂଳକ ପ୍ରକଳ୍ପ, ଭିତ୍ତିଭୂମି ନିର୍ମାଣ ଓ ପୁଞ୍ଜି ବିନିଯୋଗ ପାଇଁ ସରକାର ଋଣ ନେବା ସ୍ୱାଭାବିକ। କିନ୍ତୁ ଯଦି ଋଣର ଗତି ଅର୍ଥନୈତିକ ଅଭିବୃଦ୍ଧିଠାରୁ ଅଧିକ ହୋଇଯାଏ, ତେବେ ଭବିଷ୍ୟତରେ ରାଜକୋଷୀୟ ଚାପ ବଢ଼ିପାରେ। ବିଶେଷକରି ସୁଧ ବାବଦରେ ବଢୁଥିବା ବ୍ୟୟ ସରକାରଙ୍କ ଉନ୍ନୟନମୂଳକ ଖର୍ଚ୍ଚକୁ ପ୍ରଭାବିତ କରିପାରେ। ତେବେ କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର ▶ପୃଷ୍ଠା-୮




ସକାଳ THE SAKALA
www.sakalaepaper.com

# ରକ୍ତମୁଖା ପୁଲିସର ବର୍ବରତା ବିରୋଧରେ ବ୍ୟାପୁଛି ଆକ୍ରୋଶ



ଯନ୍ତର ମନ୍ତରରେ କକ୍ରୋଚ୍ ପାର୍ଟିର ଆନ୍ଦୋଳନ





## କୁହୁଳୁଛି ଯନ୍ତର ମନ୍ତର

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଦେଶର ରାଜଧାନୀରେ ଚାଲିଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି) ବିକ୍ଷୋଭକୁ ସମର୍ଥନ କରି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ବଲିଉଡର ଅନେକ ଜଣାଶୁଣା କଳାକାର ସ୍ୱର ଉତ୍ତୋଳନ କରିଛନ୍ତି। ଦିଲ୍ଲୀର ରାଜରାସ୍ତାରେ ଛାତ୍ରଛାତ୍ରୀ ଏବଂ ପୁଲିସ ମଧ୍ୟରେ ଘଟିଥିବା ହିଂସାତ୍ମକ ପରିସ୍ଥିତିର ଦିନକ ପରେ ଏହି କଳାକାର ମାନେ ଛାତ୍ରଛାତ୍ରୀଙ୍କ ସମର୍ଥନରେ ବାହାରିବା ସହ ସରକାରଙ୍କୁ ଆଲୋଚନା ପାଇଁ ଆହ୍ୱାନ କରିଛନ୍ତି। ପଞ୍ଜାବୀ ଅଭିନେତା ତଥା ଗାୟକ ଦିଲଜିତ ଦୋସାଞ୍ଜ ଛାତ୍ରଛାତ୍ରୀଙ୍କ ପ୍ରତି ହୋଇଥିବା ବ୍ୟବହାରକୁ ଅତ୍ୟନ୍ତ ଦୁଃଖଦାୟକ କହିବା ସହ କର୍ତ୍ତୃପକ୍ଷ ସେମାନଙ୍କ ଅଭିଯୋଗ ଶୁଣିବା ଉଚିତ ବୋଲି ମତ ଦେଇଛନ୍ତି। ଅଭିନେତା ଦମ୍ପତି ରିତେଶ ଦେଶମୁଖ ଏବଂ ଜେନେଲିଆ ଡିସୁଜା ଯୁବପିଢ଼ିଙ୍କ ଯୁବଶକ୍ତିର ସ୍ୱର ବିନା ଭୟରେ ଶୁଣାଯିବା ଆବଶ୍ୟକ ବୋଲି କହିବା ସହ ଯୁବପିଢ଼ିଙ୍କୁ ଗଣତନ୍ତ୍ରର ସ୍ପନ୍ଦନ ଏବଂ ଦେଶର ଭବିଷ୍ୟତର ପ୍ରକୃତ ନିର୍ମାତା ଭାବେ ଅଭିହିତ କରିଛନ୍ତି। ବରିଷ୍ଠ ଅଭିନେତ୍ରୀ ଶବାନା ଆଜମୀ ଏବଂ ଅଭିନେତା-ନିର୍ଦ୍ଦେଶକ ପ୍ରକାଶ ରାଜ ଦିଲ୍ଲୀର ଯନ୍ତର ମନ୍ତରଠାରେ ବିକ୍ଷୋଭକାରୀଙ୍କ ସହ ସାମିଲ ହୋଇନ୍ତି। ଶବାନା ଆଜମୀ ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ଆଧାରିତ ବୋଲି କହିଛନ୍ତି। ଅଭିନେତ୍ରୀ ହୁମା କୁରେଶୀ

### ଛାତ୍ର ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣା ସ୍ଥଳରେ ନେତା ଓ ସେଲିବ୍ରିଟି

ଛାତ୍ରମାନଙ୍କ ଉପରେ ହୋଇଥିବା ଲାଠିଚାର୍ଜର ଦୃଶ୍ୟକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପଟେ ନନ୍ଦିତା ଦାସ କହିଛନ୍ତି ଯେ, ଗଠନମୂଳକ ଅସନ୍ତୋଷ ହିଁ ଗଣତନ୍ତ୍ରକୁ ଜୀବନ୍ତ ରଖିଥାଏ। ଅଭିନେତ୍ରୀ ସୋନାକ୍ଷୀ ସିହ୍ନା, ଭୂମି ପେଡନେକର, ନାସିରୁଦ୍ଦିନ ଶାହା, ରତ୍ନା ପାଠକ ଶାହା ଏବଂ ଅଭୟ ଦେଓଲଙ୍କ ପରି କଳାକାରମାନେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ଉପସ୍ଥାପନ କରିବାକୁ ନିବେଦନ କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟି ଯୋଗୁଁ ପ୍ରଭାବିତ ଛାତ୍ରଛାତ୍ରୀଙ୍କ ସମସ୍ୟା ଉପରେ ଧ୍ୟାନ ଦେବାକୁ ଭୂମି ପେଡନେକର କହିଛନ୍ତି। ସୂଚନାଯୋଗ୍ୟ, ଗତକାଲି ଦିଲ୍ଲୀରେ ହୋଇଥିବା ଏହି ଆନ୍ଦୋଳନ ସମୟରେ ଜଣେ ୨୦ ବର୍ଷୀୟା ଯୁବତୀ ଗୁରୁତର ଆହତ ହୋଇ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପରେ ସେଲିବ୍ରିଟିମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆଜି ସିଜେପି ନେତୃତ୍ୱାଧିନ ଛାତ୍ର ଆନ୍ଦୋଳନକୁ ସମର୍ଥନ କରି ଯନ୍ତର ମନ୍ତରରେ ବହୁ ବିଶିଷ୍ଟ ନେତା ମଧ୍ୟ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଏନସିପି (ଏସପି) ମୁଖ୍ୟ ଶରଦ ପାୱାର, ବାମପନ୍ଥୀ ସାଂସଦଙ୍କ ଏକ ପ୍ରତିନିଧିମଣ୍ଡଳୀ ଜନ୍ ବ୍ରିଟାସ୍, ଏଏ ରହିମ୍ ଏବଂ ଆମରା ରାମଙ୍କ ସମେତ ଏବଂ ଆପ୍‌ର ଅନେକ ନେତାଙ୍କ ସମେତ ଅରବିନ୍ଦ କେଜ୍ରିୱାଲ୍ ସାମିଲ ରହିଥିଲେ। ସେହିପରି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ଲୋକକଲ୍ୟାଣ ମାର୍ଗରେ ପ୍ରଦର୍ଶନ ଜାରି ରହିଥିଲା। ଏଥିରେ ଅଖିଳେଶ ଯାଦବ, ଯୋଗେନ୍ଦ୍ର ଯାଦବ, ପ୍ରିୟଙ୍କା ଗାନ୍ଧୀ, ଜୟରାମ ରମେଶ, ସୁପ୍ରିୟା ସୁଲେ, କେରଳ ମୁଖ୍ୟମନ୍ତ୍ରୀ ସତୀଶନ ପ୍ରମୁଖ ଯୋଗ ଦେଇଥିଲେ।

## ଦ୍ୱିତୀୟ ଦିନ ଧରି ସଂସଦ ଅଚଳ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ମଧ୍ୟ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଏବଂ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଜାରି ରହିଥିଲା। ବାରମ୍ବାର ମୁଲତବୀ ପରେ ଶେଷରେ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା



କରାଯାଇଛି। ମଙ୍ଗଳବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ସୋମବାର କକ୍ରୋଚ୍ ଜନତା ପାର୍ଟି (ସିଜେପି) ଦ୍ୱାରା ଆୟୋଜିତ ପ୍ରତିବାଦ ଶୋଭାଯାତ୍ରା ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ ପ୍ରସଙ୍ଗ ଉଠାଇଥିଲେ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ଏହି ବର୍ବରତା ଏବଂ ପରୀକ୍ଷା ପରିଚାଳନାରେ ସରକାରଙ୍କ ଉତ୍ତରଦାୟୀତ୍ୱ ଅଭାବ ଉପରେ ସଂସଦରେ ବିସ୍ତୃତ ଆଲୋଚନା ପାଇଁ ଦାବି କରିଥିଲେ। ରାହୁଲ ଅଭିଯୋଗ କରିଛନ୍ତି ଯେ ବାଚସ୍ପତିଙ୍କ କହିବା ଅନୁଯାୟୀ, ଏହି ବିଷୟରେ ଆଲୋଚନା ପାଇଁ ସରକାରଙ୍କ ଅନୁମତି ଆବଶ୍ୟକ, ଯାହାକୁ ସେ ଗଣତନ୍ତ୍ର ବିରୋଧୀ ବୋଲି ଦର୍ଶାଇଛନ୍ତି। ରାଜ୍ୟସଭାରେ ମଧ୍ୟ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡଗେ ଏହି ପ୍ରସଙ୍ଗ ଉଠାଇଥିଲେ। ତେବେ ସେ ଅଭିଯୋଗ କରିଛନ୍ତି ଯେ ସେ କହିବା ଆରମ୍ଭ କଲା ବେଳକୁ ତାଙ୍କ ମାଇକ୍ ବନ୍ଦ କରିଦିଆଯାଇଥିଲା। ସେହିପରି କଂଗ୍ରେସ ସାଂସଦ ଶଶି ଥରୁର ଏବଂ ଆମ୍ ଆଦମୀ ପାର୍ଟିର ସାଂସଦମାନେ ମଧ୍ୟ ସଂସଦ ପରିସରରେ ପ୍ରତିବାଦ କରି ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଜବାବ ଦାବି କରିଥିଲେ। ଅନ୍ୟପକ୍ଷରେ, ଏନଡିଏ ସଂସଦୀୟ ଦଳର ବୈଠକ 'ମଙ୍ଗଳ ମିଳନ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କହିଛନ୍ତି ଯେ ଏହା ଏକ 'ଘୋର ପାପ'। ସେ କହିଛନ୍ତି ଯେ ସରକାର ଏହି ଘଟଣା ସାମ୍ନାକୁ ଆସିବା ମାତ୍ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସୂଚନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ଏବଂ ଏକ ସୁରକ୍ଷିତ ପରୀକ୍ଷା ବ୍ୟବସ୍ଥା ଗଠନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଜେପି ସାଂସଦ ଜଗଦମ୍ବିକା ପାଲ ବିରୋଧୀଙ୍କୁ ସମାଲୋଚନା କରି କହିଛନ୍ତି ଯେ ସେମାନଙ୍କର ଗୃହ ଚଳାଇବାରେ କୌଣସି ଆଗ୍ରହ ନାହିଁ ଏବଂ ସେମାନେ ଜନସାଧାରଣଙ୍କ ଅର୍ଥ ନଷ୍ଟ କରୁଛନ୍ତି। ଆଜି ଅଧିବେସନ ଆରମ୍ଭ ହେବା ପରେ ଲୋକସଭା ଏବଂ ରାଜ୍ୟସଭାରେ ବିରୋଧୀ ସଦସ୍ୟମାନେ ପୋଷ୍ଟର, ବ୍ୟାନର ଏବଂ କଳା କପଡ଼ା ଧରି ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ। ଅଧ୍ୟକ୍ଷ ଦିଲ୍ଲୀପ ସାଇକିଆ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିବାକୁ ଅନୁରୋଧ କରିଥିଲେ ମଧ୍ୟ ହଟ୍ଟଗୋଳ ଥମିନଥିଲା। ଫଳରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଆସନ୍ତାକାଲି ସକାଳ ୧୧ଟାରେ ପୁଣି ଥରେ ଅଧିବେଶନ ଆରମ୍ଭ ହେବ।





## ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ କ୍ଷମା ମାଗନ୍ତୁ: ରାହୁଲ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ପ୍ରତିବାଦ ଶୋଭାଯାତ୍ରା ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସର ଲାଠିମାଡ଼ ଘଟଣାକୁ ନେଇ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସୋମବାର ହୋଇଥିବା ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ସେ 'ଅଣ-ଭାରତୀୟ' ବୋଲି ଅଭିହିତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ କଥାବାର୍ତ୍ତା ସମୟରେ ରାହୁଲ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ନିରୀହ ଛାତ୍ରଛାତ୍ରୀଙ୍କୁ ପୁଲିସ ଦ୍ୱାରା ପିଟାଯିବା ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ ଏବଂ ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଏହା ପୂର୍ବରୁ ରାହୁଲ ଏବଂ କିଛି ବିରୋଧୀ ସାଂସଦ ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ସଂସଦରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଅନୁରୋଧ କରିଥିଲେ। ମାତ୍ର ବାଚସ୍ପତି କହିଥିଲେ ଯେ, ସଂସଦରେ ବିତର୍କ ପାଇଁ ତାଙ୍କୁ କେନ୍ଦ୍ର ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ବୟାନକୁ ନେଇ ରାହୁଲ ବିରକ୍ତି ପ୍ରକାଶ କରିଛନ୍ତି। ଦେଶର ଶିକ୍ଷା ଏବଂ ପରୀକ୍ଷା ପରିଚାଳନା ବ୍ୟବସ୍ଥା ଆଜି ସମ୍ପୂର୍ଣ୍ଣ ରୂପେ ଦୁର୍ବଳ ହୋଇପଡ଼ିଛି ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ସରକାର ଶୁଣିବା ପରିବର୍ତ୍ତେ ସେମାନଙ୍କ ଉପରେ ପୁଲିସ ଦ୍ୱାରା ଦମନ ଚଳାଇଛନ୍ତି। ଏଥିପାଇଁ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ଗୃହମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ରିପୋର୍ଟ କରୁଥିବାରୁ, ପ୍ରଧାନମନ୍ତ୍ରୀ ମଧ୍ୟ ନିଜ ପଦରୁ ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଏହି ଘଟଣାରେ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ଏହି ପୁଲିସ କାର୍ଯ୍ୟାନୁଷ୍ଠାନକୁ ହିଟଲରଙ୍କ ଶାସନ ସହ ତୁଳନା କରିଛନ୍ତି। ସରକାର ନିଜ ଲୋକଙ୍କ ବିରୋଧରେ ଘରୋଇ ସେନା ବ୍ୟବହାର କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ରୁଷ୍ ରାଷ୍ଟ୍ରଦୂତଙ୍କୁ ଭାରତର ସମନ୍

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ୟୁକ୍ରେନର ଓଡେସା ଉପକୂଳରେ ଏକ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ମିସାଇଲ ଆକ୍ରମଣରେ ୪ଜଣ ଭାରତୀୟ ଜାହାଜ ସଦସ୍ୟଙ୍କ ମୃତ୍ୟୁ ଘଟିବା ପରେ ଭାରତ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ଘଟଣାକୁ ନେଇ ଭାରତ ମଙ୍ଗଳବାର ରୁଷିଆର ଦୂତଙ୍କୁ ସମନ କରି ଦୃଢ଼ ପ୍ରତିବାଦ ଜଣାଇଛି। ଗତକାଲି ଗିନି-ବିସାଉ ପତାକାଧାରୀ ବାଣିଜ୍ୟିକ ଜାହାଜ 'ଏମଭି ଗୋଲଡେନ୍ ଲିଓ' ୟୁକ୍ରେନର ଓଡେସା ବନ୍ଦରରୁ ମକା ବୋଝେଇ କରି ବାହାରୁଥିବା ବେଳେ ଏହି ଆକ୍ରମଣର ଶିକାର ହୋଇଥିଲା। ରୁଷିଆ ପକ୍ଷରୁ ୩ଟି କ୍ରୁଜ୍ ମିସାଇଲ ମାଡ଼ କରାଯିବା ଫଳରେ ଜାହାଜରେ ନିଆଁ ଲାଗିଯାଇଥିଲା। ଜାହାଜରେ ଥିବା ମୋଟ ୧୭ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଭାରତୀୟ ଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଭାରତୀୟ ପ୍ରାଣ ହରାଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନୂଆଦିଲ୍ଲୀରେ ଅବସ୍ଥାପିତ ରୁଷିଆର ଚାର୍ଜ ଡି' ଆଫେୟାର୍ସ ଭ୍ଲାଦିମିର ଲାଦାନୋଭଙ୍କୁ ତଲବ କରି ଏହି ଘଟଣାରେ ନିଜର କଡ଼ା ଆପତ୍ତି ଜଣାଇବା ସହ ସ୍ପଷ୍ଟୀକରଣ ମାଗିଛି। ଭାରତ ଏହି ଆକ୍ରମଣକୁ 'ଅତ୍ୟନ୍ତ ନିନ୍ଦନୀୟ' ବୋଲି ଅଭିହିତ କରିଛି।

### କ୍ଷେପଣାସ୍ତ୍ର ମାଡ଼ର ପ୍ରତିବାଦ ଜଣାଇଲା

## ଆଇପିଏସ୍ ଅଧିକାରୀଙ୍କ ଆତ୍ମହତ୍ୟା ଉଦ୍ୟମ



ହାଇଦ୍ରାବାଦ, ୨୧।୭ (ଏଜେନ୍ସି): ସହକର୍ମୀଙ୍କ ଦ୍ୱାରା ଗୁରୁତର ଯୌନ ନିର୍ଯାତନା ଓ ଅସଦାଚରଣ ଅଭିଯୋଗ ଆସିବା ପରେ ହାଇଦ୍ରାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୁଲିସ ଏକାଡେମୀର ଜଣେ ଆଇପିଏସ ତାଲିମ ପ୍ରଶିକ୍ଷାର୍ଥୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅଭିଯୁକ୍ତ ପ୍ରଶିକ୍ଷାର୍ଥୀ ଉଦୟ କ୍ରିଷ୍ଣା ରେଡ୍ଡୀ ବିଷ ପାନ କରିଥିବା ସନ୍ଦେହ କରାଯାଉଛି। ସେ ବର୍ତ୍ତମାନ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣେ ୩୦ ବର୍ଷୀୟା ମହିଳା ଆଇପିଏସ ପ୍ରଶିକ୍ଷାର୍ଥୀ ଉଦୟଙ୍କ ବିରୋଧରେ ହାଇଦ୍ରାବାଦ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ଉଦୟ ଏକ ଦୁଇ ପୃଷ୍ଠାର ସୁଇସାଇଡ୍ ନୋଟ୍ ଲେଖିଥିଲେ। ସେଥିରେ ସେ ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି। ସେ ଏବଂ ସମ୍ପୃକ୍ତ ମହିଳା ୨୦୨୫ ଜୁନ୍‌ରୁ ପ୍ରେମ ସମ୍ପର୍କରେ ଥିଲେ ଏବଂ ମହିଳାଙ୍କ ବିବାହ ପରେ ମଧ୍ୟ ସେ ସମ୍ପର୍କ ରଖିବାକୁ ଜିଦ୍ ଧରିଥିଲେ। ପ୍ରମାଣ ସ୍ୱରୂପ ସେ ଏହି ଘଟଣାର ଭିଡିଓ ରେକର୍ଡ କରି ମହିଳାଙ୍କ ସ୍ୱାମୀଙ୍କ ପାଖକୁ ପଠାଇଥିଲେ ବୋଲି ସ୍ୱୀକାର କରିଛନ୍ତି।



## ମେଦାନ୍ତ ହସ୍ପିଟାଲ ଗଲେ ୱାଙ୍ଗଚୁକ୍

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କ ସୁବିଧା ଅନୁସାରେ ତୁରନ୍ତ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ଯନ୍ତର ମନ୍ତରଠାରେ ଗତ ୨୦ ଦିନ ଧରି ଅନଶନରେ ବସିଥିବା ୱାଙ୍ଗଚୁକଙ୍କୁ ପୁଲିସ ଜବରଦସ୍ତି ସେଠାରୁ ହଟାଇ ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଥିଲା। ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ ଦୀର୍ଘ ଦିନର ଅନଶନ ଯୋଗୁଁ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟବସ୍ଥା ଦ୍ରୁତ ଗତିରେ ବିଗିଡ଼ିବାରେ ଲାଗିଛି। ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ୱାଙ୍ଗଚୁକଙ୍କୁ ମେଦାନ୍ତ ହସ୍ପିଟାଲରେ ଏକ ବିଶେଷଜ୍ଞ ଡାକ୍ତରୀ ପ୍ୟାନେଲଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଉ। ଏଥିସହ ସଫଦରଜଙ୍ଗ ହସ୍ପିଟାଲରେ ହୋଇଥିବା ସମସ୍ତ ପରୀକ୍ଷା ରିପୋର୍ଟ ଓ ଚିକିତ୍ସା ସମ୍ବନ୍ଧୀୟ ତଥ୍ୟ ମେଦାନ୍ତ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ କୋର୍ଟ କହିଛନ୍ତି। ଜବାବରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ ୱାଙ୍ଗଚୁକଙ୍କୁ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ। ତେବେ ସେ ଆଶଙ୍କା ପ୍ରକଟ କରିଥିଲେ ଯେ କିଛି ବ୍ୟକ୍ତି ତାଙ୍କୁ ଡାକ୍ତରୀ ପରାମର୍ଶ ବିନା ହସ୍ପିଟାଲରୁ ବାହାର କରି ପୁଣି ଥରେ ପ୍ରତିବାଦ ସ୍ଥଳକୁ ନେବାକୁ ଚେଷ୍ଟା କରୁଛନ୍ତି। ମେହେଟ୍ଟା ଯୁକ୍ତି ବାଢ଼ିଥିଲେ ଯେ ଯଦି ସେ ଏହି ଅବସ୍ଥାରେ ପୁଣି ଥରେ ଅନଶନ ସ୍ଥଳକୁ ଫେରିଯାଆନ୍ତି, ତେବେ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ।

## ୨୦ ବର୍ଷୀୟା ଛାତ୍ରୀ ଆଇସିୟୁରେ ଭର୍ତ୍ତି

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଦିଲ୍ଲୀର ଯନ୍ତର ମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଜଣେ ୨୦ ବର୍ଷୀୟା ଯୁବତୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂତ୍ର ଅନୁସାରେ, ବର୍ତ୍ତମାନ ସେ ରାମ ମନୋହର ଲୋହିଆ (ଆର୍‌ଏମ୍‌ଏଲ୍) ହସ୍ପିଟାଲର ଆଇସିୟୁରେ ଭେଣ୍ଟିଲେଟର ସହାୟତାରେ ଚିକିତ୍ସିତ ହେଉଛନ୍ତି। ଗତ ସୋମବାର ଯନ୍ତର ମନ୍ତରଠାରେ ପୁଲିସ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ସମୁଦାୟ ୯୦ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ ଉକ୍ତ ଯୁବତୀ ଜଣକ ଏକ ବ୍ୟାରିକେଡ୍ ସହିତ ଧକ୍କା ହେବା ଫଳରେ ଗୁରୁତର ଆହତ ହୋଇଥିଲେ। ମଙ୍ଗଳବାର ସକାଳ ସୁଦ୍ଧା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆହତମାନଙ୍କ ମଧ୍ୟରୁ ୭୯ ଜଣଙ୍କୁ ଡିସଚାର୍ଜ କରାଯାଇଛି। ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ ଏବଂ ପରୀକ୍ଷା ପରିଚାଳନାରେ ଅନିୟମିତତାକୁ ବିରୋଧ କରି ସିଜେପିର 'ସଂସଦ ଚଲୋ' ପଦଯାତ୍ରାରେ ହଜାର ହଜାର ସମର୍ଥକ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ବିକ୍ଷୋଭକାରୀମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବା ସହ ସୋନମ ୱାଙ୍ଗଚୁକଙ୍କ ବିନା ସର୍ତ୍ତରେ ମୁକ୍ତି ଏବଂ ମୃତ ନିଟ୍ ଆଶାୟୀଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ, ଏହି ସଂଘର୍ଷରେ ୧୧୮ ରୁ ଅଧିକ ପୁଲିସ କର୍ମଚାରୀ ଏବଂ ପ୍ରାୟ ୬୦ ଜଣ ପ୍ରଦର୍ଶନକାରୀ ଆହତ ହୋଇଛନ୍ତି।



VIKASH DEGREE COLLEGE, BARGARH
Excellence is a Habit @ VIKASH

PG Courses Offered:
• M.A. (English)
• M.Com. (Accountancy)
• M.Sc. (Chemistry)
UG Courses Offered:
• B.A. (Hons): Economics, Education, English, Pol. Science, Psychology
• B.Com. (Hons): Accountancy
• B.Sc. (Hons): Physics, Chemistry, Mathematics, Computer Science, Botany, Zoology
APPLY ONLINE SAMS Portal
Vikash Higher Educational Institutions, Barahaguda, Bargarh (Odisha)
Visit us@ www.vdcbargarh.ac.in
Contact for Admission Details:
70080 41847
94372 10555
ADMISSION OPEN FOR 2026-27
Vikash Degree College

## ଦକ୍ଷିଣ ମୋଡ଼ରେ ବର୍ଷା ବାଧକ

# ନାକଚଣା ଦ୍ୱାରରେ ଦେବଦଳନ



■ ଅଧାରେ ବନ୍ଦ ରହିଲା ତାଳଧ୍ୱଜ, ଗଡ଼ିନି ନନ୍ଦିଘୋଷ
■ ଆଜି ସକାଳେ ହେବ ଦକ୍ଷିଣ ମୋଡ଼
■ ଅଢ଼େଇ ଘଣ୍ଟା ବିଳମ୍ବରେ ଆଜ୍ଞାମାଳ ବିଜେ

ପୁରୀ,୨୧।୭ (ସମିସ): ପବିତ୍ର ହେରାପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଙ୍ଗରେ ନ ଯିବାରୁ ଅଭିମାନ କରି ଚାଲିଗଲେ ଲକ୍ଷ୍ମୀ ସାଆନ୍ତାଣୀ। ପ୍ରାଣପ୍ରିୟାଙ୍କ ମନକଥା ଜାଣିପାରି ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତ ଆରମ୍ଭ କରିଛନ୍ତି ବିଶ୍ୱନିୟନ୍ତା। ଆସନ୍ତା ୨୪ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ ମଙ୍ଗଳବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ନୀତି ବିଳମ୍ବ ଏବଂ ପ୍ରବଳ ବର୍ଷା ଯୋଗୁଁ ତାଳଧ୍ୱଜ ରଥଟଣା ଅଧାରୁ ବନ୍ଦ ରଖାଯାଇଥିବାବେଳେ ନନ୍ଦିଘୋଷ ରଥ ଆଦୌ ଗଡ଼ି ନାହିଁ। ବୁଧବାର ତାଳଧ୍ୱଜ ଏବଂ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯିବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ଆଜ୍ଞାମାଳ ବିଜେ ହେବା ଲାଗି ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ଅଢ଼େଇ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ଣ ୩ଟା ୧୦ରେ ଆଜ୍ଞାମାଳ ବିଜେ ହୋଇଥିଲା।

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଆଡ଼ପ ମଣ୍ଡପରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଠାକୁରଙ୍କ ନୀତିକାନ୍ତି ସୁରୁଖୁରୁରେ ଚାଲିଛି। ସୋମବାର ହେରାପଞ୍ଚମୀ ନୀତି ବିଳମ୍ବ ହୋଇଥିଲା। ତେଣୁ ମଙ୍ଗଳବାର ସକାଳ ସାଢ଼େ ୮ଟାରେ ମଙ୍ଗଳ ଆଳତି ହୋଇଥିଲା। ପୂର୍ବାହ୍ଣ ୧୦ଟା ୪୫ରେ ଅବକାଶ ନୀତି ବଢ଼ିବା ପରେ ସାହାଣମେଲା ଦର୍ଶନ ହୋଇଥିଲା। ଏହାପରେ ଦ୍ୱାରପାଳ ପୂଜା ଶେଷ ହୋଇ ଅପରାହ୍ଣ ୨ଟା ୧୦ରେ ସକାଳ ଧୂପ ଓ ଭୋଗମଣ୍ଡପ ଉଠିବା ପରେ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା। ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନିରଥକୁ ବାହୁଡ଼ା ବିଜେ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ଏହି ସମୟରେ ପାଗରେ ଆସିଥିଲା ପରିବର୍ତ୍ତନ। ଶ୍ରୀକ୍ଷେତ୍ର ଆକାଶକୁ ମେଘ ଢାଙ୍କି ରହିଥିଲା। ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ୍ ଓ ଦଉଡ଼ି ସଂଯୋଗ କରାଯାଇଥିଲା। ରାସ୍ତାର ଦୁଇପାଖରେ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଥିଲା। ପୁଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦେବଦଳନ ରଥକୁ ଟାଣି ନେଇଥିଲେ। ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଅଣାଯାଇଥିଲା। ଏହାପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲା ପୁରୀରେ। ବର୍ଷା ସତ୍ତ୍ୱେ କିଛି ସମୟ ରଥଟଣା ଯାଇଥିଲା। ସନ୍ଧ୍ୟା ନଇଁଯିବା ଏବଂ ବର୍ଷା ଯୋଗୁଁ ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼ ସନ୍ଧ୍ୟା ୬ଟା ୧୦ରେ ବନ୍ଦ ରଖାଯାଇଥିଲା। ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଆଦୌ ଗଡ଼ି ନାହିଁ। ବୁଧବାର ସକାଳେ ଅଧାବାଟରେ ଥିବା ତାଳଧ୍ୱଜ ଓ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

## ପ୍ରାଥମିକ ଶିକ୍ଷାରେ ବିକଳ ଚିତ୍ର

# ରାଜ୍ୟରେ ବଢ଼ିଲା ଏକ ଶିକ୍ଷକ ସ୍କୁଲ ସଂଖ୍ୟା

■ ବର୍ଷକରେ ୩୬୯ ସ୍କୁଲରେ କମିଲେ ଶିକ୍ଷକ
■ ୧୪୫୮ ସ୍କୁଲରେ ମାତ୍ର ଜଣେ ଶିକ୍ଷକ

ଭୁବନେଶ୍ୱର,୨୧।୭ (ସମିସ): ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଯୋଜନା କରିଛନ୍ତି। ନୂତନ କୋଠା ସାଙ୍ଗକୁ ଆନୁସଙ୍ଗିକ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରୁଛନ୍ତି। ମାତ୍ର ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସ୍କୁଲରେ ଶିକ୍ଷକ ନାହାନ୍ତି। ରାଜ୍ୟର ୧,୪୫୮ ଟି ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ରହିଛନ୍ତି। ୨୦୨୪-୨୫ ତୁଳନାରେ ୨୦୨୫-୨୬ ଶିକ୍ଷାବର୍ଷରେ ଆହୁରି ୩୬୯ ଟି ସ୍କୁଲ୍ ଏକକ ଶିକ୍ଷକରେ ପରିଣତ ହୋଇଛି। କ୍ରମାଗତ ଭାବେ ଶିକ୍ଷକ ସଂଖ୍ୟା କମିବା ଏବଂ ଏକକ ଶିକ୍ଷକ ଥିବା ବିଦ୍ୟାଳୟ ସଂଖ୍ୟା ବଢ଼ୁଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ୟୁ-ଡାଇଜ୍ ପ୍ଲସ୍ ରିପୋର୍ଟରେ ପ୍ରକାଶ ପାଇବା ପରେ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପଡ଼ିଛି।

ରିପୋର୍ଟ ଅନୁଯାୟୀ ୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟରେ ୧,୦୮୯ ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ କାର୍ଯ୍ୟରତ ଥିଲେ। ୨୦୨୫-୨୬ ବେଳକୁ ତାହା ୧,୪୫୮ ରେ ପହଞ୍ଚିଛି। ମାତ୍ର ଗୋଟିଏ ବର୍ଷରେ ନୂତନ ଭାବେ ୩୬୯ଟି ବିଦ୍ୟାଳୟ ଏହି ଏକକ ଶିକ୍ଷକ ତାଲିକାରେ ଯୋଡ଼ି ହୋଇଛି। ଅପରପକ୍ଷରେ ଏସବୁ ସ୍କୁଲ୍‌ରେ ପ୍ରାୟ ୫୯ହଜାର ୬୭୨ କୋମଳମତି ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨୦୨୪-୨୫ ରେ ୪୭,୯୪୦ ପିଲା ଜଣେ ଶିକ୍ଷକ ଥିବା ବିଦ୍ୟାଳୟରେ ପଢ଼ୁଥିଲେ। ଗୋଟିଏ ବର୍ଷରେ ପ୍ରାୟ ୧୧ ହଜାର ୭୩୨ ଜଣ ଅଧିକ ପିଲା ଏକକ ଶିକ୍ଷକ ଥିବା ବିଦ୍ୟାଳୟରେ ବଢ଼ିଛନ୍ତି।

ଏସବୁ ବିଦ୍ୟାଳୟରେ ପିଲା ସଂଖ୍ୟା ବଢ଼ୁଥିବାବେଳେ ଶିକ୍ଷକଙ୍କ ସଂଖ୍ୟା କମୁଥିବାରୁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ଭଗବାନଙ୍କ ଭରସାରେ ରହିଛି। ଏକକ ଶିକ୍ଷକ କାରଣରୁ ଗୋଟିଏ ଶ୍ରେଣୀରେ କେବଳ ଗୋଟିଏ ଶ୍ରେଣୀ ନୁହେଁ, ବରଂ ୫ଟି ଶ୍ରେଣୀର ପିଲାଙ୍କୁ ବସାଇ ପାଠ ପଢ଼ାଇବାକୁ ପଡ଼ୁଛି। ଏହା ବାଦ୍ ପିଲାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରିବା ଏବଂ ନିର୍ବାଚନ ଡ୍ୟୁଟି, ଜନଗଣନାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପରି ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ ହେବା ଶିକ୍ଷାଦାନ ବ୍ୟବସ୍ଥାକୁ ଅଧିକ ବିପର୍ଯ୍ୟସ୍ତ କରୁଛି। ଚଳିତ ବର୍ଷ ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ରହିଥିବାବେଳେ ଜଣେ ଶିକ୍ଷକ ଥିବା ବିଦ୍ୟାଳୟରେ ପିଲାଙ୍କୁ କିପରି ଉନ୍ନତ ଶିକ୍ଷାଦାନ କରାଯାଇ ପାରିବ ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି।

# ହାଇକୋର୍ଟରେ ୧୬ ବିଚାରପତି ପଦ ଖାଲି

## ୧ ଲକ୍ଷ ୬୯ ହଜାର ମାମଲା ବିଚାରାଧୀନ

କଟକ,୨୧।୭ (ସମିସ): ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ମାମଲା ବୋଝ ବଢ଼ୁଥିବା ବେଳେ ବିଚାରପତି ସଂଖ୍ୟା କମିକମି ଚାଲିଛି। ଖାଲି ପଡିଥିବା ମଞ୍ଜୁରିପ୍ରାପ୍ତ ବିଚାରପତି ପଦ ପୂରଣ ହୋଇପାରୁନାହିଁ। ବର୍ତ୍ତମାନ ହାଇକୋର୍ଟରେ ମୋଟ ୩୩ଟି ମଞ୍ଜୁରିପ୍ରାପ୍ତ ବିଚାରପତି ପଦବି ଥିବା ବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ମୋଟ ୧୭ଜଣ ବିଚାରପତି ରହିଛନ୍ତି। ଯାହା ବିଗତ ୫ବର୍ଷ ମଧ୍ୟରେ ସର୍ବନିମ୍ନ ବୋଲି ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ୨୦୨୨ମସିହା ଶେଷ ଆଡକୁ ହାଇକୋର୍ଟରେ ୨୨ଜଣ କାର୍ଯ୍ୟରତ ବିଚାରପତି ଥିଲେ। ଏପରିକି ୨୦୨୩ ଡିସେମ୍ବର ମାସ ସୁଦ୍ଧା ଏହା କମି ୨୦ରେ ପହଞ୍ଚିଥିଲା। ଚଳିତ ବର୍ଷ ବିଚାରପତି ସଂଖ୍ୟା ୧୯ଥିଲା ବେଳେ ନିକଟ ଅତୀତରେ ଦୁଇ ଜଣ ବିଚାରପତି ଜଷ୍ଟିସ ଆନନ୍ଦଚନ୍ଦ୍ର ବେହେରା ଓ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କ ଅବସର ଗ୍ରହଣ ପରେ ସଂଖ୍ୟା ୧୭କୁ ହ୍ରାସ ପାଇଛି। ସେହିଭଳି ଆସନ୍ତା ନଭେମ୍ବର ମାସରେ ମୁଖ୍ୟ ବିଚାରପତି ଅବସର ଗ୍ରହଣ କରିବାକୁ ଥିବା ବେଳେ ୨୦୨୭ ମସିହା ପ୍ରଥମାର୍ଦ୍ଧରେ ଆଉ ଦୁଇ ବିଚାରପତି ଅବସର ନେବେ। ବର୍ତ୍ତମାନ ଖାଲି ପଡିଥିବା ବିଚାରପତି ପଦ ସଂଖ୍ୟା ୧୬ରେ ପହଞ୍ଚିଛି। ଏଥିମଧ୍ୟରେ ୭ ବିଚାରପତି ଓ ୯ ଅତିରିକ୍ତ ବିଚାରପତି ପଦ ରହିଛି। ବିଚାରପତିଙ୍କ ସଂଖ୍ୟା କମିବା ହାଇକୋର୍ଟରେ ମାମଲା ଫଏସଲା ହାରକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ମଞ୍ଜୁରୀପ୍ରାପ୍ତ ବିଚାରପତି ପଦର ୪୮ ପ୍ରତିଶତ ଖାଲି ଥିବା ଜଣାପଡିଛି।

ସୂଚନାନୁସାରେ, ହାଇକୋର୍ଟରେ ଗତ୨୦୨୫ମସିହା ଜାନୁଆରୀ୧ରୁ ମେ୩୧ ମଧ୍ୟରେ ମାମଲା ଫଏସଲା ହାର ଥିଲା ୮୮.୨୧ପ୍ରତିଶତ। ହେଲେ ଚଳିତବର୍ଷ ଅର୍ଥାତ ୨୦୨୬ଜାନୁଆରୀ ପହିଲାରୁ ମେ୩୧ ମଧ୍ୟରେ ମାମଲା ଫଏସଲା ହାର ହ୍ରାସ ପାଇ ୮୨.୯୮ପ୍ରତିଶତ ରହିଛି। ୨୦୨୫ ଜାନୁଆରୀ ପହିଲାରୁ ମେ୩୧ପର୍ଯ୍ୟନ୍ତ ୫ମାସ ମଧ୍ୟରେ ମୋଟ ୩୭୮୮୪ଟି ନୂତନ ମାମଲା ରୁଜୁ ହୋଇଥିଲା ବେଳେ ୩୩୨୧୯ଟି ଫଏସଲା ହୋଇପାରିଥିଲା। ୨୦୨୬ର ଏହି ଅବଧି ମଧ୍ୟରେ ୪୦,୩୮୧ମାମଲା ରୁଜୁ ହୋଇଥିବା ବେଳେ ୩୩,୫୧୦ଟି ମାମଲା ଫଏସଲା ହୋଇଛି। ଗତ୨୦୨୫ ମସିହା ମେ୩୧ ସୁଦ୍ଧା ବିଚାରାଧିନ ମାମଲା ସଂଖ୍ୟା ୧,୬୪,୬୪୪ ରହିଥିଲା। ବର୍ତ୍ତମାନ ସୁଦ୍ଧା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ରହିଛି ୧ଲକ୍ଷ୬୯ ହଜାର ୧୨୩ରେ ପହଞ୍ଚିଛି।

# ହୀରାକୁଦର ଆଉ ୬ ଗେଟ୍ ଖୋଲିଲା

ସମ୍ବଲପୁର, ୨୧।୭ (ସମିସ) : ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ରେ କଲମା ଡ୍ୟାମ ଓ ବ୍ୟାରେଜ୍‌ରୁ ଜଳ ନିଷ୍କାସନ ପରେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ସୋମବାର ୪ଟି ଗେଟ୍ ଖୋଲାଯାଇଥିବାବେଳେ ମଙ୍ଗଳବାର ପର୍ଯ୍ୟାୟକ୍ରମେ ଆଉ ୬ଟି ଗେଟ୍ ଖୋଲାଯାଇଛି। ମୋଟ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ୧୦ଟି ଗେଟ୍ ଦେଇ ଆରମ୍ଭ ହୋଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାସହ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ଗେଟ୍ ଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୭ଟି ଏବଂ ଡାହାଣ ପାର୍ଶ୍ୱର ୩ଟି ଏହିପରି ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୪୭,୫୪୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୫୯,୫୮୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୪,୯୭୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୯୫୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୪୦୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୩,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩୮,୮୦୭ କ୍ୟୁସେକ୍, ଖଇରମାଳଠାରେ ୧,୭୦,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୩୫,୭୫୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧,୫୨,୩୦୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨୫.୦୫ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୮.୨୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

# ଭିସୁଟ୍‌ରେ ଛାତ୍ର ଅଶାନ୍ତି

ସମ୍ବଲପୁର, ୨୧।୭ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଓ ୟୁନିଫର୍ମକୁ ନେଇ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ। ନିମ୍ନମାନର ଖାଦ୍ୟ ଓ ଅନ୍ୟ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ପରେ ବି କର୍ତ୍ତୃପକ୍ଷ ପଦକ୍ଷେପ ନ ନେବାରୁ ପ୍ରତିବାଦ କରୁଛନ୍ତି। ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ ପ୍ରଥମେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ



କରିଥିଲେ। ପରେ ଭିସୁଟ୍ ମୁଖ୍ୟଫାଟକ ସମ୍ମୁଖରେ ଘଣ୍ଟାଘଣ୍ଟା ଧରି ଧାରଣାରେ ବସିଥିଲେ। ଭିସୁଟ୍ କୁଳପତି ବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଛାତ୍ରଛାତ୍ରୀମାନେ ଧାରଣାରୁ ହଟିଥିଲେ। ବିଶ୍ୱବିଦ୍ୟାଳୟ ଓ ଛାତ୍ରାବାସରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଭିସୁଟ୍ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହଷ୍ଟେଲରେ ନିମ୍ନମାନର ଖାଦ୍ୟ ପରିବେଷଣ, ଜଳଯୋଗାଣରେ ଅନିୟମିତତା, ଗୋଟିଏ ରୁମ୍‌ରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ରଖାଯିବା ଆଦି ମୌଳିକ ପ୍ରସଙ୍ଗ ସହ ବିଶ୍ୱବିଦ୍ୟାଳୟରେ ୟୁନିଫର୍ମ (ଡ୍ରେସକୋଡ୍) ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତିକୁ ଛାତ୍ରଛାତ୍ରୀମାନେ ବିରୋଧ କରିଛନ୍ତି। ସେମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କଲାପରେ ପୁଣି ଭିସୁଟ୍ ମୁଖ୍ୟଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାକୁ ନେଇ ଭିସୁଟ୍ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଭିସୁଟ୍ କର୍ତ୍ତୃପକ୍ଷ ଧମକଚମକ ଦେବା ଅଭିଯୋଗ ହୋଇଛି। ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ କହିଛନ୍ତି, ଛାତ୍ରଛାତ୍ରୀ ମାନଙ୍କ ଆନ୍ଦୋଳନର ମୁଖ୍ୟ ପ୍ରସଙ୍ଗ ଥିଲା ସେମାନେ ବିଶ୍ୱବିଦ୍ୟାଳୟର ପ୍ରଚଳିତ ୟୁନିଫର୍ମ ପିନ୍ଧିବେନି। ତେବେ, ଏହା ସେମାନଙ୍କ ସୁରକ୍ଷା ସହିତ ଅନୁଷ୍ଠାନର ଶୃଙ୍ଖଳିତ ବ୍ୟବସ୍ଥା ସକାଶେ ଜରୁରୀ। ଆସନ୍ତା ଗୁରୁବାର ୧୦ଟା ବେଳେ ଅଭିଭାବକ ମାନଙ୍କ ଏକ ବୈଠକ ଡକାଯାଇଛି। ସେଥିରେ ଏନେଇ ଆଲୋଚନା କରାଯିବ। ଏହାପରେ ଅପରାହ୍ଣରେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଏକାଡେମିକ କାଉନସିଲ ବୈଠକ ରହିଥିବା କୁଳପତି ପ୍ରଫେସର ସାହୁ ସୂଚନା ଦେଇଛନ୍ତି।

## କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ନିର୍ବାଚନ

# ସମସ୍ତ ୧୪ ସିଟ୍‌ରେ ବିଜେଡିର ବାଜିମାତ୍




କେନ୍ଦୁଝର, ୨୧।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ବାଜିମାତ କରିଛନ୍ତି। ସମସ୍ତ ୧୪ଟି ସିଟରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ବିପୁଳ ବିଜୟ ହାସଲ କରିଛନ୍ତି। ଜିଲ୍ଲା ଯୋଜନା ବୋର୍ଡରେ ସଦସ୍ୟ ନିମନ୍ତେ ନାମାଙ୍କନ ପରେ ଗତ ୮/୭/୨୦୨୬ରେ ଯାଞ୍ଚ ହୋଇ ପ୍ରଥମ ଦଫାରେ ବିଜେଡିର ସମସ୍ତ ୭ ଜଣ ସାଧାରଣ ବର୍ଗର ପ୍ରାର୍ଥୀ ୨ ନମ୍ବର ଜୋନର ସଦସ୍ୟ ଜିତେନ୍ଦ୍ର ସାମଲ, ୫ ଜୋନ ସଦସ୍ୟ ରଥ ମୁଣ୍ଡା, ୯ ନମ୍ବର ଜୋନ ସଦସ୍ୟ ସୁରେନ୍ଦ୍ର ଜେନା, ୨୦ ନମ୍ବର ଜୋନର କେଦାରଚନ୍ଦ୍ର ପ୍ରଧାନ, ୨୬ ନମ୍ବର ଜୋନର ଶଶିକାନ୍ତ ଖିଲାର, ୨୯ ନମ୍ବର ଜୋନର ସଦସ୍ୟ ବୁଦ୍ଧଦେବ ମହାକୁଡ଼ ଏବଂ ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ ପ୍ରମୁଖ ନିଦ୍ୱର୍ନ୍ଦ୍ୱରେ ବିଜୟୀ ହୋଇଥିଲେ। ତେବେ, ମହିଳା ବର୍ଗର ୭ଟି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପିର ୧ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର ପରାଜିତ ହୋଇଥିବାବେଳେ ବିଜେଡିର କୌଶଲ୍ୟା ସେଠୀ, କ୍ଷୀରୋଦିନି ମହାକୁଡ଼, ମଧୁସ୍ମିତା ଦାସ, ମଇନ ସୋରେନ, ରମଣୀ ନାୟକ, ରୁନୁ ମହାନ୍ତ ଏବଂ ଶାନ୍ତିଲତା ରଣା ପ୍ରମୁଖ ବିଜେଡିର ୭ ଜଣ ପ୍ରାର୍ଥିନୀ ବିଜୟୀ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ପରିଷଦର ୩୭ଟି ଜୋନ ମଧ୍ୟରୁ ସଦର ବ୍ଲକର ୪ ନମ୍ବର ଜୋନ ସଦସ୍ୟା ଲୀଳାବତୀ ମହାନ୍ତ ଏବଂ ପାଟଣା ବ୍ଲକର ଜୋନ ନମ୍ବର ୨୧ର ସଦସ୍ୟ ପ୍ରଫୁଲ୍ଲ ନାୟକଙ୍କର ମୃତ୍ୟୁ ଯୋଗୁଁ ପଦ ଖାଲି ରହିଛି। ଅନ୍ୟପକ୍ଷରେ ଘଟଗାଁ ବ୍ଲକ ୮ ନମ୍ବର ଜୋନର ସଦସ୍ୟା ରଞ୍ଜିତା ନାୟକ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ ୩୪ ଜଣ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ରହିଛନ୍ତି। ଜିଲ୍ଲା ଯୋଜନା ବୋର୍ଡରେ ବିଜେଡିର ସମସ୍ତ ୧୪ଟି ସିଟରେ ବିଜୟୀ ପ୍ରାର୍ଥୀଙ୍କୁ ବିଜେଡିର କେନ୍ଦୁଝର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତି, ବିଜେଡି ନେତା ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ବିଜେଡି ନେତ୍ରୀ ତଥା ପୂର୍ବତନ ପୌରାଧକ୍ଷା ମୀନା ମାଝୀ, ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ସାହୁ, ବିଜେଡି ଆଇଟି ସେଲର ଜଗଦୀଶ ଆପଟ୍ଟଙ୍କ ସମେତ ବହୁ ବିଜେଡି ନେତା ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଯାଇ ଶୁଭେଚ୍ଛା ଜଣାଇଥିଲେ।

# ମୌସୁମୀ ସକ୍ରିୟ, ବର୍ଷା ଜାରି

ଭୁବନେଶ୍ୱର,୨୧।୭ (ସମିସ): ସକ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷା ସ୍ଥିତି ଲାଗି ରହିଛି। ମୌସୁମୀ ଟ୍ରଫ ସକ୍ରିୟ ରହିଥିବା ବେଳେ ଏବେ ଓଡ଼ିଶା ଉପରେ ଗୋଟିଏ ଘୂର୍ଣ୍ଣିବଳୟର ମଧ୍ୟ ପ୍ରଭାବ ରହୁଛି। ଏଥିପାଇଁ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ଦିନତମାମ୍ ବର୍ଷା ଲାଗିରହିଛି। ଭୁବନେଶ୍ୱରରେ ଅପରାହ୍ଣ ୪ ଟା ପରେ ବର୍ଷା ଆରମ୍ଭ ହୋଇ ପ୍ରାୟ ସାଢ଼େ ୬ ଟା ପର୍ଯ୍ୟନ୍ତ ଜାରି ରହିଥିବା ବେଳେ ରାଜ୍ୟର ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ଭଲ ବର୍ଷା ଅନୁଭୂତ ହୋଇଛି। ରାଜ୍ୟରେ ଆହୁରି ୬ ଦିନ ଯାଏ ବର୍ଷା ସମ୍ଭାବନା ରହିଛି। ଏମିତିକି ଆସନ୍ତା ୨୩-୨୪ ବେଳକୁ ଏକ ଲଘୁଚାପର ମଧ୍ୟ ଆଶଙ୍କା କରାଯାଉଛି। ଏହାଦ୍ୱାରା ବାହୁଡ଼ାରେ ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟାରେ ରାଜ୍ୟରେ ୧୦ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଏଥିରେ କେନ୍ଦୁଝରରେ ୮୩ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ୮୧ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଝାରସୁଗୁଡ଼ା ୫୦, କଟକ ୪୪, ସୁନ୍ଦରଗଡ଼ ୪୬, ମାଲକାନଗିରି ୪୮, ସୋନପୁର ୫୮, ଦେବଗଡ଼ ୪୬ ମିମି ବର୍ଷା ରେକର୍ଡ ହୋଇଛି। ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଏହି ୫ ଜିଲ୍ଲାରେ ପ୍ରବଳ ବର୍ଷା ସହ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ଯାଜପୁର ଓ ବାଲେଶ୍ୱରରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହିପରି ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବର୍ଷା ନେଇ ଆଲର୍ଟ ଜାରି କରାଯାଇଛି। ରାଜ୍ୟରେ ଜୁନ ୧ରୁ ଏଯାବତ ୪୮୮.୯ ମିମି ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷାଠାରୁ ବର୍ଷାର ପରିମାଣ ୧୩ ପ୍ରତିଶତ ଅଧିକ ରହିଛି।

## ରାଜ୍ୟରେ ସାର ସଙ୍କଟ ତୀବ୍ର

# ସବୁଜ ସାର ଯୋଜନା ବାଟବଣା

## କାହା ପକେଟ ଭରିବାକୁ ୪ ଗୁଣ ହେଲା ଧନିଚା ବିହନ ମୂଲ୍ୟ

ଭୁବନେଶ୍ୱର, ୨୧।୭ (ସମିସ): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷର ପ୍ରଭାବ ଏବେ ଦେଶର କୃଷି କ୍ଷେତ୍ରରେ ଗଭୀର ଭାବରେ ପଡ଼ିଛି। ଖରିଫ ଚାଷ ଋତୁ ଆରମ୍ଭ ହୋଇଥିବାରୁ ୟୁରିଆ, ଡିଏପି ଓ ଏନ୍‌ପିକେ ଭଳି ରସାୟନିକ ସାରର ଚାହିଦା ବଢ଼ିଥିବା ବେଳେ ଯୋଗାଣ ଅଭାବ ରାଜ୍ୟର ଚାଷୀଙ୍କ ଚିନ୍ତା ବଢ଼ାଇଛି। ଏପରି ସ୍ଥିତିରେ ସରକାର ରସାୟନିକ ସାରର ବିକଳ୍ପ ଭାବେ ଧନିଚା ଚାଷକୁ ପ୍ରୋତ୍ସାହନ ଲାଗି କରିଥିବା ଯୋଜନା ବି ଆଗେଇ ପାରିନାହିଁ। ଧନିଚା ବିହନର ଅସ୍ୱାଭାବିକ ଦରବୃଦ୍ଧି ଓ ଡିବିଟି ବ୍ୟବସ୍ଥାର ଜଟିଳତା ଏହି ଯୋଜନା କ୍ଷେତ୍ରରେ ବାଧକ ହୋଇଛି।

କୃଷି ବିଶେଷଜ୍ଞଙ୍କ ମତରେ ଧନିଚା ଏକ ଉତ୍କୃଷ୍ଟ ସବୁଜ ସାର। ଏହାକୁ ଚାଷ କରି ପରେ ମାଟିରେ ମିଶାଇ ଦିଆଯିବା ପରମ୍ପରା ଅନେକ ବର୍ଷରୁ ଚାଲି ଆସିଛି। ଧନିଚା ମୃତ୍ତିକାରେ ଜୈବିକ ପଦାର୍ଥ ଓ ନାଇଟ୍ରୋଜେନର ପରିମାଣ ବୃଦ୍ଧି କରିଥାଏ ଓ ରାସାୟନିକ ସାର ବ୍ୟବହାର ୩୦ରୁ ୩୫% ପର୍ଯ୍ୟନ୍ତ ହ୍ରାସ କରିପାରେ। ଏହା କେବଳ ଚାଷୀଙ୍କ ଖର୍ଚ୍ଚ କମାଏ ନୁହେଁ, ମାଟିର ଉର୍ବରତା ବଜାୟ ରଖିବା ସହ ପରିବେଶ ସୁରକ୍ଷାରେ ମଧ୍ୟ ସହାୟକ ହୋଇଥାଏ। କିନ୍ତୁ ଚଳିତ ବର୍ଷ ସରକାର ଧନିଚା ବିହନର ମୂଲ୍ୟ ପ୍ରତି କିଲୋ ୧୯୧.୨୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଯଦିଓ ଏଥିରୁ ୧୫୧.୨୦ ଟଙ୍କା ସବସିଡି ସିଧାସଳଖ ଡିବିଟି (ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଫେରସ୍ତ ହେବାର ବ୍ୟବସ୍ଥା ରହିଛି, ମାତ୍ର ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଚାଷୀମାନେ ଧନିଚା କିଣିବାରୁ ବଞ୍ଚିତ ହୋଇଛନ୍ତି। ଅନେକ ବ୍ଲକ୍ ଓ କୃଷି କାର୍ଯ୍ୟାଳୟରେ ଧନିଚା ବିହନ ବଣ୍ଟନ ନହୋଇ ପଡ଼ିରହିଥିବା ଅଭିଯୋଗ ହୋଇଛି ।

ଦୁଇବର୍ଷ ପୂର୍ବେ ରାଜ୍ୟ ସରକାର ଚାଷୀଙ୍କୁ ସିଧାସଳଖ ୪୦ ଟଙ୍କା କିଲୋ ଦରରେ ଧନିଚା ବିହନ ଯୋଗାଉଥିଲେ। କିନ୍ତୁ ଏଥର ହଠାତ୍ କ୍ରୟ ମୂଲ୍ୟ ୧୯୧ ଟଙ୍କାକୁ ବୃଦ୍ଧିକୁ ଚାଷୀମାନେ ଗ୍ରହଣ କରିପାରୁନାହାନ୍ତି । ବିରି, ମୁଗ ପରି ଡ଼ାଲିଜାତୀୟ ଓ ଚିନାବାଦାମ, ସୋରିସ ପରି ତୈଳବୀଜ ବିହନ ତୁଳନାରେ ଧନିଚା ବିହନ ଦର ଅଧିକ ରଖାଯିବାକୁ ନେଇ ମଧ୍ୟ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଧନିଚା ବିହନର ଚଢ଼ା ମୂଲ୍ୟ ତଥା କ୍ରୟ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷରେ ସବସିଡି ବାବଦରେ ବହୁ କୋଟି ଟଙ୍କାର ଅତିରିକ୍ତ ଭାର ଶେଷରେ ରାଜ୍ୟ ରାଜକୋଷ ଉପରେ ପଡ଼ିବ ବୋଲି କୁହାଯାଉଛି । ଓଡ଼ିଶା ସରକାର ପ୍ରତିବର୍ଷ ପୂର୍ବୋତ୍ତର ରାଜ୍ୟଗୁଡ଼ିକରୁ ବହୁ ପରିମାଣରେ ଧନିଚା ବିହନ କିଣି ଚାଷୀଙ୍କୁ ଯୋଗାଇଥାନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ଧନିଚା ବିହନର ବାଣିଜ୍ୟିକ ଉତ୍ପାଦନକୁ ପ୍ରୋତ୍ସାହନ ମିଳିନଥିବାରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଅନ୍ୟ ରାଜ୍ୟକୁ ଚାଲିଯାଉଛି। କୃଷି ବିଶେଷଜ୍ଞମାନଙ୍କ ମତରେ ଓଡ଼ିଶାରେ ଧନିଚା ବିହନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଗଲେ ଚାଷୀମାନେ ଅତି କମ୍ ଦରରେ ବିହନ ପାଇପାରିବେ ଏବଂ ସରକାରଙ୍କ ସବସିଡି ବ୍ୟୟ ମଧ୍ୟ କମିବ।

ଏପଟେ ସାର ସଙ୍କଟ ଯୋଗୁଁ ବହୁ ଅଞ୍ଚଳରେ ୟୁରିଆ ଓ ଡିଏପି ସାର ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ଆସୁଛି। ଅନେକ ଗ୍ରାମାଞ୍ଚଳରେ ଚାଷୀମାନେ ଗୋବର ଖତ, କମ୍ପୋଷ୍ଟ ଓ ଅନ୍ୟାନ୍ୟ ଜୈବିକ ସାର ବ୍ୟବହାର କରୁଥିଲେ ମଧ୍ୟ ଏଗୁଡ଼ିକ ରସାୟନିକ ସାରର ସମ୍ପୂର୍ଣ୍ଣ ବିକଳ୍ପ ହୋଇପାରୁନାହିଁ। ବିଶେଷକରି ବର୍ତ୍ତମାନ ଧାନ ତଳିଘେରା ପ୍ରସ୍ତୁତି ସମୟରେ ୟୁରିଆର ଚାହିଦା ସର୍ବାଧିକ ରହିଛି। ତେଣୁ ସାର ସଙ୍କଟର ଦୀର୍ଘମିଆଦି ସମାଧାନ ପାଇଁ ସରକାର କେବଳ ବିକଳ୍ପ ସାର ଯୋଗାଇଲେ ହେବ ନାହିଁ। ମୃତ୍ତିକା ପରୀକ୍ଷା ଆଧାରରେ କେଉଁ ଫସଲ ପାଇଁ କେତେ ପରିମାଣରେ ନାଇଟ୍ରୋଜେନ, ଫସଫରସ ଓ ପଟାସିୟମ ଆବଶ୍ୟକ, ସେ ସମ୍ପର୍କରେ ଚାଷୀଙ୍କୁ ବ୍ୟାପକ ସଚେତନ କରିବା ଦରକାର। ଏହାଦ୍ୱାରା ରସାୟନିକ ସାରର ଅପବ୍ୟବହାର କମିବା ସହ ଉତ୍ପାଦନ ବ୍ୟୟ ହ୍ରାସ ପାଇବ ଏବଂ ସାର ସଙ୍କଟର ପ୍ରଭାବକୁ ମଧ୍ୟ ବହୁ ପରିମାଣରେ ମୁକାବିଲା କରାଯାଇପାରିବ।

ସକାଳ
THE SAKALA



### ହାଇଟେକ୍ ହସ୍ପିଟାଲ ତୁମୂଳ କାଣ୍ଡ

# ଚିକିତ୍ସାଧୀନ ନାବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ରାଉରକେଲା,୨୧।୭ (ସମିସ)



ରାଉରକେଲାର ହାଇଟେକ୍ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ନାବାଳକଙ୍କ ମୃତ୍ୟୁକୁ କେନ୍ଦ୍ର କରି ହସ୍ପିଟାଲ ପରିସରରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ମୃତ ଶିଶୁଙ୍କ ପରିବାର ସଦସ୍ୟ ଓ ସେମାନଙ୍କ ସମର୍ଥକ ଶିଶୁର ମୃତ୍ୟୁ ପରେ ଚିକିତ୍ସାରେ ଅବହେଳା ହୋଇଥିବା ଅଭିଯୋଗ କରିଥିଲେ। ଏହାପରେ ହସ୍ପିଟାଲ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିବାବେଳେ ବିକ୍ଷୋଭକାରୀମାନେ ଘଟଣାସ୍ଥଳ ଛାଡ଼ିବାକୁ ରାଜି ନହେବାରୁ ଉତ୍ତେଜନା ଜାରି ରହିଥିଲା। ପରିବାର ସଦସ୍ୟମାନେ ଶିଶୁଙ୍କ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସେମାନଙ୍କ

**କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ**

ସମ୍ମୁଖକୁ ଆସି ମୃତ୍ୟୁର କାରଣ ସ୍ପଷ୍ଟ କରିବାକୁ ଦାବି କରିଥିଲେ। ପୁଲିସ ପକ୍ଷରୁ ପରିବାର ଲୋକଙ୍କ ସହ ଆଲୋଚନା ଜାରି ରହିଥିବାବେଳେ ଘଟଣା ଉପରେ ପୁଲିସ ନଜର ରଖିଛି।

### ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍-୨୦୨୬

# ଭାରତୀୟ ଦଳରେ ସେଲ୍ ହକି ଏକାଡେମୀ ପୂର୍ବତନ ଛାତ୍ର ଶିଳାନନ୍ଦ

ରାଉରକେଲା,୨୧।୭ (ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସ୍ଥିତ ସେଲ୍ ହକି ଏକାଡେମୀର ପୂର୍ବତନ ଛାତ୍ର ଶିଳାନନ୍ଦ ଲାକ୍ରା ବେଲଜିୟମ ଏବଂ ନେଦରଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍-୨୦୨୬ ପାଇଁ ଭାରତୀୟ ପୁରୁଷ ହକି ଦଳରେ ଖେଳିବାକୁ ମନୋନୀତ ହୋଇଛନ୍ତି। ତାଙ୍କର ଏହି ଚୟନ ସେଲ୍ ହକି ଏକାଡେମୀ, ଆରଏସପି ଏବଂ ସମଗ୍ର ଇସ୍ପାତ ସହର ପାଇଁ ଅତ୍ୟନ୍ତ ଗର୍ବର ବିଷୟ, ଯାହା ବିଶ୍ୱସ୍ତରୀୟ ହକି ପ୍ରତିଭାକୁ ପ୍ରୋତ୍ସାହିତ କରିବାରେ ଏକାଡେମୀର ନିରନ୍ତର ଅବଦାନକୁ ପ୍ରତିଫଳିତ କରେ।

ଶିଳାନନ୍ଦ ଜଣେ ଦକ୍ଷ ଫରୱାର୍ଡ ଖେଳାଳି। ସେ ଭାରତୀୟ ଦଳ ପାଇଁ ନିଜର ପ୍ରଦର୍ଶନ ଜରିଆରେ କ୍ରମାଗତ



ଭାବରେ ପ୍ରଭାବିତ କରିଛନ୍ତି। ସୁନ୍ଦରଗଡ ଜିଲ୍ଲା କାଳିଜାପଥର ଗ୍ରାମର କାର୍ଲୁସ୍ ଲାକ୍ରା ଏବଂ ମେରୀ ଗ୍ରେସ୍ ଲାକ୍ରାଙ୍କ ପୁତ୍ର ଶିଳାନନ୍ଦ ଅଗଷ୍ଟ ୨୦୧୫ରେ ସେଲ୍ ହକି ଏକାଡେମୀରେ ଯୋଗ ଦେଇଥିଲେ ଏବଂ ୨୦୧୯ ପର୍ଯ୍ୟନ୍ତ ଏକାଡେମୀର କ୍ୟାଡେଟ୍ ଭାବରେ ରହିଥିଲେ। ସେ ନିଜର ତାଲିମ ଗ୍ରହଣ ସମୟରେ, ଆରଏସପି ହକି ଏକାଡେମୀରେ ଅଭିଜ୍ଞ ପ୍ରଶିକ୍ଷକ ରାଜୁକାନ୍ତ ସାଇନି, ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟସ୍ ପ୍ରଶିକ୍ଷକ ଏବଂ ଭାରତର ପୂର୍ବତନ ଜୁନିୟର ହକି ଖେଳାଳି, ପିଟର ତିର୍କୀଙ୍କ ମାର୍ଗଦର୍ଶନରେ ତାଲିମ ପାଇଥିଲେ।

# ରାଉରକେଲା ଇସ୍ପାତ କାରଖାନାରେ ପୋଶ୍ ଉପରେ କର୍ମଶାଳା



ରାଉରକେଲା,୨୧।୭ (ସମିସ): ଗତ ଜୁଲାଇ ୧୮ ରେ ରାଉରକେଲା ଇସ୍ପାତ କାରଖାନାର ଏଲ୍ ଏଣ୍ଡ ଡି ସେଣ୍ଟର ଠାରେ 'ପୋଶ୍' ଅର୍ଥାତ୍ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ନିରୋଧ ଉପରେ ଏକ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଫ୍ଟ ସ୍କିଲ୍ସର କର୍ପୋରେଟ୍ ଟ୍ରେନର୍ ତଥା ସାର୍ଟିଫାଏଡ୍ 'ପୋଶ୍' ଟ୍ରେନର୍ ଡାକ୍ତର ଅଞ୍ଜନା ମୈତ୍ର ଏହି ଅଧିବେଶନ ସଞ୍ଚାଳନ କରିଥିଲେ। ଉଦ୍ଘାଟନୀ ଅଧିବେଶନରେ, ଜିଏମ୍ (ଏଚ୍ଆର୍ଡି) ମୁନ୍ମୁନ୍ ମିତ୍ରା ଏବଂ ମହାପ୍ରବନ୍ଧକ (ସି ଏଣ୍ଡ ଆଇଟି) ତଥା



ଆଇସିସି (ଆଭ୍ୟନ୍ତରୀଣ ଅଭିଯୋଗ କମିଟି) ର ଅଧ୍ୟକ୍ଷା ସୁମିତା ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। କର୍ମଶାଳାରେ ଡାକ୍ତର ମୈତ୍ର ପୋଶ୍ ଆକ୍ଟ-୨୦୧୩ ବିଷୟରେ ଆଲୋଚନା କରିଥିଲେ। ଉଦ୍ଯାପନୀ ଅଧିବେଶନରେ ଆଇସିସି ର ସଦସ୍ୟ ତଥା ମହାପ୍ରବନ୍ଧକ (ଆଇନ୍) ଆର.କେ. ସାହୁ ଏବଂ ଉପ ମହାପ୍ରବନ୍ଧକ (ଏଚ୍ଆର୍) ରୋବିନ୍ କୁମାର ଅଂଶଗ୍ରହଣକାରୀଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ସହକାରୀ ମହାପ୍ରବନ୍ଧ (ଏଲ୍ ଏଣ୍ଡ ଡି) ସୁଶ୍ରୀତା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ମାଇଁ ଏରିଆ, ମାଇଁ ରେସ୍ପନ୍ସିବିଲିଟି' ଆପ୍‌ର ଶୁଭାରମ୍ଭ

ରାଉରକେଲା,୨୧।୭ (ସମିସ): ଡିଜିଟାଲ୍ ରୂପାନ୍ତରଣ ଏବଂ କର୍ମକ୍ଷେତ୍ର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସେଲ୍ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ ମିଲ୍ ପକ୍ଷରୁ 'ମାଇଁ ଏରିଆ, ମାଇଁ ରେସ୍ପନ୍ସିବିଲିଟି', 'ମୋ କ୍ଷେତ୍ର, ମୋ ଦାୟିତ୍ୱ' ଆଣ୍ଡ୍ରଏଡ୍ ଆପ୍ଲିକେସନ୍‌ର ଶୁଭାରମ୍ଭ ହୋଇଛି। ଯାହା ସ୍ମାର୍ଟ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ କାର୍ଯ୍ୟକ୍ଷମତା ଦିଗରେ ଯାତ୍ରାର ଆଉ ଏକ ମାଇଲଖୁଣ୍ଟ ବୋଲି ବିବେଚନା କରାଯାଉଛି। ଏହି ଆପ୍ଲିକେସନ୍‌କୁ ନୂତନ ପ୍ଲେଟ ମିଲ୍ ଏଣ୍ଡ ଡିଜିଟାଲାଇଜେସନ୍ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଆର. କେ. ମୁଦୁଲି ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ, ସୁରକ୍ଷା ଏବଂ ଅଗ୍ନିଶମ ସେବା ହୀରାଲାଲ ମହାପାତ୍ର, ମହାପ୍ରବନ୍ଧକ (ସୁରକ୍ଷା) ଅବକାଶ ବେହେରା, ଅନେକ ବରିଷ୍ଠ ଅଧିକାରୀ ଏବଂ ଏହି ପଦକ୍ଷେପ ସହିତ ଜଡ଼ିତ ସଦସ୍ୟମାନେ ଉପସ୍ଥିତ



ଥିଲେ। ଉଦ୍ଘାଟନ ପରେ ଆପ୍ଲିକେସନ୍‌କୁ ଆନୁଷ୍ଠାନିକ ଭାବରେ ବ୍ୟବହାର ପାଇଁ ଗୋ ଲାଇଭ୍ କରାଯାଇଥିଲା।

ସେଲ୍‌ର ଶୀର୍ଷ ପ୍ରବନ୍ଧନ ଦ୍ୱାରା ପ୍ରବର୍ତ୍ତିତ 'ମାଇଁ ଏରିଆ, ମାଇଁ ରେସ୍ପନ୍ସିବିଲିଟି' (ମୋ କ୍ଷେତ୍ର , ମୋ ଦାୟିତ୍ୱ) ପଦକ୍ଷେପ, କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରର ବିପଦ ଚିହ୍ନଟ କରିବା, ଅସୁରକ୍ଷିତ ସ୍ଥିତି ବିଷୟରେ ରିପୋର୍ଟ କରିବା ଏବଂ ସମୟୋଚିତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନକୁ ସହଜ କରିବାକୁ ଏକ ସକ୍ରିୟ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ପାରମ୍ପରିକ ରେଜିଷ୍ଟର-ଆଧାରିତ ବ୍ୟବସ୍ଥାକୁ ବଦଳାଇ, ନୂତନ ଭାବରେ ବିକଶିତ ଆଣ୍ଡ୍ରଏଡ୍ ଆପ୍ଲିକେସନ୍ ପର୍ଯ୍ୟବେକ୍ଷଣ ରେକର୍ଡ କରିବା, ଫଟୋ ଅପଲୋଡ୍ କରିବା, କାର୍ଯ୍ୟ ଯୋଜନା ନ୍ୟସ୍ତ କରିବା ଏବଂ ତଦାରଖ କରିବା ଏବଂ ବାସ୍ତବ ସମୟରେ ଅନୁପାଳନ ଟ୍ରାକ୍ କରିବା ପାଇଁ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ଡିଜିଟାଲ୍ ପ୍ଲାଟଫର୍ମ ଦାୟିତ୍ୱବୋଧ ବୃଦ୍ଧି କରିବା ସହ ପ୍ରତିକ୍ରିୟା ସମୟରେ ସୁଧାର ଆଣି ସମଗ୍ର ବିଭାଗରେ ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବ। ଏହି ଆପ୍ଲିକେସନ୍‌ଟି ନୂତନ ପ୍ଲେଟ ମିଲ୍‌ର ଏଜିଏମ୍ (ଇଲେକ୍ଟ୍ରିକାଲ୍) ରାଜାଭାରାପୁ ନବୀନଙ୍କ ଦ୍ୱାରା ଆର.କେ. ମୁଦୁଲିଙ୍କ ନେତୃତ୍ୱ ଏବଂ ବୈଷୟିକ ମାର୍ଗଦର୍ଶନରେ ଇନ୍-ହାଉସ୍ ବିକଶିତ ହୋଇଛି। ଉଲ୍ଲେଖନୀୟ ଯେ, ନୂତନ ପ୍ଲେଟ ମିଲ୍‌ରେ ଏହି କାର୍ଯ୍ୟକାରୀତା ଆରଏସପିରେ ପ୍ରଥମ।

### ୧୪.୫ ଲିଟର ବିଦେଶୀ ମଦ ଜବତ

ରାଉରକେଲା,୨୧।୭ (ସମିସ): ସେକ୍ଟର-୭ ପୁଲିସ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଭିଯାନ ସମୟରେ ଜଣେ ଅଭିଯୁକ୍ତଙ୍କ ନିକଟରୁ ୧୪.୫ ଲିଟର ବିଦେଶୀ ମଦ ଜବତ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବେଳେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# 'ଜଗନ୍ନାଥ ଏକ୍ସପ୍ରେସ୍' ଓଲଟି ୩୦ ଆହତ, ୬ ଗୁରୁତର

ରାଉରକେଲା,୨୧।୭ (ସମିସ): ପୁରୀରୁ ସୁନ୍ଦରଗଡ଼ ଆସୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି) ର "ଜଗନ୍ନାଥ ଏକ୍ସପ୍ରେସ୍' ଅନୁଗୋଳ ଜିଲ୍ଲା ସମଲ ଥାନା ଅଧୀନସ୍ଥ ବୁରୁକୁନା ଛକ ନିକଟରେ ଜାତୀୟ ରାଜପଥ-୧୪୯ରେ ମଙ୍ଗଳବାର ସକାଳେ ଓଲଟି ପଡ଼ିବାରୁ





ଅତି କମ୍‌ରେ ୩୦ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡିଛି। ସ୍ଥାନୀୟ ଲୋକ, ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ବସ୍ ଭିତରୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଥିଲା। ଗୁରୁତର ଆହତ ୬ ଜଣଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଚାଲିଛି।

### ● ରାଉରକେଲା ଆଇନ ମହାବିଦ୍ୟାଳୟ

# ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ନଭେମ୍ବର ୨ରେ

ରାଉରକେଲା,୨୧।୭ (ସମିସ): ସ୍ଥାନୀୟ ସେକ୍ଟର-୨୧ ସ୍ଥିତ ରାଉରକେଲା ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ନଭେମ୍ବର ୨୧ ଏବଂ ୨୨ ତାରିଖରେ ମହାବିଦ୍ୟାଳୟ ପରିସରରେ ପାଳିତ ହେବ ବୋଲି ଭାରପ୍ରାପ୍ତ ଅଧ୍ୟକ୍ଷା ଡାକ୍ତର ସମ୍ପାଦିକା ମହାନ୍ତି ସୂଚନା ଦେଇଛନ୍ତି। ମହାବିଦ୍ୟାଳୟର ପରିଚାଳନା ସମିତି ଏବଂ ପ୍ରାକ୍ତନ ପରିଚାଳନା ସମିତିର ବୈଠକ ଅନୁଯାୟୀ ପରିଚାଳନା ସମିତିର ସଦସ୍ୟମାନଙ୍କ ମଧ୍ୟରୁ ଆଡ଼ଭୋକେଟ ଗିରିଶ ଚନ୍ଦ୍ର ମହାପାତ୍ରଙ୍କୁ ସୁବର୍ଣ୍ଣ ଜୟନ୍ତୀ ସମିତିର ଆବାହକ ଏବଂ ଇଂ. ହରଦୀପ ସିଂହଙ୍କୁ ଆୟୋଜକ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଅଛି। ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଆସନ୍ତା ନଭେମ୍ବର ୨ ତାରିଖ ଦିନ ପୂର୍ବାହ୍ନ ସାଢେ ୯ଟାରେ ମହାବିଦ୍ୟାଳୟର ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀ, ପରିଚାଳନା ସମିତିର ସଭ୍ୟ, ପ୍ରାକ୍ତନ ପରିଚାଳନା ସମିତି ସଭ୍ୟ/ସଭ୍ୟ ଓ ଶୁଭେଚ୍ଛୁମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଛି। ଏହି ବୈଠକରେ ପ୍ରାକ୍ତନ ଛାତ୍ରଛାତ୍ରୀ, ପରିଚାଳନା ସମିତିର ସଭ୍ୟ, ପ୍ରାକ୍ତନ ପରିଚାଳନା ସମିତି ସଭ୍ୟ/ସଭ୍ୟ ଓ ଶୁଭେଚ୍ଛୁମାନେ ଅଂଶ ଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଏବଂ ପ୍ରସ୍ତାବ ଦେବା ପାଇଁ ମହାବିଦ୍ୟାଳୟର ପରିଚାଳନା ସମିତି ତରଫରୁ ଆବହକ ଆଡ଼ଭୋକେଟ ଗିରିଶ ଚନ୍ଦ୍ର ମହାପାତ୍ର ଏବଂ ଆୟୋଜକ ସମ୍ପାଦକ ଲାୟନ ଇଞ୍ଜିନିୟର ହରଦୀପ ସିଂହ ନିବେଦନ କରିଛନ୍ତି।

# ଉଦ୍ଧାର ୧୨୬ ମୋବାଇଲ ଫେରାଇଲା ପୁଲିସ

ରାଉରକେଲା,୨୧।୭ (ସମିସ): ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ୧୬୨ଟି ମୋବାଇଲ୍ ଫୋନକୁ ଉଦ୍ଧାର କରି ପ୍ରକୃତ ମାଲିକମାନଙ୍କୁ ଏକ 'ମୋବାଇଲ୍ ଫୋନ୍ ରିଟର୍ଣ୍ଣ ମେଳା' ମାଧ୍ୟମରେ ସୁନ୍ଦରଗଡ ଜିଲ୍ଲା ପୁଲିସ ଫେରସ୍ତ କରିଛି। ଏସ୍‌ପି ଅମୃତ ପାଲ କୌର ଏହି ମୋବାଇଲ୍ ମେଳାରେ ଯୋଗ ଦେଇ ଉପସ୍ଥିତ ପ୍ରକୃତ ମାଲିକଙ୍କୁ ମୋବାଇଲ ଫୋନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଦର ଏସ୍‌ଡିପିଓ ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ମୋବାଇଲ ଫୋନ୍ ହଜିଯିବା କିମ୍ବା ଚୋରି ହେଲେ ନିରାଶ ନହୋଇ ତୁରନ୍ତ ନିକଟସ୍ଥ ଥାନାରେ କିମ୍ବା ସରକାରଙ୍କ ଅନଲାଇନ୍ ଅଭିଯୋଗ ପୋର୍ଟାଲ ମାଧ୍ୟମରେ ଅଭିଯୋଗ ଦାଖଲ କରିବାକୁ ଏସପି ଶ୍ରୀମତୀ କୌର ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ, ଠିକ୍ ସମୟରେ ଅଭିଯୋଗ କରିଲେ ମୋବାଇଲ ଟ୍ରାକ୍ କରି ଉଦ୍ଧାର କରିବାର ସମ୍ଭାବନା ବହୁଗୁଣ ବଢ଼ିଯାଏ। ଅଭିଯୋଗ ଦାଖଲ ସମୟରେ ମୋବାଇଲର ଆଇଏମଇଆଇ ନମ୍ବର ସହ ସଠିକ୍ ସୂଚନା ପ୍ରଦାନ କରିବାକୁ ସେ ସାଧାରଣ ଲୋକଙ୍କୁ ପରାମର୍ଶ ଦେଇଥିଲେ।




### ● ଅସରାଏ ବର୍ଷା ପରେ ଯୋଗାଯୋଗ ବିଚ୍ଛିନ୍ନ

# ପଟଙ୍ଗା ନାଳ ପୋଲ ଉପରେ ୩ ଫୁଟ ପାଣି

ବଣାଇଁ,୨୧।୭ (ସମିସ): ଅସରାଏ ବର୍ଷା ହେଲେ ଯୋଗାଯୋଗ ବିଚ୍ଛିନ୍ନ। ପାହାଡ଼ିଆ ପାଣି ସବୁ ନାଳ ଦେଇ ବୋହି ଆସିବାରୁ ପୋଲ ଉପରେ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହୁଏ। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସମାଧାନର ବାଟ ମିଳି ପାରିନାହିଁ।

ଏଭଳି ଦୃଶ୍ୟ ଦେଖିବାକୁ ମିଳେ ବଣାଇଁଗଡ଼ ବ୍ଲକ୍ ସରସରା ପଞ୍ଚାୟତ ଅନ୍ତର୍ଗତ ବଲାଙ୍ଗ ଛକ ନିକଟରେ ପ୍ରବାହିତ ପଟଙ୍ଗା ନାଳରେ। ମଙ୍ଗଳବାର ପ୍ରବଳ ବର୍ଷା ପରେ ନାଳ ଉପରେ ଥିବା ପୋଲ ଉପରେ ପ୍ରାୟ ୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେବାରୁ ଉଭୟ ପାଶ୍ୱର୍ର ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି।



ଏହି ରାସ୍ତା ଉପରେ ସରସରା ପଞ୍ଚାୟତର ବହୁ ଗ୍ରାମବାସୀ ରାତି ପାହିଲେ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। କିନ୍ତୁ ପୋଲଟି ବହୁ ପୁରୁଣା ଓ କମ୍ ଉଚ୍ଚତାରେ ନିର୍ମିତ ହୋଇଥିବାରୁ ବର୍ଷା ହେଲେ ପାହାଡ଼ିଆ ଅଞ୍ଚଳରୁ ଆସୁଥିବା ପାଣି ପୋଲ ଉପରେ ପ୍ରବାହିତ ହୋଇ ଯାତାୟାତକୁ ବାଧାପ୍ରାପ୍ତ କରୁଛି। ପଟଙ୍ଗା ନାଳର ଏହି ସମସ୍ୟା ଯୋଗୁଁ ଭାଲୁପାଣି, ବରଘାଟ, ଉଲସୁରା, ଭାଡ଼ିମରା ସମେତ ପ୍ରାୟ ୧୦ଟି ଗାଁର ଲୋକ ଜଳବନ୍ଦୀ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ।

ତେଣୁ ସ୍ଥାନୀୟ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତୁରନ୍ତ ପଟଙ୍ଗା ନାଳ ଉପରେ ଏକ ଉଚ୍ଚ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆଇଜିଏଚ୍‌ରେ ମାଗଣା ଗର୍ଭାଶୟ ଗ୍ରୀବା କର୍କଟ ଟିକାକରଣ



ରାଉରକେଲା,୨୧।୭ (ସମିସ): ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ରେ ଜୁଲାଇ ଶନିବାର ଠାରୁ ପ୍ରତ୍ୟେକ ଶନିବାର ସରକାରଙ୍କ ଦ୍ୱାରା ମାଗଣା ଗର୍ଭାଶୟ ଗ୍ରୀବା କର୍କଟ ଟିକାକରଣ ଶିବିର ଆୟୋଜିତ ହେଉଛି। ଜୁଲାଇ ୨୦୧୧ରୁ ଜୁଲାଇ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ବାଳିକା ଏହି ଟିକା ନେବାକୁ ଯୋଗ୍ୟ। ଆଇଜିଏଚ୍‌ର ନୂତନ ଓପିଡି ବ୍ଲକ୍‌ରେ ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ଦିଆଯିବ।

ପ୍ରଥମ ଶିବିରକୁ ଆଇଜିଏଚ୍‌ର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ଓଡ଼ିଶା ସରକାରଙ୍କ କୁଆଁରମୁଣ୍ଡା ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶ୍ରୀମନ୍ତ କୁମାର ପଟ୍ଟନାୟକ, ଆଇଜିଏଚର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଶିଶୁ ରୋଗ) ଡାକ୍ତର ଅର୍ଚ୍ଚନା ବେହେରା, ବରିଷ୍ଠ ପରାମର୍ଶଦାତା (ସ୍ତ୍ରୀ ରୋଗ) ଡାକ୍ତର ବ୍ୟାସଦେବ ମିଶ୍ର ଏବଂ ଅନ୍ୟାନ୍ୟ ଡାକ୍ତର ଓ ସହାୟକ କର୍ମଚାରୀଙ୍କ ଉପସ୍ଥିତିରେ ଉଦ୍ଘାଟନ କରାଯାଇଥିଲା।

# ଭିଜିଲାନ୍ସ ଜାଲରେ କଲୋସିହିରା ଆର୍ଆଇ

ରାଉରକେଲା,୨୧।୭ (ସମିସ): ପୈତୃକ ଜମିର ସୀମା ନିର୍ଦ୍ଧାରଣ (ଡିମାର୍କେସନ୍) ରିପୋର୍ଟ ପ୍ରଦାନ କରିବାକୁ ଜଣେ ଆବେଦନକାରୀଙ୍କ ଠାରୁ ୪ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ କୁଆଁରମୁଣ୍ଡା ତହସିଲ ଅଧୀନସ୍ଥ କଲୋସିହିରା ସର୍କଲର ରାଜସ୍ୱ ନିରୀକ୍ଷକ (ଆର୍ଆଇ) ଅନୀତା ଜେନାଙ୍କୁ ଓଡ଼ିଶା ଭିଜିଲାନ୍ସ ମଙ୍ଗଳବାର ଗିରଫ କରିଛି। ଏହାସହ ତାଙ୍କ ନିକଟରୁ ରାସାୟନିକ ମିଶ୍ରିତ ୪ ହଜାର ଟଙ୍କା ଜବତ କରିଛି ଭିଜିଲାନ୍ସ। ସୂଚନାନୁସାରେ, ଅଭିଯୋଗକାରୀ କିଛି ମାସ ପୂର୍ବରୁ ତାଙ୍କ ପୈତୃକ ଜମିର ସୀମା ନିର୍ଦ୍ଧାରଣ ରିପୋର୍ଟ ପାଇଁ ଆବେଦନ କରିଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଆର୍ଆଇ ରିପୋର୍ଟ ପ୍ରଦାନରେ ବିଳମ୍ବ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ଏଥିପାଇଁ ୪ ହଜାର ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ସତ୍ୟତା ଯାଞ୍ଚ ପରେ ଭିଜିଲାନ୍ସ ଅଧିକାରୀମାନେ ଯୋଜନାବଦ୍ଧ ଭାବେ




**ଡିମାର୍କେସନ ରିପୋର୍ଟ ପାଇଁ ନେଉଥିଲେ ୪ ହଜାର ଟଙ୍କା ଲାଞ୍ଚ**

ଚଢ଼ଉ କରି ଆର୍ଆଇ ଅନୀତା ଜେନାଙ୍କୁ ୪ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ କାବୁ କରିବା ସହ ଲାଞ୍ଚ ଟଙ୍କାକୁ ଜବତ କରିଥିଲେ। ଗିରଫ ପରେ ଅଭିଯୁକ୍ତ ଆର୍ଆଇଙ୍କ ସହ ସମ୍ପୃକ୍ତ ତିନୋଟି ସ୍ଥାନରେ ଆୟବହିର୍ଭୂତ ସମ୍ପତ୍ତି (ଡିଏ) ସମ୍ପର୍କିତ ଦିଗକୁ ନେଇ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ ଜାରି ରହିଛି। ଏନେଇ ରାଉରକେଲା ଭିଜିଲାନ୍ସ ଥାନା କେସ୍ ନଂ-୦୫ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

# ମରଣଯନ୍ତା ପାଲଟିଛି ଓରସ୍ ଇସ୍ପାତ କାରଖାନା ଛକ

ବଣାଇ,୨୧।୭ (ସମିସ): ବଣାଇଁରୁ କେନ୍ଦ୍ରିକଳା ଦେଇ ଦରେଇକଳାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଓରସ୍ ଇସ୍ପାତ ସ୍ପଞ୍ଜ ଆଇରନ୍ କାରଖାନା ଛକ ନିକଟରେ ବଡ଼ ବଡ଼ ଖାଇ ହୋଇ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ସ୍ପଞ୍ଜ ଆଇରନ୍




ବୋଝେଇ ହୋଇ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଭାରିଯାନ ଯାତାୟାତ କରୁଥିବାରୁ ରାସ୍ତାସାରା ଖାଲ ହୋଇଯାଇଛି। ଫଳରେ ସେଠାରେ ଗାଡ଼ି ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଘଟୁଛି। ଏହି ରାସ୍ତାକୁ ସ୍ଥାନୀୟ ୫ଟି ସ୍ପଞ୍ଜ ଆଇରନ କାରଖାନା ବ୍ୟବହାର କରୁଥିଲେ ମଧ୍ୟ ମରାମତି ପାଇଁ କେହି ଦୃଷ୍ଟି ଦେଉନାହାନ୍ତି। କାରଖାନା ଯୋଗୁଁ ଦୈନିକ ଶହ ଶହ ଭାରିଯାନ ଏହି ରାସ୍ତାଦେଇ ଯିବାଆସିବା କରୁଛନ୍ତି। ଅନେକ ସମୟରେ ରାସ୍ତା ଉପରେ ଭାରିଯାନର ଲମ୍ବା ଲାଇନ୍ ଲାଗି ରହିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ହେଲେ ତାଙ୍କରି ଯୋଗୁ ସ୍ଥାନୀୟ ଅଞ୍ଚଳର ଲୋକେ ଆଜି ଦୁର୍ଦ୍ଦଶା ଭୋଗୁଛନ୍ତି। ତେଣୁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


# ଏନ୍ଆଇଟି ରାଉରକେଲା ଦ୍ୱାରା ବାୟୋ-କମ୍ପୋଜିଟ୍ ଫିଲ୍ମ ବିକଶିତ

ରାଉରକେଲା,୨୧।୭ (ସମିସ)

ଏନ୍ଆଇଟି ରାଉରକେଲାର ଜୈବ ପ୍ରଯୁକ୍ତି ଓ ମେଡିକାଲ ଇଞ୍ଜିନିୟରିଂ ବିଭାଗର ଗବେଷକମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଚଳିତ ପ୍ଲାଷ୍ଟିକ ସାମଗ୍ରୀର ବିକଳ୍ପ ଭାବେ ବ୍ୟବହାରଯୋଗ୍ୟ ଏକ ନୂତନ ଜୈବ-ବିଘଟନଶୀଳ (ବାୟୋଡିଗ୍ରେଡେବଲ୍) ବାୟୋ-କମ୍ପୋଜିଟ୍ ଫିଲ୍ମ ବିକଶିତ କରିଛନ୍ତି। ଏହି ଅଭିନବ ଉଦ୍ଭାବନ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟବହୃତ ଅଜୈବ-ବିଘଟନଶୀଳ ପ୍ଲାଷ୍ଟିକ ବର୍ଜ୍ୟ ସମସ୍ୟାର ସମାଧାନ କରିବା ସହ ପରିବେଶ ଅନୁକୂଳ ବାୟୋ-ମାଟେରିଆଲର ଚାହିଦା ପୂରଣ କରିବାର କ୍ଷମତା ରଖିଛି।

ଜୈବ ପ୍ରଯୁକ୍ତି ଓ ମେଡିକାଲ ଇଞ୍ଜିନିୟରିଂ ବିଭାଗର ସହଯୋଗୀ ପ୍ରଫେସର ଡଃ ଅଙ୍ଗନା ସରକାର ଏହି ଗବେଷଣା ଦଳର ନେତୃତ୍ୱ ନେଇଥିଲେ। ସାଧାରଣତଃ କ୍ଷତ ବ୍ୟାଣ୍ଡେଜ୍, ଡ୍ରେସିଂ ଓ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ ପେଟ୍ରୋଲିୟମ ଭିତ୍ତିକ ଅଜୈବ-ବିଘଟନଶୀଳ ପ୍ଲାଷ୍ଟିକରେ ପ୍ରସ୍ତୁତ ହୋଇଥାଏ। ଏହି ସାମଗ୍ରୀ ବ୍ୟବହାର ପରେ ସୃଷ୍ଟି ହେଉଥିବା ବର୍ଜ୍ୟ ପରିବେଶ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିଥାଏ। ଯଦିଓ ପଲିହାଇଡ୍ରକ୍ସିଆଲ୍କାନୋଏଟ୍ ଭଳି ବାୟୋପ୍ଲାଷ୍ଟିକ





ଏହାର ବିକଳ୍ପ ହୋଇପାରେ, ତେବେ ଏହାର ଭଙ୍ଗୁରତା ଏବଂ ଧୀର ଜୈବ-ବିଘଟନ ପ୍ରକ୍ରିୟା ଯୋଗୁଁ ବ୍ୟାପକ ବ୍ୟବହାର ସମ୍ଭବ ହୋଇ ପାରିନାହିଁ।

ଏହି ସମସ୍ୟାର ସମାଧାନ ପାଇଁ ଏନ୍ଆଇଟି ରାଉରକେଲାର ଗବେଷକମାନେ ଆଖୁ ଗୁଡ଼ରୁ ପ୍ରସ୍ତୁତ ମୋଲାସେସ୍‌ରେ ବୃଦ୍ଧି ପାଉଥିବା ବ୍ୟାକ୍ଟେରିଆ ଦ୍ୱାରା ଉତ୍ପାଦିତ ପ୍ରାକୃତିକ ବାୟୋପ୍ଲାଷ୍ଟିକ ବ୍ୟବହାର କରି ଏହି ନୂତନ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। ଏହାକୁ ଅଧିକ ଦୃଢ଼ ଓ ନମନୀୟ କରିବା ପାଇଁ ପ୍ରାକୃତିକ ନିମ ତେଲ ମିଶ୍ରଣ କରାଯାଇଛି। ଏହି ଅଭିନବ ପ୍ରକ୍ରିୟା ମାଧ୍ୟମରେ ଚିକିତ୍ସା କ୍ଷେତ୍ରରେ ବ୍ୟବହୃତ ପ୍ଲାଷ୍ଟିକ ଆଧାରିତ ସାମଗ୍ରୀର ଏକ ପ୍ରଭାବଶାଳୀ ବିକଳ୍ପ ବିକଶିତ ହୋଇଛି।

ଏହି ଉଦ୍ଭାବନର ବିଶେଷତ୍ୱ ସମ୍ପର୍କରେ ଡଃ ଅଙ୍ଗନା ସରକାର କହିଛନ୍ତି, ଆମେ ବିକଶିତ କରିଥିବା ସାମଗ୍ରୀ ସମ୍ପୂର୍ଣ୍ଣ ଜୈବ-ବିଘଟନଶୀଳ ଓ ପରିବେଶ ଅନୁକୂଳ। ଏହି ପ୍ରଯୁକ୍ତିକୁ ଜୀବାଣୁ ନିରୋଧକ ଫିଲ୍ମ, ବିଭିନ୍ନ ପ୍ରକାର କୋଟିଂ, ପରିବେଶ ଅନୁକୂଳ ସ୍ୱାସ୍ଥ୍ୟସେବା ସାମଗ୍ରୀ, ପ୍ଲାଷ୍ଟିକମୁକ୍ତ ବ୍ୟାଣ୍ଡେଜ୍ ଏବଂ କ୍ଷତ ଡ୍ରେସିଂ ଭଳି ଅନେକ ଚିକିତ୍ସା ଉପକରଣରେ ବ୍ୟବହାର କରାଯାଇପାରିବ।

କ୍ଷତ ଆରୋଗ୍ୟ କ୍ଷମତା ସମ୍ପର୍କରେ ଡଃ ସରକାର କହିଛନ୍ତି, ଆମର ଏହି ଉଦ୍ଭାବନରେ ଜୀବାଣୁ ନିରୋଧକ ଗୁଣ ସହ କ୍ଷତ ଆରୋଗ୍ୟ କରିବାର କ୍ଷମତା ମଧ୍ୟ ରହିଛି।

ଗବେଷକଙ୍କ ସୂଚନା ଅନୁଯାୟୀ, ପ୍ରାୟ ୪୪.୧୮ ବର୍ଗ ସେଣ୍ଟିମିଟର ଆକାରର ଏକ ବାୟୋ-କମ୍ପୋଜିଟ୍ ଫିଲ୍ମ ଉତ୍ପାଦନ ପାଇଁ ପ୍ରାୟ ୧୪.୩୩ ଟଙ୍କା ଖର୍ଚ୍ଚ ହେଉଛି। ଏହାକୁ ବାଣିଜ୍ୟିକ ସ୍ତରରେ ସୁଲଭ ମୂଲ୍ୟରେ ଉତ୍ପାଦନ କରିବାର ସମ୍ଭାବନା ରହିଛି।

# ଗାଁ ଛାଡ଼ିବାକୁ ମଙ୍ଗିଲେନି କୁମିଆପାଲି ବାସିନ୍ଦା







ବଲାଙ୍ଗିର,୨୧।୭(ସମିସ)

ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ ସରିଛି। ନିର୍ମାଣ ସଂପୂର୍ଣ୍ଣ ହେବା ପରେ ଚଳିତ ବର୍ଷ ଡ୍ୟାମ୍ ପୂର୍ଣ୍ଣଗର୍ଭା ରହିବ; କିନ୍ତୁ ଏବେ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି କୁମିଆପାଲି ବାସିନ୍ଦା। ଏହି ଗାଁର ୮୪

- ଉଚିତ ଥଇଥାନ ନ କଲେ ଭିଟାମାଟି ଛାଡିବାକୁ ମନା
- ବିସ୍ଥାପନ କରିବାକୁ ଯାଇ ବିଫଳ ପ୍ରଶାସନ
- ବୁଝାସୁଝା, କାକୁତିମନତୀ ବି ପ୍ରଭାବ ପକାଇଲାନି
- ପାଣି ମାଡି ଆସୁଥିଲେ ବି ଜିଦ୍‌ରେ ଅଟଳ ଗ୍ରାମବାସୀ

ପରିବାର ଆଜି ବି ଉଚିତ କ୍ଷତିପୂରଣ ପାଇ ନ ଥିବାରୁ ଗାଁ ଛାଡି ନାହାନ୍ତି। ଦିନକୁ ଦିନ ଗାଁକୁ ପାଣି ମାଡି ଆସୁଛି; କିନ୍ତୁ ଲୋକେ ଘର ଛାଡିବାକୁ ନାରାଜ। ଥଇଥାନ ନ କଲେ ଘର ଛାଡିବେନି ବୋଲି ଚେତାବନୀ ଦେଇ ସଂପୃକ୍ତ ପରିବାର ଗାଁ ଛାଡି ନାହାନ୍ତି। ଏହାକୁ ନେଇ ମଙ୍ଗଳବାର ଯେତେବେଳେ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ପୁଲିସ ପହଞ୍ଚି ଗ୍ରାମବାସୀଙ୍କୁ ଭିଟାମାଟି ଛାଡି ବିସ୍ଥାପିତ ହେବାକୁ କହିଥିଲେ ସେତେବେଳେ ଗ୍ରାମବାସୀ ଓ ପ୍ରଶାସନ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ଗ୍ରାମବାସୀ ଠିକ ବିସ୍ଥାପନ ନୀତିରେ ଥଇଥାନ କରାଯାଇ ନ ଥିବା ଅଭିଯୋଗ କରିଥିବା ବେଳେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଆଇନ ଅନୁସାରେ ଥଇଥାନ କରାଯାଉଛି। ଯିଏ ଟଙ୍କା ନେଇଛନ୍ତି ସେମାନେ ବାଧ ହୋଇ ବିସ୍ଥାପିତ ହେବେ ବୋଲି କହିଥିଲେ। ଏହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା।

୨୦୨୪ ମସିହାରେ ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ଉଦଘାଟିତ ହୋଇଥିଲା। ଏହା ପୂର୍ବରୁ ଅନେକ ବାଦ ବିବାଦ ଭିତରେ ଏହି ପ୍ରକଳ୍ପ କାମ ତତ୍‌କାଳୀନ ସରକାର ସଂପୂର୍ଣ୍ଣ କରିଥିବା ବେଳେ ଆଜି ବି କିଛି ଗାଁର ବିସ୍ଥାପନ ସମସ୍ୟା ସମାଧାନ ହୋଇନାହିଁ। ଏହି ପ୍ରକଳ୍ପରେ ୨୯ ଖଣ୍ଡ ଗାଁ ପ୍ରଭାବିତ ହୋଇଥିବା ବେଳେ ତବଲବାଞ୍ଜି, କୁମିଆପାଲି ଓ ଖୁଣ୍ଟପାଲି ଗ୍ରାମର ଶତାଧିକ ପରିବାର ଗାଁ ଛାଡି ନ ଥିଲେ। ସେମାନେ ବିସ୍ଥାପନ ଓ ଥଇଥାନ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇ ଗାଁ ଛାଡୁ ନ ଥିବା ବେଳେ ପ୍ରଶାସନ ସେମାନଙ୍କୁ ଗାଁ ଛାଡିବାକୁ ନେଇ ନୋଟିସ୍ ଜାରି କରିଥିଲା। ଦୁଇ ଦିନ ପୂର୍ବରୁ ଖୁଣ୍ଟପାଲି ଗ୍ରାମବାସୀଙ୍କୁ ପ୍ରଶାସନ ଗାଁରୁ ବିସ୍ଥାପନ କରିଥିବା ବେଳେ ମଙ୍ଗଳବାର କୁମିଆପାଲିକୁ ବିସ୍ଥାପନକୁ ଯାଇଥିଲା; କିନ୍ତୁ ସେଠାରେ ଥିବା ପରିବାର ଲୋକେ ପ୍ରଶାସନ କୁ ବି ଖାତିର କରି ନ ଥିଲେ। ସେମାନଙ୍କ ଦାବି ଅନୁସାରେ ୨୦୧୩ ଆଇନରେ ଥଇଥାନ, ୨୦୨୬ ସୁଦ୍ଧା ୧୮ ବର୍ଷର ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ, ଜମି ବଦଳରେ ଜମି ପ୍ରଦାନ କରିବାକୁ ଦାବି କରିଥିଲେ। ସେମାନଙ୍କ କହିବା ଅନୁସାରେ ଠିକ ନୀତିରେ ଥଇଥାନ କରାଯାଇ ନ ଥିବାରୁ ସେମାନେ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତା ଗ୍ରହଣ କରିନାହାନ୍ତି। ଠିକ ସର୍ଭେ ଓ ଥଇଥାନ କରିବା ପରେ ହିଁ ସେମାନେ ଭିଟାମାଟି ଛାଡିବେ ବୋଲି ରୋକଠୋକ ଶୁଣାଇ ଦେଇଥିଲେ। ଶତାଧିକ ପୁଲିସ କର୍ମଚାରୀଙ୍କ ଆଗରେ ଗ୍ରାମର ବରିଷ୍ଠ, ଯୁବକ ଓ ମହିଳାମାନେ ଧନୁତୀର ନେଇ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଚଳିତ ବର୍ଷ ଡ୍ୟାମ୍‌ରେ ସଂପୂର୍ଣ୍ଣ ପାଣି ସଂରକ୍ଷଣ କରାଯିବ। ଆଉ କିଛି ଘଣ୍ଟା ଭିତରେ ଗାଁରେ ପାଣି ପଶିବ। ତେଣୁ ଗାଁ ଛାଡି ଥଇଥାନ କଲୋନୀକୁ ଯିବାକୁ ଅନୁରୋଧ କରିଥିଲେ।

ଏହି ଗ୍ରାମବାସୀଙ୍କୁ ପୂର୍ବରୁ ଢୁଲୁଶରରେ ଥଇଥାନ କରାଯାଇଥିଲା; କିନ୍ତୁ ସମସ୍ତେ ଆଦିବାସୀ ପରିବାର ହୋଇଥିବାରୁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମରେ ଥଇଥାନ କରିବାକୁ ସେମାନେ ଦାବି କରିଥିଲେ। ସେମାନଙ୍କ ଦାବି ମୁତାବକ କପିଳବାହାଲରେ ଥଇଥାନ ବ୍ୟବସ୍ଥା କରାଯାଇଛି। ଷ୍ଟ୍ରିଟଲାଇଟ, ପାଣି, ରାସ୍ତା ବ୍ୟବସ୍ଥା କରାଯାଇଥିବା ଶ୍ରୀ ଭୋଇ କହିଥିଲେ; କିନ୍ତୁ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ। ଉଚିତ କ୍ଷତିପୂରଣ ଦେଲେ ହିଁ ସେମାନେ ଭିଟାମାଟି ଛାଡିବେ ବୋଲି କହିଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ପ୍ରଶାସନିକ ଅଧିକାରୀ ମୁହାଁମୁହିଁ ହୋଇଥିଲେ। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିଜେ ପ୍ରଶାସନ ପକ୍ଷରୁ କିଛିଟା ଭୁଲ୍ ରହିଥିବା ସ୍ୱୀକାର ମଧ୍ୟ କରିଥିଲେ; କିନ୍ତୁ ଯେଉଁମାନେ ଥଇଥାନ ଟଙ୍କା ଗ୍ରହଣ କରିଛନ୍ତି ସେମାନେ ବାଧ ହୋଇ ବିସ୍ଥାପିତ ହେବେ ବୋଲି କହିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ବିଫଳ ହେବା ପରେ କିଛି ସ୍ଥାନରେ ବୁଲଡୋଜର ଲଗାଇ ଭାଙ୍ଗିବା ପରେ ପ୍ରଶାସନ ଫେରି ଆସିଥିଲା।

## ସମସ୍ୟା ବଖାଣିଲେ ଲୋୟର ସୁକତେଲ ବିସ୍ଥାପିତ



ବଲାଙ୍ଗିର,୨୧।୭(ସମିସ): ବଲାଙ୍ଗିରର ଜୀବନ ରେଖା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପାଇଁ ଅଞ୍ଚଳର ଲୋକଙ୍କ ବଳିଦାନ ରହିଛି। ଏହା ସରକାର ଭୁଲିଯିବା କଥା ନୁହେଁ। ଗତ ସରକାର ସମୟରେ ଯେତେ ସମ୍ଭବ ଲୋକଙ୍କର କ୍ଷତିପୂରଣ ସମସ୍ୟା ଦୂର କରାଯାଇଥିଲା। ବର୍ତ୍ତମାନର ସରକାର ଏବଂ ଜିଲ୍ଲା ପ୍ରଶାସନ ଠିକ ହିସାବରେ ଆକଳନ କରି ସେମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରାଯାଉ। ସଦାଇପାଲି ବିସ୍ଥାପିତ କଲୋନୀରେ ଅଞ୍ଚଳର ଲୋକଙ୍କ ସହ ଆଲୋଚନା ସମୟରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏହା କହିଛନ୍ତି। ଏଠାରେ ରହିଯାଇଥିବା ଲୋକଙ୍କୁ ପୁଲିସ ଲଗାଇ ବିସ୍ଥାପନ କରିବା ପୂର୍ବରୁ ଏମାନଙ୍କର ହକ୍ ଓ ଅଧିକାରର କଥା ଚିନ୍ତା କରିବାର ଥିଲା। ୧୫ଟି ପରିବାର କୌଣସି ପ୍ରକାର କ୍ଷତିପୂରଣ ପାଇନାହାନ୍ତି। ଏମାନେ ଭୂମିହୀନ, ଜମିହୀନ। ସେମାନେ କେମିତି ତାଙ୍କ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବେ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ଆହୁରି ମଧ୍ୟ ଦୁଇଟି ପରିବାର ଏମିତି ଅଛନ୍ତି ଯେଉଁମାନେ ଜମିର ପଇସା ପାଇଛନ୍ତି; କିନ୍ତୁ ଘର ଡିହର କ୍ଷତିପୂରଣ ପାଇନାହାନ୍ତି। ଏମାନଙ୍କୁ ବିସ୍ଥାପନ କରିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଏ ଅଭିଯୋଗର ସମାଧାନ କରୁନି। ବର୍ତ୍ତମାନ ରହୁଥିବା ବିସ୍ଥାପନ କଲୋନୀରେ ମୌଳିକ ସୁବିଧା ପାଇଁ ଲୋକେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ଗାଧୋଇବା କିମ୍ବା ଶୁଦ୍ଧିକ୍ରିୟା ପାଇଁ ପୋଖରୀ ନାହିଁ। ପିଇବା ପାଣିର ଘୋର ଅସୁବିଧା। କୁଟେନସିଲେଟର ଅନେକ ପରିବାରକୁ ଜାଗା ଦିଆଯାଇଛି; କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ପଟ୍ଟା ପ୍ରଦାନ କରାଯାଇନାହିଁ। ଏହାଫଳରେ ସେମାନେ ସରକାରୀ କାମରେ ଦରକାର ହେଉଥିବା କୌଣସି ପ୍ରକାର ପ୍ରମାଣ ପତ୍ର ପାଇଁ ଆବେଦନ କଲେ ସମସ୍ୟା ଦେଖା ଦେଉଛି। ଠିକ୍ ସେହିପରି ଧୁମାମରାରେ ପିଇବା ପାଣି ସମସ୍ୟା, ରିନବଚନ ଓ ବିରମୁଣ୍ଡାରେ ଡ୍ରେନ୍ ଓ ପାଇପ୍ ବିଛାଇବା କାମ ପାଇଁ ଖରାପ ହୋଇଯାଇଥିବା ରାସ୍ତା ମରାମତି କରାଯାଉନାହିଁ। ଏପରି ଅନେକ ସମସ୍ୟାକୁ ନେଇ ଶ୍ରୀ ମିଶ୍ର ଜିଲ୍ଲା ପ୍ରଶାସନ ସହ କଥା ହୋଇ ଏହାର ସମାଧାନର ରାସ୍ତା ବାହାର କରିବେ ବୋଲି ଉପସ୍ଥିତ ଲୋକଙ୍କୁ କହିଥିଲେ। ଏହି ସଭାରେ ମାଧିଆପାଲି, ସଦେଇପାଲି ଓ ଖୁଣ୍ଟପାଲି ପଞ୍ଚାୟତର ଫକିର ମୋହନ ଥାଟି, ବିଭୁତି ଭୂଷଣ ସାହୁ, କୃଷ୍ଣଚନ୍ଦ୍ର ବେହେରା, ଶିବ ଭେସ୍ରା, ପ୍ରହଲ୍ଲାଦ ନାଏକ, ଲମ୍ବୋଦର ପଧାନ, ଦାମୋଦର ସେଠ, କାଶିନାଥ ପଶାୟତ, ସୁଦାମ ପଧାନ, ଖ୍ରୀଷ୍ଟ ଦାଶ, ହାଡୁ କୁମୁରା, ଲିଙ୍ଗ ମଲ୍ଲିକ, ବିରମୁଣ୍ଡା ତ୍ରିନାଥ ରାଉତ ଏବଂ ଖୁଣ୍ଟପାଲିର ନରସିଂହ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଦର୍ଶ ବିଦ୍ୟାଳୟରେ ସଚେତନତା ଶିବିର



ବଲାଙ୍ଗିର,୨୧।୭(ସମିସ): ପଥରଚେପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ କିଶୋର ନ୍ୟାୟ ଆଇନ, ସାଇବର ସୁରକ୍ଷା ଉପରେ ଶିଶୁ ଓ ଅଭିଭାବକଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଜ୍ଞାନନିଧି ଖାଙ୍କର ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ବିକ୍ରମ ଛୁଏ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅରୁଣ ଖୁଆସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। କିଶୋର ନ୍ୟାୟ ଆଇନ, ଶିଶୁ ବିବାହ ନିଷେଧ ଆଇନ, ଶିଶୁ ଶ୍ରମିକ ଆଇନ, ଲିଙ୍ଗ ନିରୂପଣ ଆଇନ୍ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ବର୍ତ୍ତମାନ ପରିସ୍ଥିତିରେ ସାଇବର ସୁରକ୍ଷା ପାଇଁ ସତର୍କ ରହିବା, ଅଜ୍ଞାତ ଲିଙ୍କକୁ କ୍ଲିକ୍ ନ କରିବା, ଆବଶ୍ୟକ ସ୍ଥଳେ ୧୯୩୦ ନମ୍ବରକୁ ତୁରନ୍ତ କଲ୍ କରି ଜଣାଇବା ପାଇଁ ପରାମର୍ଶ ଦିଆଯାଇଛି। ଫେସବୁକ୍, ଇନଷ୍ଟାଗ୍ରାମ, ହ୍ୱାଟ୍ସଆପ୍, ୟୁଟ୍ୟୁବ ଭିଡିଓ, ମେସେଜରେ ଭଲ ବିଷୟଗୁଡ଼ିକୁ ଅନୁସରଣ କରି ଭୁଲ ଦିଗକୁ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରମୋଦ ବଗର୍ତ୍ତୀ, ହରିବନ୍ଧୁ ରାଉତ, ଶିକ୍ଷକ ଗୀତାଞ୍ଜଳି ମେହେର, ସୀମାଞ୍ଚଳ ସାହୁ, ନରୋତ୍ତମ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଗାଡ଼ି ଧକ୍କାରେ ୨ ଗାଈ ମୃତ; ଏକାଧିକ ଗୁରୁତର

ବଲାଙ୍ଗିର,୨୧।୭(ସମିସ): ବଲାଙ୍ଗିର ସହରରେ ପୁଣି ଗାଡ଼ି ଧକ୍କାରେ ଗଡ଼ିଲା ଗାଈ ମୁଣ୍ଡ। ଅଜଣା ଟ୍ରକ୍ ଧକ୍କାରେ ୨ଟି ଗାଈର ମୃତ୍ୟୁ ଘଟିଛି। ଏଥିରୁ ଅଧିକ ଗାଈ ଗୁରୁତର ଭାବେ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳୁ ବଲାଙ୍ଗିର-ଟିଟିଲାଗଡ଼ ରାସ୍ତା ପାଲେସ ଲାଇନ ପାଖରେ ୫ରୁ ଅଧିକ ଗାଈକୁ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ରାସ୍ତାରେ ଛଟପଟ ଅବସ୍ଥାରେ ୫ରୁ ଅଧିକ ଗାଈ ପଡ଼ି ରହିଥିଲେ। ଖବର ପାଇ ଗୋସେବକ ଓ କର୍ତ୍ତବ୍ୟ ଫାଉଣ୍ଡେସନର ସଭ୍ୟମାନେ ପହଞ୍ଚି କାହ୍ନା ଶତପଥୀ ସଦସ୍ୟଙ୍କ ସହ ଆସି ଆହତ ଗାଈଙ୍କୁ ଉଦ୍ଧାର କରି ଚିକିତ୍ସା ବ୍ୟବସ୍ଥା କରିଥିଲେ।

## ପର୍ଶୁରାମ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ



ଦେଓଗାଁ,୨୧।୭(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସାଲେପାଲିରେ ମଙ୍ଗଳବାର ଶ୍ରୀଜୀଉ ପର୍ଶୁରାମ ଅବତାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଯୁଗଳ କିଶୋର ଷଡଙ୍ଗୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଭୁବନେଶ୍ୱର ସାମଲ, ଠାକୁର ଭୋଇ, ସାନନ୍ଦ ଷଡଙ୍ଗୀ, ବୈଶଖାଖୁ ପଧାନ, ନିବେଦିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ମଙ୍ଗଳ ପାଠାଗାର ପରିଚାଳିତ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଦର୍ଶନ କରିଥିଲେ।

## ନାବାଳିକାକୁ ଅସଦାଚରଣ ଘଟଣାରେ ଅଭିଯୁକ୍ତ ଗିରଫ



ଦେଓଗାଁ,୨୧।୭(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଦେଷଣ୍ଡରେ ଜଣେ ନାବାଳିକାକୁ ଜଙ୍ଗଲକୁ ନେଇ ଅସଦାଚରଣ ଘଟଣାରେ ମଙ୍ଗଳବାର ଅଭିଯୁକ୍ତ ଯୁବକକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ବଳରାମ ବରିହା (୨୦। ଥାନା ଅଧିକାରୀ ସବିତା ଠେମରିଆ ଏହି ସୂଚନା ଦେଇଛନ୍ତି। କଣ୍ଟାବାଞ୍ଜି ରେଳ ଷ୍ଟେସନରୁ ପୁଲିସ ବଳରାମକୁ ଗିରଫ କରିଥିଲା। ଏହାପରେ ଦେଓଗାଁ ଥାନାକୁ ଆଣିଥିଲା। ଡାକ୍ତରୀମାଇନା କରିବା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ପଠାଇ ଦିଆଯାଇଛି।

## ବଡ଼ବାଙ୍କି-ଚାରପାଣି ରାସ୍ତା ଶୋଚନୀୟ



କଣ୍ଟାବାଞ୍ଜି,୨୧।୭(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ବଡ଼ବାଙ୍କି-ଚାରପାଣି ରାସ୍ତା ଶୋଚନୀୟ ହୋଇ ପଡିଛି। ଏହି ରାସ୍ତା ପଡୋଶୀ ଜିଲ୍ଲା ନୂଆପଡ଼ା, କଳାହାଣ୍ଡି, ଭବାନୀପାଟଣା, ଛତିଶଗଡର ରାୟପୁରକୁ ସଂଯୋଗ କରୁଛି। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ପାଣି ଜମି ରହିଛି। ଏଣୁ ଯାତାୟାତରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକ ଯାତାୟାତ କରୁଥିଲେ ମଧ୍ୟ ରାସ୍ତାର ଦୁରବସ୍ଥା ଯୋଗୁଁ ଦୁର୍ଘଟଣାର ଆଶଙ୍କା ବଢ଼ି ଚାଲିଛି। ବିଶେଷ କରି ଦୁଇଚକିଆ ଯାନ ଚାଳକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକ ବାରମ୍ବାର ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ମରାମତି କାମ ହୋଇନାହିଁ।

## ହକ୍ ମାଗିଲେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ




ବଲାଙ୍ଗିର,୨୧।୭(ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ସମଗ୍ର ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି। ଏହି ଅବସରରେ ରାଜ୍ୟ ସଭାପତି ବିଶ୍ୱରଂଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦୀର୍ଘ ଦିନ ଧରି କେବଳ ଏକମାତ୍ର ଦାବି ୨୦୦୮-୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନଭୂକ୍ତ କରିବା ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ସରକାର ସଂଘ ସହିତ ଆଲୋଚନା କରି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଫଳ ଶୂନ। ପୁଣି ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ କମିଟି ରିପୋର୍ଟ ପ୍ରଦାନ କରିଥିଲେ ସୁଦ୍ଧା ସରକାର ପୁଣି କମିଟିର କାର୍ଯ୍ୟକାଳକୁ ୬ ମାସ ବଢ଼େଇବାକୁ ସଂଘ ତୀବ୍ର ବିରୋଧ କରିଛି। ଏବେ ରାଜ୍ୟ ସରକାର କେଜିରୁ ପିଜି ନିଃଶୁଳ୍କ ଶିକ୍ଷା ନୀତି ଲାଗୁ କରିଛନ୍ତି। ସଂଘ ଏହାକୁ ନେଇ ପ୍ରଶଂସା କରିଛି; ମାତ୍ର ଏହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମ୍ୟାନେଜମେଣ୍ଟ କର୍ମଚାରୀଙ୍କ ଉପରେ ବୋଝ ଉପରେ ଲଳିତା ବିଡ଼ା ସଦୃଶ। ସରକାରଙ୍କ ଏ ନିଃଶୁଳ୍କ ଶିକ୍ଷା ଦ୍ୱାରା ବର୍ତ୍ତମାନ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ଦରମା ଦେବାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅସମର୍ଥ ରହିବେ। ତେଣୁ ଏଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ୨୦୦୮-୨୦୧୮ ଅନୁଦାନକୁ ପ୍ରାଥମିକତା ଦେଇ ଯଥାଶୀଘ୍ର ନୂତନ ଅନୁଦାନ ନୀତି ଆଣିବା ପାଇଁ ସଂଘ ଦାବି କରିଛି। ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ, ଲକ୍ଷ୍ମଣ ବାରିକ, ବିଜୟ ମିଶ୍ର, ଅଂଶୁମାନ ଦାଶଙ୍କ ସହ ଜିଲ୍ଲାର ଶତାଧିକ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍, ରାତିରେ ଅନ୍ଧାର



କଣ୍ଟାବାଞ୍ଜି,୨୧।୭(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଏକ ବିଚିତ୍ର ସମସ୍ୟା ଦେଖା ଦେଇଛି। ସହରର ଆଲୋକୀକରଣ ବ୍ୟବସ୍ଥାକୁ ନେଇ ଏନଏସି ପ୍ରଶାସନର ଚରମ ଅବହେଳା ପଦାରେ ପଡ଼ିଛି। ଯେଉଁ ସମୟରେ ଲାଇଟ୍ ଜଳିବା କଥା ସେତେବେଳେ ଅନ୍ଧାର ଏବଂ ଯେତେବେଳେ ସୂର୍ଯ୍ୟଙ୍କ ଆଲୋକ ଥାଏ ସେତେବେଳେ ରାସ୍ତାପାଖର୍ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ଜଳେ। ଅନେକ ଦିନ ହେବ କଣ୍ଟାବାଞ୍ଜି ସହରର ତୁରେକେଲା ରୋଡ୍ ଏବଂ କଣ୍ଟାବାଞ୍ଜିରୁ ଗୁଡିଘାଟ ରୋଡ଼ରେ ଥିବା ଅନେକ ରାସ୍ତାପାଖର୍ ଷ୍ଟ୍ରିଟ୍ ଲାଇଟ୍ ଦିନରେ ଜଳୁଛି; ମାତ୍ର ରାତିରେ ବନ୍ଦ ହୋଇପଡୁଛି। ଏହା ଫଳରେ ସାଧାରଣ ପଥଚାରୀ, ଗାଡ଼ି ଚାଳକ ଏବଂ ସ୍ଥାନୀୟ ବାସିନ୍ଦା ରାତିରେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନବେଳେ ଅକାରଣରେ ବିଦ୍ୟୁତ୍ ଶକ୍ତି ନଷ୍ଟ ହେଉଥିବା ବେଳେ ରାତିରେ ସୁରକ୍ଷା ଓ ଆଲୋକ ଅଭାବରୁ ଦୁର୍ଘଟଣାର ଭୟ ବୃଦ୍ଧି ପାଉଛି। ଏହି ବିଷୟରେ ସ୍ଥାନୀୟ ଲୋକେ ବାରମ୍ବାର ଏନଏସି କର୍ମଚାରୀ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅଭିଯୋଗ କରିଥିଲେ ମଧ୍ୟ ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନାହିଁ। ଏନଏସି କର୍ମଚାରୀଙ୍କ ଏପରି ଉଦାସୀନତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

### ୟନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

# ଆଜି ସମସ୍ତ ବିଭାଗର ଫାଇନାଲ ମ୍ୟାଚ୍

ବଲାଙ୍ଗିର,୨୧।୭(ସମିସ)



ବଲାଙ୍ଗିର ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ଆନୁକୂଲ୍ୟରେ ୟନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଚାଲିଛି। ଆଜି ତୃତୀୟ ଦିନର ଖେଳରେ ସମସ୍ତ ବିଭାଗର ଫାଇନାଲ ଲାଇନଅପ୍ ଚୂଡାନ୍ତ ହୋଇଯିବ। ଅନୁଷ୍ଠିତ ହୋଇଯାଇଥିବା ପ୍ରତିଯୋଗିତାରେ ୧୯ ବର୍ଷରୁ କମ୍ ବାଳକ ଫାଇନାଲରେ ବିଜୟ ଗୁଡିଆଙ୍କ ସହ ଶ୍ରୀୟାଂଶ କେଜ୍ରିୱାଲ ଫାଇନାଲ ମୁକାବିଲା ହେବ। ୬୫ ବର୍ଷ ଫାଇନାଲରେ ଗୋପାଳ ପଣ୍ଡା ଓ ସନାତନ ହାତୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ୧୫ ବର୍ଷ ବାଳିକା ଫାଇନାଲରେ ରିଚା ଅଗ୍ରୱାଲ ଆଲିସା ସାହୁଙ୍କୁ ଭେଟିବେ। ବରିଷ୍ଠ ବର୍ଗ ପୁରୁଷ ଡବଲ୍ସରେ ପିୟୁଷ ନାଗ ସାଥୀ ବିନୀତ ନାଏକ ଓ ନିଖିଲ ସୁନା ସାଥୀ ହିମାଂଶୁ ହାତୀଙ୍କ ସହ ଅନୁଷ୍ଠିତ ହେବ। ୬୦ବର୍ଷ ଭେଟରାନ ଡବଲ୍ସରେ ଡା. ବେଣୁଧର ପାଣ୍ଡେ ସାଥୀ ପ୍ରଦୀପ ସାହୁ ଓ ଗୋପାଳ ପଣ୍ଡା ସାଥୀ ସନାତନ ହାତୀଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୫୦ ବୟସ ବର୍ଗ ସିଙ୍ଗିଲ୍ସ ଫାଇନାଲରେ ସଂଗ୍ରାମ ବେହେରାଙ୍କ ସହ ଡା. ଦିପକ ବାରିକଙ୍କ ମଧ୍ୟରେ ମୁକାବିଲା ହେବ। ୫୫ ବର୍ଷ ବର୍ଗରେ ଡବଲ୍ସ ଖେଳାଳି ଡା. ବେଣୁଧର ପାଣ୍ଡେ ଓ ଘନଶ୍ୟାମ ମିଶ୍ର ଭେଟରାନ ଖେଳାଳି ସଂଗ୍ରାମ ବେହେରା ଓ ଡା. ଦିପକ ବାରିକଙ୍କୁ ଭେଟିବେ। ୩୫ ବର୍ଷ ବର୍ଗରେ ଥବୀର ସାହୁ ଓ ଶିବୁନ ରଥଙ୍କ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଲେବଲ-୩ ୟନେକ୍ସ ସନ୍‌ରାଇଜ ଜିଲ୍ଲା ବ୍ୟାଡମିଣ୍ଟନ ପ୍ରତିଯୋଗିତା ନୂଆ କରି ବ୍ୟାଡମିଣ୍ଟନ ଖେଳୁଥିବା ସ୍କୁଲ ଖେଳାଳିଙ୍କ ମଧ୍ୟରେ

- ୧୯ ବର୍ଷରୁ କମ୍ ଫାଇନାଲରେ ବିଜୟ ଗୁଡିଆ ଓ ଶ୍ରୀୟାଂଶ କେଜ୍ରିୱାଲ
- ୬୫ ବର୍ଷ ସିଙ୍ଗଲ୍ସରେ ଗୋପାଳ ପଣ୍ଡା ଓ ସନାତନ ହାତୀ
- ୧୫ ବର୍ଷ ବାଳିକା ଫାଇନାଲରେ ରିଚା ଅଗ୍ରୱାଲ ଓ ଆଲିସା ସାହୁ

ଅନୁଷ୍ଠିତ ହେଉଛି। ଆଜି ତାହାର ଫାଇନାଲ ଖେଳ ମଧ୍ୟ ଅନୁଷ୍ଠିତ ହେବ। ଏହି ଖେଳର ଉଦ୍ଦେଶ୍ୟ ହେଲା କେବେ ବ୍ୟାଡମିଣ୍ଟନ ଖେଳି ନ ଥିବା ଖେଳାଳିଙ୍କ ମଧ୍ୟରେ ଏହି ଖେଳ ପ୍ରତି ଉତ୍ସାହ ସୃଷ୍ଟି କରିବ। ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଂପାଦକ ସୁରୁଲାଲ ମଟାରୀଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ପ୍ରତିଯୋଗିତା ପରି.ଳନା ପାଇଁ ଜାତୀୟ ତଥା ରାଜ୍ୟ ସଂଘ ଦ୍ୱାରା ସ୍ୱିକୃତିପ୍ରାପ୍ତ ରେଫରିମାନେ ନିଯୁକ୍ତ ହୋଇଛନ୍ତି। ଖେଳର ସୁପରି.ଳନା ପାଇଁ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ-ସଭାପତି ଘନଶ୍ୟାମ ମିଶ୍ର, ଯୁଗ୍ମ ସଂପାଦକ ମାନସ ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ଅନନ୍ତ ବେହେରା ପ୍ରମୁଖ ବିଭିନ୍ନ ବିଭାଗର ଦାୟିତ୍ୱରେ ଅଛନ୍ତି। ମୁଖ୍ୟ ରେଫରି ଭାବେ ଜାତୀୟ ଗ୍ରେଡ-୨ ରେଫରି ହେମନ୍ତ ପ୍ରଧାନ ଏବଂ ଡେପୁଟି ରେଫରି ଭାବେ ଚନ୍ଦ୍ର ଶେଖର ମିଶ୍ର ନିଯୁକ୍ତ ହୋଇଛନ୍ତି। ସଟଲ କଣ୍ଟ୍ରୋଲ ଭାବେ କାସିମ ଇକ୍‌ବାଲ, ପ୍ରକାଶ ସାହୁ, ରେଶନ ଜୈନ, ଆଶିଷ ଦର୍ଜୀ, ଫିଜିଓ ତଥା ଫାଷ୍ଟଏଡ୍ ବିଶେଷଜ୍ଞ ଭାବେ ରାମ ନାରାୟଣ ଦାଶ, ପ୍ରକାଶ ଛନ୍ଦ, ରଶ୍ମିରାଣୀ ଦାଶ ଯୋଗ ଦେଇଛନ୍ତି। ୨୨ ତାରିଖ ପୂର୍ବାହ୍ନରୁ ସମସ୍ତ ବିଭାଗର ଫାଇନାଲ ପ୍ରତିଯୋଗିତା ଆରମ୍ଭ ହୋଇଯିବ ବୋଲି ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ସାଧାରଣ ସଂପାଦକ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗାଈର ମୃତ୍ୟୁ

ଶଗଡ଼ା,୨୧।୭(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ବାଉଁଶୁଣି ପଞ୍ଚାୟତ ଗଡ଼ଭିତର ଗାଁ ମୁଣ୍ଡରେ ଥିବା ଏକ ଖୋଲା ବିଦ୍ୟୁତ ଟ୍ରାନ୍ସଫର୍ମରରେ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଅପରାହ୍ନ ୪ଟାରେ ଏକ ଗାଈର ମୃତ୍ୟୁ ଘଟିଛି। ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ତିଆରି କରିବା ପାଇଁ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି। ବିଦ୍ୟୁତ ବିଭାଗ କିନ୍ତୁ କର୍ଣ୍ଣପାତ କରୁନି। ଏଣୁ ବିଦ୍ୟୁତ ବିଭାଗର ଅବହେଳାକୁ ଲୋକେ ଦାୟୀ କରିଛନ୍ତି। ପୂର୍ବରୁ ଏହି ସ୍ଥାନରେ ୩ଟି ନିରିହ ପଶୁଙ୍କ ଜୀବନ ଯାଇଛି। ଆଜି ପୁଣି ଗୋଟିଏ ପଶୁର ଜୀବନ ଗଲା। ଏହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ନିଟ୍ ପରୀକ୍ଷାରେ ଛାତ୍ରୀଙ୍କ ସଫଳତା



ଶଗଡ଼ା,୨୧।୭(ସମିସ): ସର୍ବଭାରତୀୟ ନୀଟ୍ ପରୀକ୍ଷାରେ ବୌଦ୍ଧ ଜିଲ୍ଲାର ସଞ୍ଜିତା ମହାକୁଡ଼ ସଫଳତା ହାସଲ କରିଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଠିପଦର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଲିଙ୍ଗରାଜ ମହାକୁଡ଼ ଓ ପୁଷ୍ପାଞ୍ଜଳି ଦନ୍ତାଙ୍କ ଝିଅ ସଂଜିତା ୫୮୬ ନମ୍ବର ରଖିଛନ୍ତି।

## ବାଇକ୍ ଉପରେ କାନ୍ଥ ଭୁଶୁଡ଼ିଗଲା



ଶଗଡ଼ା,୨୧।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ଗତ ୩ଦିନର ଲଗାଣ ବର୍ଷା ଜାରି ରହିଛି। ବର୍ଷାରେ କଣ୍ଟାମାଳ ବ୍ଲକ ସିମିଳିପଦର୍ ଗାଁର ମଧୁସୁଦନ ଖେତିଙ୍କ ଘର କାନ୍ଥ ପଡ଼ି ଗଳି ପଡିଛି। ପରିବାର ଲୋକେ ବର୍ତ୍ତି ଯାଇଛନ୍ତି। ତେବେ ଅଭିଳାଷ ମିଶ୍ରଙ୍କ ବାଇକ ଉପରେ କାନ୍ଥ ପଡିବାରୁ ଗାଡ଼ିଟି ନଷ୍ଟ ହୋଇଛି।

ସକାଳ
THE SAKALA

# ସମ୍ପାଦକୀୟ



କାହାରି ଅନିଷ୍ଟ ନ କରି, କାହାରିକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା ଆଜିର ଲକ୍ଷ୍ୟ ହେବା ଉଚିତ।
-ମା' ରମାଦେବୀ

## ଏ ବର୍ଷ ମଧ୍ୟ ସାର ସଙ୍କଟ

ଓଡ଼ିଶାର ଚାଷ ଓ ଚାଷୀଙ୍କ ପାଇଁ ତିନିଟି ସମସ୍ୟା ଭାଗ୍ୟଲିଖନ। ରୁଆ ବେଳେ ବିହନ ଓ ସାର ଅଭାବ, ଅଦିନିଆ ବର୍ଷା କିମ୍ବା ଗଜା ମରୁଡ଼ି ଏବଂ ଅମଳରେ ମଣ୍ଡି ଜଞ୍ଜାଳ। ଏ ତିନି ସମସ୍ୟା ମଧ୍ୟରୁ ଦ୍ୱିତୀୟଟି ଦଇବ ହାତରେ ଥିବା ବେଳେ ପ୍ରଥମ ଓ ତୃତୀୟଟି ସମ୍ପୂର୍ଣ୍ଣ ଭାବେ ମଣିଷକୃତ। ବିଡ଼ମ୍ବନା ହେଉଛି ଗତାନୁଗତିକ ଭାବରେ ଏହାକୁ ସତେଯେମିତି ବ୍ୟବସ୍ଥାର ଏକ ଅଙ୍ଗ ଭାବେ ସ୍ୱୀକୃତି ଦିଆଯାଇଛି। ତେଣୁ ଦୀର୍ଘସ୍ଥାୟୀ ସମାଧାନର ବାଟ ବାହାର କରିବାକୁ ଆନ୍ତରିକତା ପ୍ରକାଶ ପାଉନାହିଁ। ଏ ପର୍ଯ୍ୟନ୍ତ ମଣ୍ଡି ଜଞ୍ଜାଳରୁ ମୁକୁଳି ନଥିବା ଓଡ଼ିଶାର ଚାଷୀମାନେ ସାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ରାତି ଅଧରୁ ଆଧାର କାର୍ଡ ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ ମଧ୍ୟ ନିରାଶ ହେବାକୁ ପଡୁଛି। ବିଡ଼ମ୍ବନା ହେଲା ଚାଷୀଙ୍କୁ ବୋନସ୍ ଲୋଭ ଦେଖାଇ କ୍ଷମତାକୁ ଆସିଥିବା ସରକାର ନା ତ ମଣ୍ଡି ପରିଚାଳନାକୁ ବ୍ୟବସ୍ଥିତ କରିପାରିଛି ନା ସାର ସମସ୍ୟାର ସମାଧାନ ହୋଇପାରୁଛି। କ୍ରମାଗତ ତିନିବର୍ଷ ଧରି ସାର ସମସ୍ୟା ଲାଗି ରହିଛି।

ରାଜ୍ୟର ଅନେକ ମଣ୍ଡିରେ ରବି ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। 'ତଥାପି ସରକାର କିଣିବେ' ବୋଲି କେତେକ ଚାଷୀ ଆଶା ବାନ୍ଧି ବସିଥିବା ବେଳେ ଆଉ କେତେଜଣ ଭାଗ୍ୟକୁ ଆଦରି କମ୍‌ଦାମ୍‌ରେ ଦଲାଲ୍‌ଙ୍କୁ ବିକ୍ରି ପୁଣି ଖରିଫ୍ ଚାଷ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏ ସନ ଭଲ ବର୍ଷା ହୋଇଥିବାରୁ ଅମଳ ଭଲ ହେବ ବୋଲି ଚାଷୀ ଆଶା। ବାନ୍ଧି ବସିଥିଲା। କିନ୍ତୁ ବର୍ତ୍ତମାନ ବେଉଷଣ ସରି ଧାନ କେଣ୍ଡା ବାହାରିବାକୁ ପ୍ରସ୍ତୁତ ହେଉଥିବା ବେଳେ ୟୁରିଆ ଅଭାବ ଦାଉ ସାଧିଛି। ପ୍ୟାକ୍ସ ଓ ସମବାୟ କେନ୍ଦ୍ରଗୁଡ଼ିକରେ ଆଧାର କାର୍ଡ ପିଛା ମାତ୍ର ଗୋଟିଏ ବସ୍ତା ୟୁରିଆ ମିଳୁଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତା' ମଧ୍ୟ ଚାହିଦା ତୁଳନାରେ ଯୋଗାଣ ବହୁତ କମ୍ ଥିବାରୁ ସମସ୍ତଙ୍କୁ ମିଳୁନାହିଁ। ବର୍ଷାରେ ରାତି ଅଧରୁ ଧାଡ଼ିରେ ରହି ମଧ୍ୟ ନ ପାଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଅପରପକ୍ଷରେ ଖୋଲା ବଜାରରେ ସରକାରୀ ମୂଲ୍ୟଠାରୁ ତିନି/ଚାରିଗୁଣା ଉଚ୍ଚ ଦରରେ ୟୁରିଆ ସାର ବିକ୍ରି ହେଉଛି, ଯାହା ଚାଷୀ ଅସନ୍ତୋଷକୁ ଆହୁରି ତୀବ୍ର କରିଛି। ଖୋଲା ବଜାରରେ ଯାହାକୁ ଯେତେ ସାର ବିକ୍ରି ହେବା ଅର୍ଥ ରାଜ୍ୟରେ ସାରର ଅଭାବ ନାହିଁ। କିନ୍ତୁ ସରକାରୀ ବ୍ୟବସ୍ଥା ଭିତରକୁ ତାହା ଆସିପାରୁନାହିଁ। ଏହା ସରକାରୀ ବାବୁ ଓ କଳାବଜାରୀର ମଧୁଚନ୍ଦ୍ରିକା ଦିଗକୁ ଇଙ୍ଗିତ କରୁଛି। କୃଷି ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ମଧ୍ୟ ସ୍ପଷ୍ଟ ହେଉଛି।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି। ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି। ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡୁଛି। ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି। କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି। ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି। ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି, ଯାହାର ପ୍ରଭାବ ଓଡ଼ିଶା ଉପରେ ଏବେ ଏବେ ଅନୁଭୂତ ହୋଇଛି। ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍।

ରାସାୟନିକ ସାର ଯୋଗାଣ ପାଇଁ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ। ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ। ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ, ଯାହା ଏବେ ପ୍ରାୟତଃ ଦେଖିବାକୁ ମିଳୁଛି। ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ। କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ। ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ। ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ। ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ। ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି। ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ। ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି।

ବିଶେଷକରି ଭାରତ ଭଳି କୃଷିପ୍ରଧାନ ଦେଶରେ ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ। ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି। ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ। ସେମିକଣ୍ଡକ୍ଟର ଭଳି ସାର ଶିଳ୍ପକୁ ମଧ୍ୟ ଆତ୍ମନିର୍ଭରଶୀଳ ଭାରତ ଅଧୀନ କରିବା ଆବଶ୍ୟକ।

## ଧାରଣା-ଦୁର୍ନୀତି-ଉତ୍ତରଦାୟୀ

**ଅଶୋକ ପରିଡ଼ା**

୨୦୧୧ ମସିହାରେ 'ଇଣ୍ଡିଆ ଏଗେନେଷ୍ଟ କରପସନ୍' ଆନ୍ଦୋଳନ ଓ ଆନ୍ନା ହଜାରେଙ୍କ ଅନଶନ ସହିତ ଅନେକ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ନୂଆପିଢ଼ିର ଯୁବକ ଯୁବତୀ, ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିଅର, ଏନ୍‌ଆର୍‌ଆଇ ଯୋଗ ଦେଇଥିଲେ। ସାରା ଦେଶରେ ଏହାର ଖୁବ୍ ଚର୍ଚ୍ଚା ହେଲା। ଭାରତୀୟ ରାଜନୀତି ଓ ଦେଶର ଦିଗ ପରିବର୍ତ୍ତନର ଏକ ସୂଚନା ଜଳଜଳ ଦିଶୁଥିଲା। ଏହି ମନ୍ଥନରୁ ଯେଉଁ ଅମୃତ ବାହାରିଲା ସେଥିରୁ ଆମେ ପାଇଲୁ ଲୋକପାଳ ଓ ଲୋକାୟୁକ୍ତ। ଏହି ବିଲ୍ ପାର୍ଲାମେଣ୍ଟରେ ୨୦୧୩ରେ ପାରିତ୍ ହୋଇଥିଲା, ଯାହାର ସୁଫଳ ଆମେ ଆଜି ଭୋଗ କରୁଛେ। ଏହି ମନ୍ଥନରୁ 'ଆମ୍ ଆଦ୍‌ମୀ ପାର୍ଟି'(ଆପ୍) ନାଁରେ ଏକ ନୂତନ ରାଜନୈତିକ ଦଳ ମଧ୍ୟ ଜନ୍ମ ନେଇଥିଲା। ଏହାର ନେତା ଚତୁର ଅରବିନ୍ଦ କେଜ୍‌ରିୱାଲ୍ ଠଉରେଇ ନେଇଥିଲେ ଭାରତୀୟଙ୍କ ମାନସିକତା। ଆନ୍ନା ହଜାରେଙ୍କଠାରୁ ଅଲଗା ହୋଇ ଆରମ୍ଭ କଲେ ନୂଆ ରାଜନୈତିକ ଦଳ। ଏହି ନୂତନ ଦଳର ମୂଳ ଆଭିମୁଖ୍ୟ ଥିଲା ମହାତ୍ମା ଗାନ୍ଧୀଙ୍କ 'ଗ୍ରାମ ସ୍ୱରାଜ'କୁ ପ୍ରୟୋଗ କରିବା। ଗ୍ରାମ ସଭା, ମହଲା ସଭା, ଲୋକଙ୍କ ମତ ସର୍ବାଗ୍ରେ ରହିବା ସହିତ ଗ୍ରାମକୁ ହିଁ ପ୍ରାଧାନ୍ୟ ଦିଆଯିବ ଓ ଲୋକଙ୍କ ଶାସନ ହେବ। ସବୁ କ୍ଷେତ୍ରରେ ଉତ୍ତରଦାୟୀ ରହିବାକୁ ବାଧ୍ୟ।

ଏହିଭଳି ସ୍ୱପ୍ନ ଦେଖାଇ ନୂଆଦିଲ୍ଲୀରେ 'ଆମ୍ ଆଦ୍‌ମୀ ପାର୍ଟି' କ୍ଷମତାକୁ ଆସିଲା। କ୍ଷମତାକୁ ଆସିବା ପରେ ନିଜ ରଙ୍ଗ ବଦଳାଇ ନୂତନ ଶାସନ ବ୍ୟବସ୍ଥାର ଯେଉଁ ମଡେଲ୍ ଦେଶବାସୀଙ୍କୁ ଦେଲା, ତାହା ସମସ୍ତଙ୍କୁ ନିରାଶ କଲା। ଏହି ସମୟରେ ଗୋଳିଆ ପାଣିରୁ ଫାଇଦା ଉଠାଇ ଭାରତୀୟ ଜନତା ପାର୍ଟି ସରକାରକୁ ଆସିଲା। ଏହାର ନେତା ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେଲେ। 'ଇଣ୍ଡିଆ ଏଗେନେଷ୍ଟ କରପ୍‌ସନ୍' ନାରାକୁ ନରେନ୍ଦ୍ର ମୋଦୀ ନିଜ ଢଙ୍ଗରେ ପରିବର୍ତ୍ତନ କରି 'ନା ଖାଉଁଗା, ନା ଖାନେ ଦୁଙ୍ଗା' ସ୍ଲୋଗାନରେ ପରିବର୍ତ୍ତନ କରାଇ ଲୋକଙ୍କ ଦୃଷ୍ଟି ଆକର୍ଷଣ କଲେ। ଏହା ବାଦ୍ ଧାରା ୩୭୦, ରାମ ମନ୍ଦିର ନିର୍ମାଣ, ନକ୍ସଲ ମୁକ୍ତ ଭାରତ ଆଦି ମୋଦୀଙ୍କ ରାଜନୀତିରେ ସାମିଲ୍ ହେଲା। ଭୁଲ ହେଉ କି ଠିକ୍ ଯେଉଁ କାର୍ଯ୍ୟ ଆରମ୍ଭ କରୁଛନ୍ତି ମାନେ ତାହାକୁ ଶେଷ କରିବା ହିଁ ମୋଦୀଙ୍କ ବଡ଼ ଉପଲବ୍ଧି। ସାଧାରଣ ଜନତାଙ୍କ ସହିତ ମୋଦୀଙ୍କ ସମ୍ପର୍କ ବିଜେପିକୁ ବହୁତ ଫାଇଦା ଦେଇଛି।

ଦୁର୍ନୀତି କିଛି ପରିମାଣରେ ତଳ ସ୍ତରରେ କମିଛି। ଏହି କମିବାର କାରଣ ଯେ ଆମ ଦେଶବାସୀ ଜାଗୃତ ହୋଇଗଲେ ତାହା ନୁହେଁ; କେବଳ ସମ୍ଭବ ହୋଇଛି ଡିଜିଟାଲ ଟ୍ରାଞ୍ଜାକ୍‌ସନ୍ ପାଇଁ। ଅନେକ କ୍ଷେତ୍ରରେ ଏବେ ଡିଜିଟାଲ ନେଣଦେଣ ହେଉଥିବାରୁ ଦୁର୍ନୀତି କରିବାର ଅବସର ଆଉ ନାହିଁ। ଯେମିତିକି ଟୋଲ୍‌ଗେଟ୍‌ରେ ଆପେ ଆପେ ଫାଷ୍ଟଟ୍ୟାଗ୍ ଦ୍ୱାରା ଆକାଉଣ୍ଟରୁ ପଇସା କଟିଯାଉଛି; ଯାହାଫଳରେ କେହିବି ଆଉ ଚେଷ୍ଟା କରୁନାହାନ୍ତି କାହାକୁ ଧରାଧରି କରି ଏଥିରୁ ନିବୃତ୍ତ ହେବା ପାଇଁ। ଠିକ୍ ସେହିପରି ପୂର୍ବରୁ କଲେଜମାନଙ୍କରେ ହଷ୍ଟେଲ ପାଇବା ପାଇଁ କୁହାପୋଛା କରି କିଛି ରୁମ୍ ନିଜ ପିଲା ନାମରେ କରାଇ ନେଉଥିଲେ। କିନ୍ତୁ ଡିଜାଟାଲ୍ ହେବା ଦ୍ୱାରା ଏବେ ନଂ ଆଧାରରେ ପିଲାମାନେ ହଷ୍ଟେଲ ପାଉଛନ୍ତି। ଏହିଭଳି କିଛି 'ଖୁଚୁରା' ଦୁର୍ନୀତି କମିଛି। ବଡ଼ ବଡ଼ ଦୁର୍ନୀତି ଏବେ ବି ଚାଲିଛି।

ଦିଲ୍ଲୀର ଜନ୍ତରମନ୍ତରରେ ଅନଶନ କରୁଥିବା ସୋନମ ୱାଙ୍ଗଚୁକ୍‌ଙ୍କୁ ଲୋକେ ଆଉ ଭରସାକୁ ନେଉ ନାହାନ୍ତି। କଂଗ୍ରେସ ଭଳି ଅନେକ ଦଳ ଭୟ କରୁଛନ୍ତି ଯେ ଆଉ ଏକ ଆପ୍ ଜନ୍ମ ନ ନେଉ। ଏକଦା ଅନଶନରେ ବସୁଥିବା ଲୋକ ସରକାରକୁ ଦୋହଲାଇ ଦେଉଥିଲା। ଗୋଟିଏ ମହତ କାର୍ଯ୍ୟ ବା ଦେଶ ହିତ ପାଇଁ କରାଯାଉଥିବା ଅନଶନରେ ଦେଶର ବିଭିନ୍ନ ଶ୍ରେଣୀର ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇ ସରକାର ଉପରେ ଚାପ ପକାଉଥିଲେ। ସରକାର ମଧ୍ୟ ଭୁଲ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ କିଛି ପରିମାଣରେ ବାଧ୍ୟ ହେଉଥିଲେ। କିନ୍ତୁ ୱାଙ୍ଗଚୁକ୍‌ଙ୍କ ଦୀର୍ଘ ୨୧ ଦିନର ଅନଶନ ପରେ ମଧ୍ୟ ସରକାର ଅଚିନ୍ତାରେ। କାରଣ ସରକାର ଜାଣିଛନ୍ତି ଏ ଅନଶନର ପ୍ରଭାବ ସରକାର ଉପରେ କିଛି ବି ପଡ଼ିବ ନାହିଁ। କେଜ୍ରିୱାଲ ଯେଉଁ ଅବିଶ୍ୱାସର ମଞ୍ଜି ବୁଣି ଦେଇଯାଇଛନ୍ତି ତାହାର ଭରପୂର ଫାଇଦା ଏନ୍‌ଡିଏ ସରକାର ଉଠାଉଛନ୍ତି।

ଲୋକତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା ଉତ୍ତରଦାୟୀ। ଯଦି ଉତ୍ତରଦାୟୀ କେହି ନୁହନ୍ତି ତେବେ ଗଣତନ୍ତ୍ର ଧୀରେ ଧୀରେ ଫାଙ୍କ ହେବାରେ ଲାଗିଛି ବୋଲି ଧରିନେବାକୁ ହେବ। ବିଜେପି ଦୀର୍ଘଦିନ କ୍ଷମତାରେ କିପରି ରହିବ, ତାହାର ନିଶା ଧୀରେ ଧୀରେ ଘାରିଲାଣି। ରାଜନୈତିକ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିଜେପି ଏକଦା ଯାହାକୁ ଦୁର୍ନୀତିଖୋର ଭାବେ ପ୍ରମାଣିତ କରିଥିଲା ସେଇମାନଙ୍କୁ ନିଜ ଦଳରେ ସାମିଲ କରି ଉଚ୍ଚ ପଦପଦବୀରେ ସ୍ଥାପିତ କରାଇବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ସେ କାର୍ଯ୍ୟ ଆରମ୍ଭ ହୋଇଗଲାଣି।

ଏବେ ଦୁଇଟି ଘଟଣା ଏବେ ବିଜେପିକୁ ଜନସମାଜରେ ନିନ୍ଦିତ କରିଛି। ଗୋଟିଏ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଓ ଅନ୍ୟଟି ରାମ ମନ୍ଦିର ଚୋରି। ବିଜେପିରେ ଉତ୍ତରଦାୟୀ ପରମ୍ପରା ପ୍ରାୟତଃ ନାହିଁ କହିଲେ ଚଳେ। କ୍ଷମତାରେ ଥିବା ବେଳେ ଯଦି କୌଣସି ବଡ଼ ଅଘଟଣ ଘଟୁଥିଲା, ତେବେ ପୂର୍ବରୁ ଉତ୍ତରଦାୟୀ ସ୍ୱରୂପ ରାଜନେତାମାନେ କ୍ଷମତାରୁ ଓହରି ଯାଉଥିଲେ। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଥିଲେ ଲାଲବାହାଦୁର ଶାସ୍ତ୍ରୀ। କିନ୍ତୁ ବାହାନଗା ଭୟଙ୍କର ରେଳ ଦୁର୍ଘଟଣା ହେଉ କି ଲକ୍ଷ୍ମୀପୁର ଖେରୀରେ ମନ୍ତ୍ରୀ ଅଜୟ କୁମାର ମିଶ୍ର(ଟେନୀ)ଙ୍କ ପୁତ୍ରଙ୍କ ଗାଡ଼ିରେ ଚାରିଜଣ କୃଷକଙ୍କ ଜୀବନହାନି ହେଉ କି ନିଟ୍ ପରୀକ୍ଷାରେ ପ୍ରଶ୍ନ ପତ୍ର ପ୍ରଘଟ ଘଟଣା ହେଉ, କେହି ବି ଉତ୍ତରଦାୟୀ ନୁହନ୍ତି ବୋଲି ବିଜେପି ଜଣାଇ ଦେଇଛି। ରାମ ମନ୍ଦିର ନିର୍ମାଣର ସବୁଯାକ ଶ୍ରେୟ ବିଜେପି ନେଉଥିବା ବେଳେ ଚୋରିର ଅପବାଦ ଓ ଉତ୍ତରଦାୟିତ୍ୱ ମଧ୍ୟ ନେବା ଉଚିତ। ଟ୍ରଷ୍ଟଠାରୁ ଆରମ୍ଭ କରି ପରିଚାଳନା ପର୍ଯ୍ୟନ୍ତ ସବୁଥିରେ ନିଜ ଲୋକ ଥିବା ବେଳେ ଏତେବଡ଼ ଘଟଣା କିପରି ଘଟିଲା ତାହା ମଧ୍ୟ ଆଜି ସରକାରକୁ ଲୋକେ ପ୍ରଶ୍ନ ପଚାରୁଛନ୍ତି।

ଉତ୍ତରଦାୟିତ୍ୱ ଆଜି କେଉଁସ୍ତରକୁ ଯାଇଛି ତାହାର ଆଉ ଏକ ଉଦାହରଣ ନେବା। ରାଜଧାନୀ ଏକ୍ସପ୍ରେସ୍, ବର୍ତ୍ତମାନର ତେଜସ୍ ଏକ୍ସପ୍ରେସ୍ ଗତବର୍ଷରେ କେତେ ଥର ବିଳମ୍ବରେ ଓ କେତେ ଥର ଠିକ୍ ସମୟରେ ପହଞ୍ଚିଛି ଜାଣିବା ପାଇଁ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ଆବେଦନର ଉତ୍ତରରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଜଣାଇଲେ ଯେ, ଏହି ରିପୋର୍ଟ ଆମେ ଲିପିବଦ୍ଧ କରି ରଖୁନାହୁଁ, ସେଥିପାଇଁ ଆମ୍ଭେ ଜଣାଇ ପାରିବୁ ନାହୁଁ। ଯଦି ଏକ ଛୋଟିଆ ବିଦ୍ୟାଳୟରେ ପିଲାଟି ଠିକ୍ ସମୟରେ ଆସୁଛି କି ନାହିଁ ଉପସ୍ଥାନ ଖାତା ପ୍ରସ୍ତୁତ କରି ବର୍ଷ ବର୍ଷ ରଖାଯାଇ ପାରୁଛି; ରେଳ ବିଭାଗ ଟିକେଟ ଭଡ଼ା ଉପରେ ଆମଠାରୁ ଜିଏସ୍‌ଟି ନେଇ ମଧ୍ୟ ତାହାର ଉପସ୍ଥାନ ଲିପିବଦ୍ଧ କରି ରଖୁନାହିଁ। ଏହାଠାରୁ ଆଉ ବଡ଼ ବିଡ଼ମ୍ବନା କ'ଣ ହୋଇପାରେ? ରେଳ ବିଭାଗ ଡିଣ୍ଡିମ ପିଟୁଛି ଆମ୍ଭେ ମୂଳରୁ ଚୂଳ ପରିବର୍ତ୍ତନ କରୁଛୁ, ହେଲେ ସମୟାନୁବର୍ତ୍ତିତା ତ ହୋଇପାରିଲା ନାହିଁ, ସଫାସୁତୁରା ଖାଲି କାଗଜକଲମରେ ଯାହା ହେଉଛି। ଏସି ଶ୍ରେଣୀର ଶୌଚାଳୟ ଅବସ୍ଥା ଯାହା ନ କହିବା ଭଲ।

ପେନ୍‌ଠାରୁ ପ୍ଲେନ୍ ପର୍ଯ୍ୟନ୍ତ ଆମଠାରୁ ଜିଏସ୍‌ଟି ନେଉଥିବା ସରକାର ଆମକୁ ମୂଳଭୂତ ବ୍ୟବସ୍ଥାମାନ ଯୋଗାଇବାରେ ବିଫଳ। ବର୍ତ୍ତମାନର ପିଢ଼ି ସରକାରଙ୍କୁ 'ଚାକିରି ମାଗୁ ନାହାନ୍ତି; ମାଗୁଛନ୍ତି - 'ଆମକୁ ଭଲ ସ୍କୁଲ, ଶିକ୍ଷା, ରାସ୍ତା, ସ୍ୱାସ୍ଥ୍ୟ, ଭଲ ବ୍ୟବସ୍ଥା ଦିଅ।' ହେଲେ ସରକାର ତ ନିଦା ବିଷ୍ଣୁ। ଗୁହାରି କରିବା କାହାକୁ?

ମୋ: ୯୪୩୮ ୫୦୪୧୦୩

## ସୁସ୍ଥ ଜୀବନକାଳ ବନାମ ଦୀର୍ଘ ଜୀବନକାଳ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ବିଗତ ଶତାବ୍ଦୀରେ ଘଟି ଯାଇଛି ଦୁଇଟି ବିଶ୍ୱଯୁଦ୍ଧ। ବ୍ୟାପିଛି ଅନେକ ମହାମାରୀ। ଏହା ସତ୍ତ୍ୱେ ମଣିଷର ପ୍ରତ୍ୟାଶିତ ଜୀବନ କାଳ ବୃଦ୍ଧିପାଇଛି ପୃଥିବୀର ସର୍ବତ୍ର। ଏହା ସମ୍ଭବ ହୋଇପାରିଲା ଜୀବନ ଯାପନ ପ୍ରଣାଳୀ ଏବଂ ରୋଗ ନିର୍ଣ୍ଣୟ ଓ ଚିକିତ୍ସାରେ ଉନ୍ନତ ଯୋଗୁଁ। ବିଜ୍ଞାନର ଅଗ୍ରଗତି ସହିତ ଉପଲବ୍ଧ ହେଲା ବିଶୁଦ୍ଧ ଜଳ; ଉନ୍ନତ ହେଲା ପରିମଳ ବ୍ୟବସ୍ଥା। ଖାଦ୍ୟାଭାବ ଦୂର ହେଲା। ବୃଦ୍ଧି ପାଇଲା ଶିକ୍ଷାର ପ୍ରସାର। ଜନସାଧାରଣଙ୍କ ଆୟ ବଢ଼ିଲା। ମହିଳାମାନଙ୍କ ସ୍ଥିତିରେ ଉନ୍ନତି ସଂଘଟିତ ହେଲା। ବିଶେଷକରି ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ହିଁ ପ୍ରଗତିକୁ ତ୍ୱରାନ୍ୱିତ କରିଦେଲା। ଫଳରେ ବୃଦ୍ଧି ପାଇଚାଲିଲା ଆୟୁକାଳ। ମାତ୍ର ବହୁ ବ୍ୟାଧି ଛାଡ଼ି ଦେଇଗଲା ତା'ର ପଦଚିହ୍ନ। ତଥାକଥିତ ଆରୋଗ୍ୟ ବ୍ୟକ୍ତିଠାରେ ପରିଲକ୍ଷିତ ହେଲା ଅସୁସ୍ଥତା ଜନିତ ଶାରୀରିକ ଅସାମର୍ଥ୍ୟ। ଅନ୍ୟମାନଙ୍କ ଉପରେ ନିର୍ଭରଶୀଳତା ବଢ଼ିଲା। ଦୀର୍ଘକାଳିକ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ କରିଦେଲା ପରିବାରର ଆର୍ଥିକ ସ୍ଥିତିକୁ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସଂଘଟିତ ହେଲା ଅସାଧାରଣ ପ୍ରଗତି। ହ୍ରାସ ପାଇଲା ସଂକ୍ରାମକ ରୋଗଗୁଡ଼ିକର ପ୍ରାଦୁର୍ଭାବ। କିନ୍ତୁ ଖାଦ୍ୟାଭାବ ଜନିତ ରୋଗ ଏବଂ ମାତୃ ଓ ଶିଶୁସ୍ୱାସ୍ଥ୍ୟରେ ସମାନୁପାତିକ ଉନ୍ନତି ପରିଲକ୍ଷିତ ହୋଇ ନ ପାରିବା କାରଣରୁ ଅସୁସ୍ଥତା, ଶାରୀରିକ ଅମାସର୍ଥ୍ୟ ଓ ମୃତ୍ୟୁହାର ଆଶାନୁରୂପ ଭାବରେ ହ୍ରାସ ପାଇଲା ନାହିଁ। ଅଧିକନ୍ତୁ ରାଜୁତି ଚଳେଇବା ଆରମ୍ଭ କରି ଦେଲା ହୃଦଧମନୀ ରୋଗ, ଯେପରିକି ହାଟ୍ ଆଟାକ, ବ୍ରେନ ଆଟାକ ବା ଷ୍ଟ୍ରୋକ, ଡାଇବେଟିସ, ଦୀର୍ଘକାଳୀନ ଫୁସଫୁସ ତଥା ଶ୍ୱାସତନ୍ତ୍ର ରୋଗ, କ୍ୟାନ୍ସର, ଲିଭର, କିଡନି, ଗଣ୍ଠି, ଚକ୍ଷୁ ଓ କର୍ଣ୍ଣ ଆଦିର ଅଣସଂକ୍ରାମକ ରୋଗମାନ। ବିଂଶଶତାବ୍ଦୀର ଶେଷଆଡ଼କୁ ଉଭା ହୋଇ ପଡ଼ିଲା ଶରୀରର ଓଜନ ବୃଦ୍ଧି ଓ ପୃଥୁଳତା। ପୃଥିବୀର ବହୁରାଷ୍ଟ୍ରରେ ଏହା ବଡ ଆତଙ୍କ ଜନକ ଭାବରେ ବୃଦ୍ଧି ପାଇଲା।

ଏହିସବୁ ରୋଗକୁ କୁହାଗଲା ଜୀବନଶୈଳୀ ରୋଗ ବା ଲାଇଫଷ୍ଟାଇଲ ଡିଜିଜେସ୍। ମୁଖ୍ୟତଃ ଆର୍ଥିକ ଲାଭକୁ ଦୃଷ୍ଟିରେ ରଖି ବ୍ୟବସାୟୀ ଗୋଷ୍ଠୀ ଏହାକୁ ଜନସାଧାରଣଙ୍କ ଉପରେ ଲଦି ଦେଲେ ଏବଂ ଜନସାଧାରଣ ଏହାକୁ ବିନାଦ୍ୱିଧାରେ ଗ୍ରହଣ କରିନେଲେ। ତମାଖୁ ଜାତୀୟ ପଦାର୍ଥ, ଅତିପ୍ରକ୍ରିୟାକୃତ ଖାଦ୍ୟ ଦ୍ରବ୍ୟ, ଅଧିକ ଶର୍କରା ପଡ଼ିଥିବା ଖାଦ୍ୟ ଓ ପାନୀୟ, ମାଦକ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର ବିପର୍ଯ୍ୟସ୍ତ କରିଦେଲା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ। ଆକର୍ଷଣୀୟ ବିଜ୍ଞାପନଗୁଡ଼ିକ ଦ୍ୱାରା ପ୍ରଲୁବ୍ଧ ହୋଇ ଜନସାଧାରଣ ଏଗୁଡ଼ିକରେ ପାଲରେ ପଡ଼ିଗଲେ ଏବଂ ବିପତ୍ତିକୁ ଆମନ୍ତ୍ରଣ କରି ଆସିଲେ ନିଜ ଉପରକୁ। ତା' ସାଙ୍ଗକୁ ବୃଦ୍ଧି ପାଇଲା ଯାନବାହନର ସଂଖ୍ୟା। ଘରେ ଘରେ ଶୋଭା ପାଇଲା ଟେଲିଭିଜନ। ଇଣ୍ଟରନେଟ୍ ହୋଇପଡ଼ିଲା ହାତବାରିସୀ। ଫଳରେ ଜନସାଧାରଣ ଶାରୀରିକ ଶ୍ରମରୁ ଏକରକମର ମୁକ୍ତି ପାଇ ଉପଭୋଗ କରିଚାଲିଲେ ଶ୍ରମବିହୀନ ଜୀବନ। ଡିଜିଟାଲ ଦୁନିଆ ସହ ଜନସାଧାରଣଙ୍କ ସଂପୃକ୍ତି ବୃଦ୍ଧି ପାଇ ଚାଲିବାରୁ ସେମାନେ ଆବେଗିକ ସଂପର୍କ ସ୍ଥାପନରୁ ବିଚ୍ଛିନ୍ନ ହୋଇପଡ଼ିଲେ। ଏପରି ପ୍ରବଣତା ବେଶୀ ବୃଦ୍ଧି ପାଇଛି ଯୁବଗୋଷ୍ଠୀରେ। ସବୁଠାରେ ଲୋକେ ଏବେ ପ୍ରଦୂଷଣରେ ଅତିଷ୍ଠ। ନୂଆ ନୂଆ ବ୍ୟାଧିମାନଙ୍କୁ ଜନ୍ମ ଦେଇ ଚାଲିଛି ଜଳବାୟୁ ପରିବର୍ତ୍ତନ। ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଆହ୍ୱାନ ରୂପେ ଉଭା ହୋଇ ପଡ଼ିଲାଣି।

ଏକବିଂଶ ଶତାବ୍ଦୀରେ ସଭ୍ୟତାର ଏହି ବିକୃତ ପ୍ରଗତି ଫଳରେ ପ୍ରତ୍ୟାଶିତ ଆୟୁକାଳ ବା ଜୀବନକାଳ ବୃଦ୍ଧି ପାଇଛି ସିନା, କିନ୍ତୁ ପଛେଇ ଯାଇଛି ସୁସ୍ଥ ପ୍ରତ୍ୟାଶିତ ଆୟୁକାଳ ବା ସୁଦୀର୍ଘ ସୁସ୍ଥ ଆୟୁକାଳ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ୧୯୫ଟି ରାଷ୍ଟ୍ରରେ କରାଯାଇଥିବା ଏକ ଅନୁଧ୍ୟାନରୁ ପ୍ରକାଶ ଯେ ୨୦୦୦ ରୁ ୨୦୧୯ ମସିହା ଭିତରେ ପ୍ରତ୍ୟାଶିତ ଆୟୁକାଳ ଏବଂ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିଲା ୯.୬ରୁ ବର୍ଷର ବ୍ୟବଧାନ। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ବ୍ୟବଧାନ ଥିଲା ୨.୪ ବର୍ଷ ଅଧିକ। ସର୍ବାଧିକ ବ୍ୟବଧାନ ପରିଲକ୍ଷିତ ହୋଇଥିଲା ଯୁକ୍ତରାଷ୍ଟ୍ର ଆମେରିକାରେ (୧୨.୪ ବର୍ଷ) ଏବଂ ୟୁକେରେ (୧୧.୩ବର୍ଷ)। ଅର୍ଥନୈତିକ ପ୍ରଗତି କାରଣରୁ ଏହି ରାଷ୍ଟ୍ରଦୁଇଟିରେ ପ୍ରତ୍ୟାଶିତ ଆୟୁକାଳ ବୃଦ୍ଧି ପାଇଥିବା ବେଳେ ସେମାନେ ସୁସ୍ଥ ଜୀବନ ଉପଭୋଗ କରିପାରି ନଥିଲେ। ଅନ୍ୟ ପକ୍ଷରେ, ଲେସୋଥୋ ଭଳି ରାଷ୍ଟ୍ରଗୁଡ଼ିକରେ ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ବ୍ୟବଧାନ ଥିଲା ଊଣା।

୨୦୦୦-୨୦୧୯ ମସିହା ଭିତରେ ଭାରତରେ ପ୍ରତ୍ୟାଶିତ ଆୟୁକାଳ ବର୍ଷକୁ ୦.୪୩ ହାରରେ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ବୃଦ୍ଧି ପାଇଥିଲା ବର୍ଷକୁ ୦.୩୭ ହାରରେ। ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ୨୦୨୨ ମସିହାରେ ମୋଟାମୋଟି ଭାବେ ପ୍ରତ୍ୟାଶିତ ଆୟୁକାଳଠାରୁ ଥିଲା ଗୋଟିଏ ଦଶକ ପଛରେ। ଏହି ବ୍ୟବଧାନ ଥିଲା ପୁରୁଷମାନଙ୍କ କ୍ଷେତ୍ରରେ ୯.୨୨ ବର୍ଷ ଓ ମହିଳାମାନଙ୍କ କ୍ଷେତ୍ରରେ ୧୧.୭୭ ବର୍ଷ।

୨୦୨୭ ମସିହା ସୁଦ୍ଧା ଭାରତରେ ବିକାଶର ସ୍ତରକୁ ଆହୁରି ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରହିଛି। ସୁତରାଂ ଆମ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟର ପ୍ରୋତ୍ସାହନ ଓ ସୁରକ୍ଷା ପାଇଁ ଆହୁରି ଅଗ୍ରାଧିକାର ଦେବାକୁ ପଡ଼ିବ। ଏହା ସାକାର ହୋଇ ନ ପାରିଲେ ଭାରତର ଅଧିକତର ବିକାଶ ଫଳବତୀ ହୋଇ ପାରିବନି କି ଅର୍ଥନୈତିକ ଅତିଶକ୍ତିଶାଳୀ ରାଷ୍ଟ୍ର ବା ଇକୋନୋମିକ ସୁପରପାୱାର ହେବାର ଆକାଂକ୍ଷା ପୂରଣ ହୋଇ ପାରିବନି।

ଭାରତୀୟମାନଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରିବାରେ ଅସ୍ୱାସ୍ଥ୍ୟକର ଖାଦ୍ୟ ହିଁ ପ୍ରଧାନତଃ ଦାୟୀ। ତେଣୁ ଯୋଜନା ପ୍ରଣୟନ ସମୟରେ ଏଥିପ୍ରତି ସମୁଚିତ ଧ୍ୟାନ ଦେବା ବାଞ୍ଛନୀୟ। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତର ଏକ ବିରାଟ ଜନସମୁଦାୟ ଜୀବନର ବହୁବର୍ଷ ନିମ୍ନ ସ୍ୱାସ୍ଥ୍ୟ ଓ ନିମ୍ନ କର୍ମଦକ୍ଷତା ମଧ୍ୟରେ ଅତିବାହିତ କରିବା ଦେଶର ପ୍ରଗତି ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟାଧି ଓ ଶାରୀରିକ ଅସାମର୍ଥ୍ୟର ବୋଝରୁ ମୁକ୍ତ ରହିବା ନିମିତ୍ତ ନିରନ୍ତର ସ୍ୱାସ୍ଥ୍ୟର ସୁରକ୍ଷା ଅପରିହାର୍ଯ୍ୟ।


ଆୟୁକାଳ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନର ଅନେକାଂଶ ଜାତ ହୋଇଯାଏ ଜୀବନକାଳର ଶେଷ ଦୁଇ ଦଶକରେ। କିନ୍ତୁ ସ୍ୱାସ୍ଥ୍ୟର ଅବକ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇଯାଏ କମ୍ ବୟସରୁ। ବୟସ୍କମାନଙ୍କ ଠାରେ ହୃଦଧମନୀ ରୋଗ ଓ ଡାଇବେଟିସରେ ସଂଘଟିତ ହେଉଥିବା ବେଳେ ବିକୃତ ଶାରୀରିକ ପ୍ରକ୍ରିୟା ଆଦ୍ୟ ଜୀବନର ଖାଦ୍ୟାଭ୍ୟାସ ଉପରେ ବହୁଳାଂଶରେ ନିର୍ଭରଶୀଳ। ତେଣୁ ପରିଣତ ବୟସରେ ବ୍ୟାଧିଭାରକୁ ହ୍ରାସ କରିବା ନିମିତ୍ତ ପ୍ରୟାସ ଆରମ୍ଭ କରିବା ପାଇଁ ପଡ଼ିବ ଗର୍ଭଧାରଣ ବୟସର ବହୁପୂର୍ବରୁ ଏବଂ ଏହି ପ୍ରୟାସକୁ ଅବ୍ୟାହତ ରଖିବା ପାଇଁ ପଡ଼ିବ ଜୀବନ ସାରା। ସ୍ୱାସ୍ଥ୍ୟନୀତି ତଥା ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ସୁଚାରୁ ଭାବେ ରୂପାୟିତ କରିପାରିଲେ ହିଁ ଆମେ ଆୟୁକାଳ ଓ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନକୁ ସଂକୁଚିତ କରିବାରେ ସଫଳ ହୋଇପାରିବା।

କଟକ, ମୋ: ୮୨୮୦୨୦୦୩୬୦

## ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ

**ପ୍ରଦ୍ୟୁମ୍ନ କିଶୋର ମିଶ୍ର**

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



'ବ୍ରହ୍ମ' ସ୍ୱରୂପ ଓ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ଦାରୁ ବିଗ୍ରହ ମଧ୍ୟରେ ଅପୂର୍ବ ସମନ୍ୱୟ ରହିଛି। 'ବ୍ରହ୍ମ' ତତ୍ତ୍ୱ ହିଁ ସବୁ ତତ୍ତ୍ୱ ମଧ୍ୟରେ ଶ୍ରେଷ୍ଠ। ଉପନିଷଦର ମୁଖ୍ୟ ପ୍ରତିପାଦ୍ୟ ତତ୍ତ୍ୱ ହେଉଛି 'ବ୍ରହ୍ମତତ୍ତ୍ୱ'। ଉପନିଷଦର ବର୍ଣ୍ଣନା ଅନୁସାରେ ଆଧିଦୈବିକ ପରଂବ୍ରହ୍ମ, ଆଧ୍ୟାତ୍ମିକ ଅକ୍ଷର ବ୍ରହ୍ମ ଏବଂ ଆଧିଭୌତିକ ହେଉଛି କ୍ଷରବ୍ରହ୍ମ (ଜୀବ ଜଗତ ସମୂହ)। ବ୍ରହ୍ମ ଅଦୃଷ୍ଟ ଓ ସଦା ରହସ୍ୟମୟ। ଗୋସ୍ୱାମୀ ତୁଳସୀଦାସ 'ବ୍ରହ୍ମ' ସ୍ୱରୂପ ଦର୍ଶାଇବାକୁ ଯାଇ କହିଛନ୍ତି - 'ବିନୁ ପଦ ଚଲଇ ସୁନଇ ବିନୁ କାନା, କରବିନୁ କରମ କରଇ ବିଧି ନାନା'। ଅର୍ଥାତ୍ ଯିଏ ବିନା ପାଦରେ ଚାଲିପାରେ, ବିନା କାନରେ ଶୁଣିପାରେ ଓ ବିନା ହସ୍ତରେ ନାନା ପ୍ରକାର କର୍ମ କରିପାରେ ସେ ହିଁ 'ବ୍ରହ୍ମ'। ତାହାର ଆଦି-ଅନ୍ତ କିଛି ନାହିଁ। ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ 'ବ୍ରହ୍ମ' ହେଉଛି- ନିର୍ଗୁଣ। ସ୍ୱାଭାବିକ ଭାବେ ବ୍ରହ୍ମ ନିର୍ଗୁଣ। କିନ୍ତୁ ଯେତେବେଳେ ବ୍ରହ୍ମ ମାୟାଯୁକ୍ତ ହୁଏ ବା ମାୟାହେତୁ ବିଭିନ୍ନ ସ୍ଥୂଳ ରୂପ ବା ଅବତାର ଗ୍ରହଣ କରେ ସେତେବେଳେ ବ୍ରହ୍ମ ସଗୁଣ ଅବସ୍ଥା ପ୍ରାପ୍ତ ହୁଏ। ବେଦରେ ମଧ୍ୟ କୁହାଯାଇଛି -'ସହସ୍ରଶୀର୍ଷା ପୁନଃ ଅପାଣିପାଦ'। ଅର୍ଥାତ୍ 'ବ୍ରହ୍ମ' ସହସ୍ରମସ୍ତକ ବିଶିଷ୍ଟ ହେଲେ ମଧ୍ୟ ହସ୍ତପାଦ ବିହୀନ ଅଟେ।

ବେଦରେ ବର୍ଣ୍ଣିତ 'ପୁରୁଷ' ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ୍ ଉପନିଷଦର ଆବିର୍ଭାବ କାଳରେ 'ବ୍ରହ୍ମ' ନାମରେ ଅଭିହିତ। ପୁରୁଷସୂକ୍ତର ବର୍ଣ୍ଣନାନୁଯାୟୀ ସେହି 'ପୁରୁଷ'ଙ୍କଠାରୁ ହିଁ ସବୁ ପ୍ରାଣୀଙ୍କର ସୃଷ୍ଟି। ସେ ହିଁ ସର୍ବଶକ୍ତିମାନ ଓ ସର୍ବଦ୍ରଷ୍ଟା। ଭଗବତ୍ ଗୀତାରେ 'କ୍ଷର' ଓ 'ଅକ୍ଷର' ଦୁଇ ପ୍ରକାର 'ପୁରୁଷ'ର ବର୍ଣ୍ଣନା ରହିଛି। ଯାହାର କ୍ଷୟ ନାହିଁ, ଯିଏ ଅବିନାଶୀ ସେ ହିଁ 'ଅକ୍ଷର-ପୁରୁଷ'। କିନ୍ତୁ 'କ୍ଷର-ପୁରୁଷ' ବିନାଶଶୀଳ। ଗୀତାର ତ୍ରୟୋଦଶ ଅଧ୍ୟାୟରେ 'କ୍ଷର-ପୁରୁଷ' ବା 'ଶରୀର'କୁ 'କ୍ଷେତ୍ର' ବୋଲି କୁହାଯାଇଛି ଏବଂ କ୍ଷେତ୍ରଜ୍ଞ ବା ଜୀବାତ୍ମାକୁ 'ଅକ୍ଷର-ପୁରୁଷ' ବୋଲି ଅଭିହିତ କରାଯାଇଛି। ଛାନ୍ଦୋଗ୍ୟ ଉପନିଷଦ ଅନୁସାରେ 'ବ୍ରହ୍ମ' ହେଉଛି ଆତ୍ମା, ପୁରୁଷ ସର୍ବଶକ୍ତିମାନ ଏବଂ ତାଙ୍କ ନେତ୍ରରେ ଆତ୍ମା ଦୃଶ୍ୟମାନ ହୁଏ।

ବ୍ରହ୍ମ ଆଦୌ ଜଗତ ରୂପରେ ପରିବର୍ତ୍ତିତ ହୁଏ ନାହିଁ। ମାୟାର ପ୍ରଭାବରେ ହିଁ ସମସ୍ତଙ୍କୁ 'ବ୍ରହ୍ମ'ରେ ଜଗତର ଭ୍ରାନ୍ତ ପ୍ରତୀତି ହୁଏ। ଦ୍ୱୈତ ବେଦାନ୍ତରେ 'ବ୍ରହ୍ମ'କୁ ସର୍ବଜ୍ଞ, ସର୍ବକର୍ତ୍ତା, ସର୍ବଭୋକ୍ତା ଭାବରେ ବର୍ଣ୍ଣନା କରାଯାଇଛି। 'ବ୍ରହ୍ମ'ଠାରୁ ସମଗ୍ର ଜୀବ ଓ ଜଗତ ସୃଷ୍ଟି। ବ୍ରହ୍ମ ନିରାକାର ହେଲେ ମଧ୍ୟ ମାୟାରେ ସାକାର ହୁଏ। ଦ୍ୱୈତ ବେଦାନ୍ତର ସିଦ୍ଧାନ୍ତ ଅନୁଯାୟୀ ସାକାର ମଧ୍ୟରେ ହିଁ ନିରାକାର ବ୍ରହ୍ମ ବିରାଜମାନ କରିଥାଏ। ଅତଏବ ବ୍ରହ୍ମ ଏକ ଓ ଅଭିନ୍ନ ହେଲେ ମଧ୍ୟ ମାୟାହେତୁ ଆମକୁ ଦୁଇପ୍ରକାର ସତ୍ତା ଦୃଷ୍ଟିଗୋଚର ହୁଏ। ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ 'ବ୍ରହ୍ମ ସତ୍ୟଂ ଜଗତ୍ ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ' -ଅର୍ଥାତ୍ ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା, ଜୀବାତ୍ମା ଓ ପରମାତ୍ମା ଏକ ଓ ଅଭିନ୍ନ। କେତେକ ବେଦାନ୍ତ ଭାଷ୍ୟକାରଙ୍କ ମତରେ ପରଂବ୍ରହ୍ମ ହିଁ ହେଉଛନ୍ତି ପୁରୁଷୋତ୍ତମ ନାରାୟଣ ଏବଂ ସେମାନଙ୍କ ମତରେ ବ୍ରହ୍ମ ଓ ଈଶ୍ୱର ଏକ ଓ ଅଭିନ୍ନ। ଭଗବତ୍ ଗୀତାରେ 'ପୁରୁଷୋତ୍ତମ' ଶବ୍ଦର ବ୍ୟାପକ ପ୍ରଚଳନ ରହିଛି। ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ 'ପୁରୁଷୋତ୍ତମ' ଅର୍ଥାତ୍ 'ଉତ୍ତମ ପୁରୁଷ' ବୋଲି ସମ୍ବୋଧନ କରିଛନ୍ତି। ଉତ୍ତମ ପୁରୁଷର ସଂଜ୍ଞା ଦେବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି- 'ଯିଏ କ୍ଷର ଓ ଅକ୍ଷର ଦୁଇପ୍ରକାର ପୁରୁଷଙ୍କଠାରୁ ଭିନ୍ନ ସେ ହିଁ 'ପୁରୁଷୋତ୍ତମ'। ଗୀତାର ପଞ୍ଚଦଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - 'ଯୋ ମାମେବମସଂମୂଢ଼ୋ ଜାନାତି ପୁରୁଷୋତ୍ତମମ୍, ସଃ ସର୍ବବିଦ୍ ଭଜତି ମାଂ ସର୍ବଭାବେନ ଭାରତ' - ଅର୍ଥାତ୍ ଯେଉଁ ଜ୍ଞାନୀ ତାଙ୍କୁ ପୁରୁଷୋତ୍ତମ ବୋଲି ଜାଣନ୍ତି ସେ ହିଁ ସର୍ବଜ୍ଞ ଅଟନ୍ତି।

ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁ ଓ ବ୍ରହ୍ମ ଉଭୟର ଏକ ଅପୂର୍ବ ସମନ୍ୱୟ। ଅର୍ଥାତ୍ ସ୍ଥୂଳ ଓ ସୂକ୍ଷ୍ମ ବା ଅକ୍ଷର ଓ କ୍ଷର ପୁରୁଷଠାରୁ ଊର୍ଦ୍ଧ୍ୱରେ ଏକ ଉତ୍ତମପୁରୁଷ ବା 'ପୁରୁଷୋତ୍ତମ'। ଶ୍ରୀଜଗନ୍ନାଥଙ୍କର ଦାରୁବିଗ୍ରହ ବ୍ରହ୍ମର ସ୍ୱରୂପ ଭଳି ହସ୍ତପଦ ବିହୀନ ହୋଇଥିବାରୁ ଅନେକ ମନିଷୀ ଏହି ସ୍ଥୂଳବିଗ୍ରହକୁ 'ବ୍ରହ୍ମ' ନାମରେ ଅଭିହିତ କରିଛନ୍ତି।

ବିଜ୍ଞାନୀମାନଙ୍କ ମତରେ ଦାରୁ ଜୀବଜଗତର ପ୍ରତୀକ ଏବଂ ଯେ ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ଅନ୍ତିମ ଦାରୁ ବିଦ୍ୟମାନ ଥିବ ସେ ପର୍ଯ୍ୟନ୍ତ ଜୀବଜଗତ ବଞ୍ଚିରହିଥିବ। ଏଥିପାଇଁ ଶ୍ରୀଜଗନ୍ନାଥ ଦାରୁମୟ ଶକ୍ତିରେ ପ୍ରତିଷ୍ଠିତ ଚତୁର୍ଦ୍ଧାମୂର୍ତ୍ତି। ଏହି ବିଗ୍ରହ ଦର୍ଶନ କଲେ ବ୍ରହ୍ମ ଦର୍ଶନ ହୁଏ। ଏହା ହିଁ ଜଗତକର୍ତ୍ତାଙ୍କର କଳ୍କୀ କଳେବର।

ଶ୍ରୀଜଗନ୍ନାଥଙ୍କର ଦାରୁବିଗ୍ରହ ମଧ୍ୟରେ ଯେଉଁ 'ବ୍ରହ୍ମ' ସଂସ୍ଥାପିତ, ସେ ହେଉଛନ୍ତି 'ଅକ୍ଷର ପୁରୁଷ'। ସେ ଅବିନାଶୀ ଓ ଅପରିବର୍ତ୍ତନଶୀଳ। ଯେଉଁ ସ୍ଥୂଳ ରୂପ ଆମର ଦୃଷ୍ଟିଗୋଚର ହୁଏ. ତାହା ହେଉଛି 'କ୍ଷର ପୁରୁଷ'। ସୁତରାଂ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଉଭୟ କ୍ଷର ଓ ଅକ୍ଷର ପୁରୁଷର ସମନ୍ୱୟରୁ ସମ୍ଭୂତ ଏକ ଅପୂର୍ବ, ସାମଗ୍ରିକ ସତ୍ତା ଯାହା ଯଥାର୍ଥରେ 'ପୁରୁଷୋତ୍ତମ'।

ସେ ମଧ୍ୟ ଗୁଣାତୀତ ଓ ଇନ୍ଦ୍ରିୟାତୀତ। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ବିଗ୍ରହ ହିଁ ପୂର୍ଣ୍ଣ ଚୈତନ୍ୟମୟ ଓ ସଚ୍ଚିଦାନନ୍ଦ। ସ୍ଥୂଳତଃ ସେ ହସ୍ତପାଦ ବିହୀନ ହେଲେ ମଧ୍ୟ ସେ ଯେ ସର୍ବଦ୍ରଷ୍ଟା, ସର୍ବକର୍ତ୍ତା ଓ ସର୍ବହର୍ତ୍ତା ଏଥିରେ ସନ୍ଦେହ ନାହିଁ। ବୈଜ୍ଞାନିକ ଦୃଷ୍ଟିରୁ ଅନୁଶୀଳନ କଲେ ଜଣାଯାଏ ଯେ ନିରାକାର ଶକ୍ତିରୁ ହିଁ ସାକାର ବସ୍ତୁର ସୃଷ୍ଟି ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହକୁ ଲକ୍ଷ୍ୟ କଲେ ଏହାର ସତ୍ୟତା ପରିଦୃଷ୍ଟ ହୁଏ।

ବ୍ରହ୍ମ ଅସୀମ ଓ ଅନନ୍ତ ହୋଇଥିବାରୁ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଅସୀମ ମହାକାଶର ବର୍ଣ୍ଣ ଅର୍ଥାତ୍ କୃଷ୍ଣବର୍ଣ୍ଣ ଧାରଣ କରିଛନ୍ତି। ଶ୍ରୀମନ୍ଦିରର ତିନୋଟି ଦାରୁବିଗ୍ରହରେ ଦେହ ଓ ଦେହୀ, ସୃଷ୍ଟି ଓ ସ୍ରଷ୍ଟା, ଗୁଣ ଓ ଗୁଣୀର ଭାବ ପ୍ରକାଶିତ ହୁଏ। ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଭେଦ, ଅଭେଦ ଓ ଭେଦାଭେଦ ନାମରେ ଯେଉଁ ତିନି ପ୍ରକାର ସମ୍ବନ୍ଧ ରହିଛି। ତାହାକୁ ସାଧାରଣତଃ ପୁରୁଷ, ପ୍ରକୃତି ଓ ପରମ ନାମରେ ଅଭିହିତ କରାଯାଇଥାଏ। ରତ୍ନସିଂହାସନରେ ଆସୀନ ତ୍ରିମୂର୍ତ୍ତି ମଧ୍ୟରେ ଶ୍ରୀବଳଭଦ୍ର ହେଉଛନ୍ତି ପୁରୁଷ, ସୁଭଦ୍ରା ହେଉଛନ୍ତି ପ୍ରକୃତି ଏବଂ ଶ୍ରୀଜଗନ୍ନାଥ ପରମ ବା ପୁରୁଷୋତ୍ତମ। ଅତଏବ ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହ ବେଦ ଓ ଶାସ୍ତ୍ରାଦି ଦୃଷ୍ଟିରୁ ପ୍ରକୃତ ବ୍ରହ୍ମତ୍ୱ ପ୍ରତିପାଦିତ କରୁଥିବାରୁ ସେ ହିଁ ଯଥାର୍ଥରେ ଜଗତର ନାଥ ବା ବିଶ୍ୱନିୟନ୍ତା ରୂପେ ଅଧିଷ୍ଠିତ।

କଟକ, ମୋ: ୬୩୭୧୫୫୨୮୬୬

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଏସ୍‌ସିବି ସମ୍ପ୍ରସାରଣ ସମୀକ୍ଷା



କଟକ,୨୧।୭(ସମିସ): ଆଜି କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ପ୍ରକଳ୍ପ ଭିତ୍ତିଭୂମି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତିର ବିସ୍ତୃତ ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ। ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣାତ୍ମକମାନ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଶ୍ରୀ ମହାଲିଙ୍ଗ ନୂତନ ନିର୍ମାଣଧୀନ ହସ୍ପିଟାଲ ବ୍ଲକ, ହଷ୍ଟେଲ ଏବଂ ସହକାରୀ ପ୍ରଫେସରମାନଙ୍କ ବାସଭବନ ବୁଲି ଦେଖିଥିଲେ। ସେହିଭଳି ହସ୍ପିଟାଲର ପ୍ରତ୍ୟେକ ଭବନରେ ଅଗ୍ନି ନିର୍ବାପକ ଉପକରଣ, ଜରୁରିକାଳୀନ ନିର୍ଗମନ ପଥ, ଫାୟାର ଆଲାର୍ମ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହିତ ନିୟମିତ ଅଡିଟ୍ ଓ ମକ୍ ଡ୍ରିଲ୍ ଆୟୋଜନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ହସ୍ପିଟାଲ ପରିସରର ପରିମଳ ବ୍ୟବସ୍ଥା, ରୋଗୀ ସୁବିଧା, ଜଳ ଓ ବିଦ୍ୟୁତ ଯୋଗାଣ, ଯାତାୟତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ଅବସରରେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ଚୌଦ୍ୱାରକଟକ ବିଧାୟକ ସୌଭିକ ବିଶ୍ୱାଳ, ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିସନର ଅଶ୍ୱତୀ ଏସ୍, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କର୍ତ୍ତୃପକ୍ଷ, କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ।

## କେବଳ ନିଖୋଜ ଘଟଣାରେ ହେବିୟସ୍ କର୍ପସ୍ ରିଟ୍ ଆବେଦନ ଗ୍ରହଣଯୋଗ୍ୟ ନୁହେଁ: ହାଇକୋର୍ଟ

କଟକ,୨୧।୭(ସମିସ): କେବଳ ଜଣେ ନିଖୋଜ ହେବା ଏବଂ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ତାଙ୍କୁ ଅଟକ ରଖିଥିବା ନେଇ ସ୍ପଷ୍ଟ ଅଭିଯୋଗ ନ ଥିଲେ, ହେବିୟସ କର୍ପସ ଭଳି ରିଟ୍ ଆବେଦନ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହେବିୟସ୍ କର୍ପସ୍ ଜାରି କରିବା ପାଇଁ ବ୍ୟକ୍ତି ଜଣକ ବେଆଇନ ଭାବେ ଅଟକ ଥିବା ପ୍ରମାଣିତ ହେବା ଆବଶ୍ୟକ। ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲାର ଜଣେ ବ୍ୟକ୍ତି ତାଙ୍କର ନାବାଳିକା ଝିଅ ଗତ ଏପ୍ରିଲ ୨୫ରୁ ଘରୁ ନିଖୋଜ ଥିବା ନେଇ ଥାନାରେ ଏତଲା ପ୍ରଦାନ ସହ ହେବିୟସ କର୍ପସ ଆବେଦନ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଅପହରଣ ସନ୍ଦେହ କରୁଥିଲେ ସୁଦ୍ଧା, ଥାନାରେ ଦିଆଯାଇଥିବା ଅଭିଯୋଗରେ ଝିଅଟି କେବଳ ନିଖୋଜ ଥିବା କଥା ଦର୍ଶାଯାଇଥିଲା। କେବଳ କୌଣସି ବ୍ୟକ୍ତି ନିଖୋଜ ଥିଲେ, ତାଙ୍କୁ କୋର୍ଟରେ ହାଜର କରିବା ପାଇଁ ହେବିୟସ୍ କର୍ପସ୍ ଆବେଦନ ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିବା ସହ ଆବେଦନକାରୀଙ୍କ ତରଫରୁ ରୁଜୁ ଏହି ରିଟ୍ ପିଟିସନ୍‌କୁ ଖାରଜ କରିଛନ୍ତି। ଆବେଦନ ଖାରଜ ସତ୍ତ୍ୱେ ନିଖୋଜ ଝିଅକୁ ଖୋଜିବା ପାଇଁ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନେବାରେ ପୁଲିସ ପାଇଁ କୌଣସି ବାଧା ସୃଷ୍ଟି ହେବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

## ଶାଳ କାଠ ବୋଝେଇ ଭ୍ୟାନ୍ ଜବତ

ବ୍ରହ୍ମପୁର, ୨୧।୭(ସମିସ): ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ବନାଞ୍ଚଳ ଅଧିନ ଅମୃତୁଲୁ ବାଳିଆପିଟାରାସ୍ତାର ଖାରୀଗୁଡା ଛକ ରାସ୍ତାରେ ଶାଳ କାଠଗଣ୍ଡି ବୋଝେଇ ମ୍ୟାକ୍ସ ପିକପ ଭ୍ୟାନ ଜବତ କରିଛି ବଡ଼ଗଡ ବନବିଭାଗ। କାଠ ମାଫିଆମାନେ ସନ୍ଧ୍ୟା ସମୟରେ ଶାଗୁଆନ କାଠ ବୋଝେଇ କରି ଚୋରା ଚାଲାଣ କରୁଥିବା ଖବର ବନବିଭାଗ ନିକଟରେ ପହଞ୍ଚି ଥିଲା। ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଏକ ଟିମ କାଠ ଗାଡିକୁ ଦେଖିବା ପରେ ପିଛା କରିଥିଲେ। ଅମୃତୁଲୁ ଠାରୁ ବାଳିଆପିଟା ଛକ ନିକଟରେ କାଠ ବୋଝେଇ ଗାଡିକୁ ଛାଡି ଦୌଡ଼ି ପଳାଇଥିଲେ ଗାଡ଼ି ଚାଳକ। ୬୫ ଘନ ଫୁଟ ସାଳ କାଠ ଗଣ୍ଡି ବୋଝେଇ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି ବନ ବିଭାଗ। ଗିରଫ ବିହୀନ ମାମଲା ଦ୍ୱାରା ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହବ।


**AFFIDAVIT**

By virtue of an affidavit sworn before The Executie Magistrate, Bargarh, vide affidavit no. 381 dated 21.07.2026 I, Pintu Bhue, S/o- Mani Bhue, At/Po.- Tungaon, Ps./Dist.- Bargarh, Odisha, PIN- 768029 declare that, I have changed my son's name from **Prem Bhue** to **Divyansh Bhue**, S/o- Pintu Bhue (father) and Sita Bhue (mother). Hence he shall be known as **Divyansh Bhue** for all purposes.

**AFFIDAVIT**

I, MOHAMAD HANIPH, aged about 52 years, S/o-HAJI IDRIS, Res-WARD NO-7, LALSAHB PADA, NEAR POST OFFICE, KHARIAR, DIST - NUADAPADA, PIN-766107, ODISHA, declared by this Affidavit No.841/2026 Dated.16.07.2026, That now onwards I shall Be Known as **MOHAMMED HANIF** for all future Purposes .

**AFFIDAVIT**

I, Shaikh Umar, S/o-Shaikh Hamid, Resident of At-Agarda, P.O.-Mohagab, P.S.-Kamarda, Dist-Balasore, Odisha, Pin-756035, declare by this Affidavit No.3778 dtd. 18/07/2026, that now onwards I shall be known as **SHEIKH UMAR**, S/o-**SHEIKH HAMID** for all future purposes.

**AFFIDAVIT**

I, Bugata Rohit Kumar @ B. Rohit, aged about 25 years, Son Of Sri Bhagata Saikrishna @ B Sai krishana, permanent resident of Patel Marg, Near Axis Bank, Backside of Jain Mandir, Nabarangpur, in the District of Nabarangpur, declare by this affidavit No-788 dated-21/07/2026, that myself B Rohit, son of B Sai Krishna and Bugata Rohit Kumar, son of Bhagata Saikrishna is one and same person for all purposes.

**AFFIDAVIT**

I, SOPHIA BANU, aged about 47 years, W/o-ABDUL SAMAD, Res-WARD NO-7, LALSAHB PADA, NEAR POST OFFICE, KHARIAR, DIST- NUADAPADA, PIN-766107, ODISHA, declared by this Affidavit No.840/2026 Dated.16.07.2026, That now onwards I shall be Known as **SOFIA BANU** for all future Purposes .

**LOST**

I, **Jaspreet Singh** do hereby declare that, the Original Money Receipt No. SDA 0949022, dated- 30.11.2018, issued by WESCO Utility towards a Security Deposit of ₹ 5,45,624/- in the name of Indera Garments Private Limited, Rourkela, has been lost / misplaced.

If the original receipt is found in future, Indera Garments Private Limited shall have no claim for refund of the said security deposit on the basis of the original receipt.

Sd/- Jaspreet Singh,
Managing Director,
Indera Garments Pvt. Ltd.,
Rourkela

**AFFIDAVIT**

I, Labanga Lata Meher, aged about 45 years, W/o- Arjun Meher, resident of Sudpada, Balangir, Po- Balangir, Ps- Bolangir Town, Dist- Balangir, Odisha, PIN- 767001, do hereby declare by this affidavit No-1462, dtd-21/07/2026, that now onwards I shall be known as **LATA MEHER** for all future purposes.

**AFFIDAVIT**

I, Arjuna Meher, aged about 50 years, S/o- Sukru Meher, resident of Sudpada, Balangir, Po- Balangir, Ps- Bolangir Town, Dist- Balangir, Odisha, PIN- 767001, do hereby declare by this affidavit No-1461, dtd-21/07/2026, that now onwards I shall be known as **ARJUN MEHER** for all future purposes.

**ପିଏମ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ,**
**ତରଭା, ଜିଲ୍ଲା- ସୋନପୁର (ଓଡିଶା)ର**
**୨୦୨୭-୨୮ ଶିକ୍ଷାବର୍ଷ ପାଇଁ ଷଷ୍ଠ ଶ୍ରେଣୀରେ ନାମାଙ୍କନ ନିମିତ୍ତ ପ୍ରବେଶିକା ପରୀକ୍ଷା**

ସୋନପୁର ଜିଲ୍ଲାସ୍ଥିତ ତରଭା ପିଏମ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମାଙ୍କନ ନିମିତ୍ତ ଆସନ୍ତା ୨୮ ନଭେମ୍ବର ୨୦୨୬ ତାରିଖ ଶନିବାର ଦିନ ପ୍ରାତଃ ୧୧ ଘଟିକା ୩୦ ମିନିଟ୍ ସମୟରେ ପ୍ରତି ବ୍ଲକ୍‌ର ଏକ ପ୍ରମୁଖ ହାଇସ୍କୁଲରେ ପରୀକ୍ଷା କରାଯିବ। ସୋନପୁର ଜିଲ୍ଲାର ସରକାରୀ/ ସରକାରୀ ସ୍ୱୀକୃତୀ ପ୍ରାପ୍ତ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷା ବର୍ଷରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଓ ସୋନପୁର ଜିଲ୍ଲାର ବାସିନ୍ଦା ହୋଇଥିବା ପ୍ରାର୍ଥୀମାନେ ତାଙ୍କର ପିତାମାତା କିମ୍ବା ଅଭିଭାବକଙ୍କ ସହ ନବୋଦୟ ବିଦ୍ୟାଳୟ ସମିତିର ୱେବସାଇଟ : https://navodaya.gov.in କିମ୍ବା ଏହି ବିଦ୍ୟାଳୟର ୱେବସାଇଟ୍ https://www.navodaya.gov.in/nvs/nvs school/Sonepur/en/home/ କିମ୍ବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ : https://cbseitms.rcil.gov.in/nvs/ ରେ ଦିଆ ଯାଇଥିବା ଲିଙ୍କ (link) ମାଧ୍ୟମରେ ନିଃଶୁଳ୍କରେ ଅନଲାଇନ (Online) ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ଓ ଆବେଦନ କରିପାରିବେ। ଆବେଦନ କରିବାର ଶେଷ ତାରିଖ ହେଉଛି ୩୧ ଜୁଲାଇ ୨୦୨୬ ଆବେଦନ କରୁଥିବା ପ୍ରାର୍ଥୀ ୦୧.୦୫.୨୦୧୫ ପୂର୍ବରୁ କିମ୍ବା ୩୧.୦୭.୨୦୧୭ ପରେ ଜନ୍ମଗ୍ରହଣ କରି ନଥିବେ। ବିଶେଷ ବିବରଣୀ ଜାଣିବା ନିମନ୍ତେ ବିବରଣୀ ତଥା ବିଜ୍ଞପ୍ତି ପୁସ୍ତିକା ଦେଖିପାରିବେ।

**ଅଧକ୍ଷ, ପିଏମ ଶ୍ରୀ ସ୍କୁଲ ଜ.ନ.ବି. ତରଭା,**
**ଜିଲ୍ଲା-ସୋନପୁର (ଓଡିଶା)**

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011,Odisha, India

Great Place To Work Certified

Engagement of Apprentices

Total Vacancy-1110
Qualification-ITI, Diploma, BE/B. Tech & Graduate
Last Date of Apply-26.08.2026
For Trade Apprentices: NAPS (apprenticeshipindia.org)
For Graduate/Technician Apprentices : NATS (nats.education.gov.in)
Candidates shall visit the Careers page (https://sailcareers.com) of SAIL for detailed advertisement of Engagement of Apprentice.
The walk-in interview date is mentioned against each trade and branch in the advertisement. Kindly refer to it.

Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life

1001/112/2627

**GOVERNMENT OF ODISHA**
**DEPARTMENT OF AGRICULTURE AND FARMERS' EMPOWERMENT**
**OFFICE OF THE EXECUTIVE ENGINEER (AGRIL), GANJAM DIVISION, BERHAMPUR**
Notice No. 991//EE. (Agril.) Dt. 21.07.26

**INVITATION FOR BIDS (IFB)**
e-procurement notice
Bid identification number / Tender call notice no – EE (A), Ganjam-01 of 2026-27

The Executive Engineer (Agril.), Ganjam Division, Berhampur who has been authorized as the procuring officer for Ganjam Division is directed to invite percentage rate bid on behalf of the Governor of Odisha for the Civil construction works under AE-Ganjam Division. The tender cost of the project is approximately **Rs.1.00 Lakhs – Rs.15.00 Lakhs (Excluding GST & LC).** Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **https://tendersodisha.gov.in** from **23.07.26 at 11.00 hours to 04.08.26 at 17.00 hours.** The bid will be opened on 06.08.26 at 11:00 hours onwards in the O/o. Executive Engineer (Agril.), Ganjam Division, Berhampur, inside RITE Campus, Rangeilunda. All other details regarding terms and conditions, corrigendum from time to time if any, DTCN etc. can be seen and downloaded from **https://tendersodisha.gov.in.**

OIPR:1001/1056/1/26-27/0001

Executive Engineer (Agril)
Ganjam Division, Berhampur

**GOVERNMENT OF ODISHA** 25001/762/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Road works**
**Bid Identification No: EERWJYP – Online -05/2026-27**

Letter No. 3491 Date: 17.07.2026

01. Name of the work :: Road works
02. Total Number of works :: 03 (Three) Nos.
03. Approximate Estimated cost :: Rs. 57.58 lakhs to Rs. 75.13 lakhs (approximately)
04. Class of Contractor : "B" Class
05. Period of Completion :: within 6 months
06. Other Details

| Procurement Officer | Bid Identification No. | Sl.No. of work in notice | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o E.E., R.W. Division, Jeypore. | |
|---|---|---|---|---|---|---|---|
| | | | From | To | | Technical Bid | Financial Bid (Sl.No. 1 to 4) |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division, Jeypore | Online Tender/05/ RWD-JYP/2026-27 | 03 Nos. | 24.07.2026 at 10.00 A.M. | 03.08.2026 up to 5.00 P.M. | 01.08.2026 up to 2.00 P.M. | 04.08.2026 at 10.00 A.M. | To be intimated separately |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Executive Engineer,
Rural Works Division: Jeypore.

OIPR-25001/25160/1/26-27/0005

**GOVT OF ODISHA** 25001/757/2627
**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGADA**
At/Po-Nabaghanpur, Dist-Nayagada, Ph-06753-252049
E-mail: nayagarhrw2006@yahoo.in

No:- Tender – Online – Nayagada Divn.-06/2026-27, Date: 15.07.2026

**e-Procurement Notice**

1. **Name of the work** : Building works.
2. **Total No. of Projects** : 13 (Thirteen) Nos of projects
3. **Class of contractor**
   a) Estimated cost above Rs. 20.00 Lakhs & up to Rs. 3.00 Crore : **B Class (of Odisha PWD)** or relevant class of other licensing authorities.
   b) Estimated cost up to Rs. 40.00 Lakhs : : **C Class (of Odisha PWD)** or relevant class of other licensing authorities.
   c) Estimated cost up to Rs. 20.00 Lakhs : : **D Class (of Odisha PWD)** or relevant class of other licensing authorities.
4. **Estimated cost put to tender:** Rs. **50.84 Lakhs & Rs. 51.06 lakhs**
5. **Time for completion: 06 (Six) calendar month.**
6. **Other details**

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagada | No:-Tender – Online – Divn. NAYAGADA – 06/2026-27 | 28.07.2026 at 10.00 A.M. | 12.08.2026 upto 5.30 P.M. | 13.08.2026 at 11.00 A.M. | Will be intimated later |

Further details can be seen from the website www.tendersorissa.gov.in

Superintending Engineer
Rural Works Division, Nayagada

OIPR-25001/25106/1/26-27/0008

**GOVERNMENT OF ODISHA** 34001/514/2627
**OFFICE OF THE SUPERINTENDING ENGINEER**
**PHULBANI (R&B) DIVISION, PHULBANI**
**AT/PO./PS- PHULBANI, PIN-762001**
**E-MAIL: - eeplbrb@gmail.com**, Tel-06842-2532102
**INVITATION FOR BID (IFB)/ NOTICE INVITING TENDER (NIT)**
**e-Procurement Tender Call Notice**
**Bid Identification No.: - SE-R&B-PLB-04/2026-27, DATE: - 20.07.2026**

**Letter No. 4329** **Date. 20.07.2026**

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"MV", "HT", "D" and "C" Class Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Building Works" |
| 2. | No. of Tender | : | 13 (Thirteen) Numbers |
| 3. | Estimated Cost put to Tender. (T.S Amount) | : | Rs.1.43 Lakhs to Rs. 25.05 Lakhs |
| 4. | E.M.D. | : | Rs.1,500/- to Rs. 25,100/- |
| 5. | Period of completion | : | 01 (One) & 12 (Twelve) Calendar Months. |
| 6. | Class of Contractor or Eligibility of the bidders | : | **"MV", "HT", "D" and "C" Class Contractors** (Orissa P.W.D. or equivalent class of other licensing authority) |
| 7. | Tender Cost or Cost of participation in on line Bid | : | Rs. 600/- to Rs. 6000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 24.07.2026 at 10:00 AM to 07.08.2026 up to 05:00 PM |
| 9. | Clarification regarding bidding online | : | From 24.07.2026 at 10:00 AM to 06.08.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 10.08.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamal |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

**Superintending Engineer**
**Phulbani (R&B) Division, Phulbani**

OIPR-34001/34066/1/26-27/0005

8001/225/2627

**ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ,**
**ମାଲକାନଗିରି ବନଖଣ୍ଡ, ମାଲକାନଗିରି**
**OFFICE OF THE DIVISIONAL FOREST OFFICER-CUM-WILDLIFE WARDEN**
**MALKANGIRI FOREST DIVISION, MALKANGIRI**
Contact No. 7077658999, E-Mail: dfo.malkangiri@odisha.gov.in
No. 127 /1F/Acct/2026 Dated, Malkangiri the 18th July, 2026

**POSTPONED NOTICE FOR OPENING OF TENDER**

The opening of the tender for "Procurement of Different Planting Materials for Planting Season - 2026-27", invited vide Bid Identification No. 01 DFO, MKG 01/2026-27, which was scheduled to be held on dated 18.07.2026, is hereby postponed due to unavoidable Circumstances. The tender shall now be opened on dated 22.07.2026 at the designated venue and time. All other terms and conditions of the tender shall remain unchanged.

OIPR:8001/8109/1/26-27/0003

Divisional Forest Officer,
Malkangiri Forest Division

32001/568/2627

GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**LOWER INDRA CANAL DIVISION, KHARIAR**
Dist:- Nuapada, Odisha, PIN:-766107
**e-Procurement Notice No. SELICD-02/2026-27, Dt.17.07.2026 (online)**
**E-mail ID:** eelicd.kha@gmail.com

**No. 1833** **Date: 20.7.26**

| | | |
|---|---|---|
| 1 | Type/Nature of work | Internal Electrification & Installation of Transformer. |
| 2 | Total No. of works | 02 (Two) Nos. |
| 3 | e-Procurement Notice No. | SELICD-02/2026-27, Dt.20.07.2026 (online) |
| 4 | Approx. value of works | Varies from Rs. 9.63 Lakh to Rs. 24.00 Lakh (Excluding GST). |
| 5 | Period of completion | 01 (One) and 02 (Two) Calendar months |
| 6 | Classification of bidders | "HT" & "LT" Electrical Contractor having "C" Class Civil License registered in CDMS. |
| 7 | Availability of Tender Online | From Date **24.07.2026 at 10.00 A.M.** to Date **04.08.2026 up to 5.00 P.M.** |
| 8 | Date and Time of Opening | **05.08.2026 at 10.30 A.M.** |
| 9 | Bid Security/EMD | Mentioned in DTCN |
| 10 | Cost of Tender Paper | Rs. 4000/- & Rs. 6000/- |
| 11 | Procurement Officer | Superintending Engineer, Lower Indra Canal Division, Khariar, Dist:- Nuapada, Odisha. |

Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website https://www.tendersodisha.gov.in.

**(Er. Soumya Kishore Jaipuria)**
**Superintending Engineer**
**Lower Indra Canal Division, Khariar**

OIPR-32001/32335/1/26-27/0001

24001/309/2627

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No **RDM-LAA-MBJ-0032-2022**-9863 R&DM, Dated:07.03.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ରେଣୁଗାଁ, ଥାନା- ବେତନଟୀ ନଂ. ୯୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନୂଆଗାଁ ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୭୦୧ ତା. ୦୧.୦୨.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୫୪୦୮ ତା. ୦୫/୦୨/୨୦୨୬ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୧୫/୦୭/୨୦୨୬ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ରେଣୁଗାଁ, ଥାନା- ବେତନଟୀ ନଂ. ୯୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରେଣୁଗାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧.୯୭ | ଏକର ୦.୪୬ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୧୫.୦୭.୨୦୨୬ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୯/୨୦୨୨
ଏ.୦.୪୬ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ନୂଆଗାଁ ମାଇନର ନିମନ୍ତେ
ମୌଜା-ରେଣୁଗାଁ, ଥାନା- ବେତନଟୀ ନଂ-୯୮, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 21 | 59 | 0.16 | 0.04 | ଶାରଦ ଅଣ ଜଳସେଚିତ ତିନି | ଦୈତାରୀ ମହାନ୍ତ, କୁନି ମହାନ୍ତ, ପୁଷ୍ପା ମହାନ୍ତ ପି: ନରେନ୍ଦ୍ର ମହାନ୍ତ, ଠୁମି ମହାନ୍ତ ସ୍ୱା: ନରେନ୍ଦ୍ର ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 28 | 56 | 0.08 | 0.07 | ଶାରଦ ଅଣ ଜଳସେଚିତ ତିନି | ପ୍ରଫୁଲ୍ଲ ମହାନ୍ତ ପି:ଲକ୍ଷ୍ମୀରାମ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 29 | 57 | 0.17 | 0.15 | ଶାରଦ ଅଣ ଜଳସେଚିତ ତିନି | ପାର୍ବତୀ ମହାନ୍ତ ପି:ପଞ୍ଚାନନ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 36 | 51 | 0.34 | 0.01 | ଶାରଦ ଅଣ ଜଳସେଚିତ ତିନି | ବିଦ୍ୟାଧର ମହାନ୍ତ ପି:ଲକ୍ଷ୍ମିରାମ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 45 | 55 | 0.18 | 0.12 | ଶାରଦ ଅଣ ଜଳସେଚିତ ତିନି | ରାନିଆ ମହାନ୍ତ, ଅଞ୍ଜଳୀ ମହାନ୍ତ ପି: ପ୍ରହଲ୍ଲାଦ ମହାନ୍ତ, ଝଲ ମହାନ୍ତ ସ୍ୱା: ପ୍ରହଲ୍ଲାଦ ମହାନ୍ତ ଜା: କୁଡୁମି ବା: ପଣ୍ଡୁଗଡିଆ |
| | 58 | 0.16 | 0.06 | ଶାରଦ ଅଣ ଜଳସେଚିତ ତିନି | |
| 47 | 54 | 0.88 | 0.01 | ଶାରଦ ଅଣ ଜଳସେଚିତ ତିନି | ରାମେଶ୍ୱର ମହାନ୍ତ ପି:ହରମୋହନ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| ମୋଟ | ୭ ପ୍ଲଟକୁ | ଏ.୧.୯୭ ଡେ.ମି. | ଏ.୦.୪୬ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0084

ସକାଳ
THE SAKALA



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିରୋଧୀଙ୍କ ନିଶାଣରେ...

ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେଇଥିଲେ । ଏଥିରେ ମଲ୍ଲିକାର୍ଜୁନ ଖଡ଼ଗେ, ପ୍ରିୟଙ୍କା ଗାନ୍ଧୀ, ବେଣୁଗୋପାଳ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶିବ କୁମାର ଏବଂ କେରଳ ମୁଖ୍ୟମନ୍ତ୍ରୀ ସତୀଶନଙ୍କ ସମେତ ଦଳୀୟ ସାଂସଦ ଓ ବିଧାୟକ ସାମିଲ ହୋଇଥିଲେ । ରାହୁଲଙ୍କ ସହ ଆଲୋଚନା ପାଇଁ ସରକାର କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କୁ ପଠାଇଥିଲେ । ଶ୍ରୀ ସିଂହ ରାହୁଲଙ୍କୁ ଭେଟିବା ସହିତ ଧାରଣା ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ । ରାହୁଲ ତାଙ୍କ ସମ୍ମୁଖରେ ଦାବି ରଖିଥିଲେ ଯେ ସଂସଦରେ ନିଟ୍ ପରୀକ୍ଷା ବିଭ୍ରାଟ ଉପରେ ଆଲୋଚନା ହେଉ, ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବରତା ପାଇଁ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ କ୍ଷମା ମାଗନ୍ତୁ, ନଚେତ ଇସ୍ତଫା ପ୍ରଦାନ କରନ୍ତୁ । କେନ୍ଦ୍ର ମନ୍ତ୍ରୀଙ୍କ ସହିତ ଗୃହ ସଚିବ ଗୋବିନ୍ଦ ମୋହନ ମଧ୍ୟ ଆସିଥିଲେ । ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ମନ୍ତ୍ରୀ କହିବାରୁ ରାହୁଲ କହିଥିଲେ ଯେ ପ୍ରଥମେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ । କଂଗ୍ରେସକୁ ସମର୍ଥନ ଜଣାଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଧାରଣାସ୍ଥଳକୁ ଆସିଥିଲେ ।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଦିଲ୍ଲୀ ପୁଲିସ ଧାରଣାସ୍ଥଳରେ ପହଞ୍ଚି ରାହୁଲ, ପ୍ରିୟଙ୍କା ଓ ଅଖିଳେଶ ସମେତ ଧାରଣାରେ ବସିଥିବା ସମସ୍ତ ନେତାଙ୍କୁ ଉଠାଇ ନେଇ ଅଟକ ରଖିଛି । ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ଧାରଣା ଆନ୍ଦୋଳନ ସୁରକ୍ଷା ଦୃଷ୍ଟିରୁ ନିରାପଦ ନଥିବାରୁ ପୁଲିସ ବୁଝାଇବା ସହିତ ସେମାନଙ୍କୁ ଉଠାଇ ।ନେଇଥିଲା । କିଛି ନେତାଙ୍କୁ ଥାନାରେ ଅଟକ ରଖାଯାଇଛି, ଆଉ କିଛି ନେତାଙ୍କୁ ଅଜ୍ଞାତ ସ୍ଥାନରେ ରଖାଯାଇଛି । ପୁଲିସ ଉଠାଇ ନେଉଥିବା ବେଳେ ରାହୁଲଙ୍କ ନାକରୁ ରକ୍ତ ବୋହିବାର ଦେଖାଯାଇଛି । ପୁଲିସ କାର୍ଯ୍ୟାନୁଷ୍ଠାନ ବେଳେ ରାହୁଲ କହିଲେ ଯେ ମୋଦୀ ସରକାର ଉତ୍ତରଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହନ୍ତି । ନିଟ୍ ପରୀକ୍ଷା ବିଭ୍ରାଟ ଏବଂ ପୁଲିସ ବର୍ବରତା ସଂପର୍କରେ ଉଭୟ ପ୍ରଧାନମନ୍ତ୍ରୀ ଏବଂ ଗୃହ ମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ ।

ଅନ୍ୟପକ୍ଷରେ ପୁଲିସ ଆକ୍ରମଣରେ ଶତାଧିକ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ଜଣେ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ତାଙ୍କୁ ରାମ ମନୋହର ଲୋହିଆ ହସପିଟାଲର ଭେଣ୍ଟିଲେଟରରେ ରଖାଯାଇଛି । ବିଭିନ୍ନ ମେଡିକାଲରେ ଚିକିତ୍ସାଧୀନ ଆହତ ଆନ୍ଦୋଳନକାରୀଙ୍କୁ ଦେଖିବା ଲାଗି କେନ୍ଦ୍ର ମନ୍ତ୍ରୀଙ୍କ ସମେତ ବିଭିନ୍ନ ଦଳ ଓ ସଂଗଠନର ନେତା ଯାଉଛନ୍ତି । କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ହସପିଟାଲ ଯାଇ ଆହତ ପିଲାମାନଙ୍କୁ ଦେଖିଛନ୍ତି । ପୁଲିସ ମାଡ଼ରେ ଶତାଧିକ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ପୁଲିସ କହୁଛି ଯେ ୯୦ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୭୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ବେଳେ ଅନ୍ୟ ୧୫ ଜଣ ଚିକିତ୍ସାଧୀନ ଅଛନ୍ତି । ସେପଟେ କକ୍ରୋଚ ପାର୍ଟିର ଆନ୍ଦୋଳନକୁ ସମର୍ଥନ ଜଣାଇ ଜନ୍ତରମନ୍ତରରେ ଆଜି ସମର୍ଥକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସରକାରଙ୍କ ଉଦାସୀନତା ଏବଂ ପୁଲିସର ବର୍ବରତା ସେମାନଙ୍କ ମନୋବଳକୁ ବୃଦ୍ଧି କରିଛି ବୋଲି ଆନ୍ଦୋଳନକାରୀ ଘୋଷଣା କରିଛନ୍ତି । ପୁଲିସ ବର୍ବରତା ବିରୋଧରେ ଦେଶର ବିଭିନ୍ନ ଭାଗରେ ଧାରଣା ବିକ୍ଷୋଭ ଚାଲିଥିବାର ଖବର ମିଳିଛି । ଏହି ପ୍ରସଙ୍ଗ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି । ପୁଲିସ ବର୍ବରତା ବିରୋଧରେ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି ।

**ପୂର୍ବ ତଟ ରେଳପଥ**
**ଶୁଦ୍ଧିପତ୍ର**
ଚିକିତ୍ସାଳୟ ଏବଂ ପ୍ୟାଥୋଲୋଜିକାଲ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ସୂଚୀବଦ୍ଧ କରିବା ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି (EOI) ଆମନ୍ତ୍ରଣ
ଏହି ଆବେଦନ ତା.10.08.2026ରିଖ 1500 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ଜମା ହେବା ଆବଶ୍ୟକ ।
ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ/ ଭୁବନେଶ୍ୱର
PR-291/R/26-27

## ଇସ୍ତଫା ଦିଅନ୍ତୁ...

ଆସନ୍ତାକାଲି ସକାଳେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଭୁବନେଶ୍ୱର ଫେରିବାକୁ ପଡୁଛି; କିନ୍ତୁ ଆମର ସାଂସଦମାନେ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ସଂସଦରେ ଉଠାଇବେ । ଏହି ଘଟଣାରେ ଅନେକ ଯୁବକ ଯୁବତୀ ଗୁରୁତର ଭାବେ ଆହତ ହୋଇଛନ୍ତି । ଏପରି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପଦତ୍ୟାଗ କରିବା ଉଚିତ ବୋଲି ନବୀନ କହିଛନ୍ତି ।

## ଟନେଲ ଦୁର୍ଘଟଣା...

ଗ୍ୟାସ ମାସ୍କ ଏବଂ ଅତ୍ୟାଧୁନିକ ଉପକରଣ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ଘଟଣାସ୍ଥଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଉଦ୍ଧାର କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ ଏବଂ ଡାକ୍ତରୀ ଦଳକୁ ଘଟଣାସ୍ଥଳରେ ପ୍ରସ୍ତୁତ ରଖାଯାଇଛି ।

## ହସ୍ପିଟାଲରେ ଆହତଙ୍କୁ...

ରହିବ ବୋଲି ଆଶ୍ୱାସନା ଦେଇଛନ୍ତି । ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଆହତ ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ ପ୍ରତିନିଧି ମଣ୍ଡଳୀ । ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ବିଜେଡି ସାମ୍ବିଧାନିକ ଓ ଗଣତାନ୍ତ୍ରିକ ପଦ୍ଧତିରେ ଏହି ପ୍ରସଙ୍ଗକୁ ଉଠାଇ ଚାଲିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ସାଂସଦମାନେ ଆଶ୍ୱାସନା ଦେଇଥିଲେ । ଏହାପୂର୍ବରୁ ଆଜି ପୂର୍ବାହ୍ନରେ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ସମସ୍ତ ରାଜ୍ୟସଭା ସାଂସଦମାନେ ଦିଲ୍ଲୀର ବିଜୟ ଚୌକଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ । ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସାଂସଦମାନେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରତି ଦଳର ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ । ବିଜେଡିର ସମସ୍ତ ସାଂସଦମାନେ ସଂସଦର ସମସ୍ତ କାର୍ଯ୍ୟବିଧି ସ୍ଥଗିତ ରଖି ଏହି ଗୁରୁତର ପ୍ରସଙ୍ଗ ଉପରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ଦାବି କରିଥିଲେ । ଆହତ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗୃହ ମଧ୍ୟରେ ତୀବ୍ର ପ୍ରତିବାଦ କରିଥିଲେ । ବିରୋଧୀ ଦଳମାନଙ୍କ ହଟ୍ଟଗୋଳ ଯୋଗୁଁ ପରବର୍ତ୍ତୀ ସମୟରେ ଗୃହକୁ ମୁଲତବୀ କରାଯାଇଥିଲା । ବିଭିନ୍ନ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଏହି ପ୍ରତିବାଦରେ ସାମିଲ ହୋଇ ଛାତ୍ରଛାତ୍ରୀଙ୍କ ପ୍ରତି ପୋଲିସର ଅମାନୁଷିକ ଆକ୍ରମଣକୁ ନିନ୍ଦା କରିଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ଏବଂ ଏହାର ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ବଳପ୍ରୟୋଗ କରିବା, ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷୁଣ୍ଣ କରୁଛି । ଆହତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ମିଳିବା ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ଦଳ ସଂସଦ ଭିତରେ ଓ ବାହାରେ ଏହି ଲଢ଼େଇକୁ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

## ଏମ୍‌କେସିଜିରେ...

କୌଣସି ସୂଚନା ନଥିବା ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ପ୍ରଫେସର ଡ଼ା. ସୁଦୀପା ଦାଶ କହିଛନ୍ତି । ଅପରପକ୍ଷରେ ଜିଲ୍ଲା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ କିଛିଦିନ ପୂର୍ବେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବା ସିଟି ହସ୍ପିଟାଲରେ ୧୦ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ ପ୍ରସ୍ତୁତ ରଖାଯାଇଛି । ରୋଗୀଙ୍କୁ ତୁରନ୍ତ ଚିହ୍ନଟ ଓ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ହସ୍ପିଟାଲରେ ଫିଭର କ୍ଲିନିକ୍ କାର୍ଯ୍ୟକ୍ଷମ କରାଯାଇଛି । ସେଠାରେ ଜ୍ୱର, କାଶ, ଥଣ୍ଡା, ଶ୍ୱାସକଷ୍ଟ ଭଳି ଲକ୍ଷଣ ଥିବା ରୋଗୀଙ୍କୁ ପ୍ରାଥମିକ ଯାଞ୍ଚ କରାଯିବ । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଆଇସୋଲେସନ ୱାର୍ଡରେ ୨୪ଘଣ୍ଟିଆ ଡାକ୍ତରଙ୍କ ଉପସ୍ଥିତି ସହ ଆବଶ୍ୟକ ଔଷଧ, ସୁରକ୍ଷା ସାମଗ୍ରୀ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଛି । ସନ୍ଦିଗ୍ଧ ରୋଗୀଙ୍କ ନମୁନା ସଂଗ୍ରହ ଓ ଆବଶ୍ୟକ ପଡ଼ିଲେ ପରୀକ୍ଷା ପାଇଁ ପଠାଇବା ବ୍ୟବସ୍ଥା ମଧ୍ୟ ରହିଥିବା ମୁଖ୍ୟ ଜିଲ୍ଲା ଚିକିତ୍ସାଧୀକାରୀ ଡ଼ା. ଭବାନୀ ଶଙ୍କର ମିଶ୍ର ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟବିଭାଗ ସାଧାରଣ ଲୋକଙ୍କୁ ଅଯଥା ଆତଙ୍କିତ ନହୋଇ ସତର୍କ ରହିବା, ଜ୍ୱର କିମ୍ବା ଶ୍ୱାସଜନିତ ଲକ୍ଷଣ ଦେଖାଦେଲେ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଫିଭର କ୍ଲିନିକ୍‌ରେ ଚିକିତ୍ସା ପରାମର୍ଶ ନେବାକୁ ଅନୁରୋଧ କରିଛି ।

## ୫୮.୩୬ ଲକ୍ଷ...

୭ ଲକ୍ଷ ୯୩ ଲକ୍ଷ ୪୯୦ ଜଣଙ୍କୁ ନୋଟିସ୍ ପ୍ରଦାନ କରାଯାଇସାରିଛି । ସେହିପରି ୫୦ ଲକ୍ଷ ୫ ଲକ୍ଷ ୩୯୯ ଜଣଙ୍କୁ ନୋଟିସ୍ ପ୍ରଦାନ କରାଯିବ । ଅପହଞ୍ଚ ଅଞ୍ଚଳର ବୟସ୍କ ବ୍ୟକ୍ତି, ଭିନ୍ନକ୍ଷମ, ରୋଗଗ୍ରସ୍ତ ଏବଂ ଶାରୀରିକ ଭାବେ ଅକ୍ଷମ ବ୍ୟକ୍ତିମାନଙ୍କୁ ଶୁଣାଣି ପାଇଁ ବ୍ୟକ୍ତିଗତ ଭାବେ ଶୁଣାଣିରେ ଉପସ୍ଥିତ ହେବାକୁ ପଡ଼ିବ ନାହିଁ । ସେମାନଙ୍କ ସୁବିଧା ପାଇଁ ବିଏଲଓମାନେ ସେମାନଙ୍କ ବାସସ୍ଥାନରୁ ସିଧାସଳଖ ଦସ୍ତାବିଜ ସଂଗ୍ରହ କରୁଛନ୍ତି । ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଆସନ୍ତା ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଶୁଣାଣି ସମୟରେ ସେମାନଙ୍କୁ ମୋଟ ୧୩ଟି ଦସ୍ତାବିଜ ମଧ୍ୟରୁ ଗୋଟିଏ ବା ଏକ ବିଏଲଓ ଲେଟର(ପଞ୍ଚନାମା) ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ଯଦି ଏହି ପଞ୍ଚନାମା ଦେବାରେ ସେମାନେ ବିଫଳ ହେଉଛନ୍ତି, ତାହେଲେ ସେମାନେ ଭୋଟର ତାଲିକାରେ ରହିବେ କି ନାହିଁ, ସେନେଇ ଶେଷ ନିଷ୍ପତ୍ତି ଇଆରଓ ନେବେ । ବର୍ତ୍ତମାନ ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଜାରି ରହିଛି । ସେହିପରି ନୋଟିସ ପର୍ଯ୍ୟାୟ ଏବଂ ଦାବି ଓ ଆପତ୍ତିର ସମାଧାନ ପ୍ରକ୍ରିୟା ଜୁଲାଇ ୪ ତାରିଖରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

## ବର୍ଷ ଶେଷ ସୁଦ୍ଧା...

କରିଛନ୍ତି । ରାଜକୋଷୀୟ ଶୃଙ୍ଖଳା ବଜାୟ ରଖିବା, ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ଋଣ-ଜିଡିପି ଅନୁପାତକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାର ଦୀର୍ଘମିଆଦି ଆର୍ଥିକ ରଣନୀତି ଅନୁସରଣ କରୁଛନ୍ତି ବୋଲି କହୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଗାମୀ ବର୍ଷଗୁଡ଼ିକରେ ଋଣ ପରିଚାଳନା, ରାଜସ୍ୱ ସଂଗ୍ରହ ବୃଦ୍ଧି ଏବଂ ପୁଞ୍ଜି ବ୍ୟୟର ସନ୍ତୁଳନ ରକ୍ଷା ସରକାରଙ୍କ ପାଇଁ ସବୁଠୁ ବଡ଼ ଆର୍ଥିକ ଚ୍ୟାଲେଞ୍ଜ ହୋଇ ରହିବ ବୋଲି ଆକଳନ କରାଯାଉଛି ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଚାକିରିରେ ପରିବର୍ତ୍ତନ ହେବ । ରାଜନୀତିରେ ସଫଳ ହେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ପରିବାର ସଦସ୍ୟଙ୍କ ସହଯୋଗ ମିଳିବ ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ । ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ । ପ୍ରେମ ଜୀବନ ସୁଖମୟ ହେବ ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ସୁଧାର ଆସିବ । ପାରିବାରିକ ଜୀବନ ସୁଖମୟ ହେବ । ବାଦବିବାଦରୁ ଦୂରେଇ ରହିବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଉଧାର ଧନ ଫେରିପାଇବେ । ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ । ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ସିଂହ:** ନିବେଶରୁ ଲାଭ ପାଇବେ । କାର୍ଯ୍ୟରେ ସଫଳତା ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ । ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ । ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ । ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ । ଧାର କରଜ କରିବାରୁ ରକ୍ଷା ପାଇବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନ ଖୁସିରେ ବିତିବ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ମକର:** ନାଚ, ଗୀତରେ ସଫଳତା ମିଳିବ । ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ । ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ । ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ । ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ ।

24001/304/2627

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**No. RDM-LAB-GM-0020-2025- 15866 / R&DM, Dated 15.04.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ବାଙ୍ଗରଡା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୧୯୦୮୫ ତା. ୨୭.୦୫.୨୦୨୫** ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ବାଙ୍ଗରଡା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ- କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ଗଞ୍ଜାମ | ତହସିଲ: - ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାଙ୍ଗରଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୦.୫୦୦ | ଏକର ୬.୧୭୫ | ଏଥି ସହିତ ସଂଲଗ୍ନ |

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: ଗଞ୍ଜାମ | ତହସିଲ: - ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୬.୧୧.୨୦୨୫ ।

**ବାଙ୍ଗରଡା ଗ୍ରାମର ଜମିର ବିବରଣୀ**

ମୌଜା - ବାଙ୍ଗରଡା | ତହସିଲ - ଦିଗପହଣ୍ଡି | ଜିଲ୍ଲା - ଗଞ୍ଜାମ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ | ଶ୍ରେଣୀ ବିଭାଜନ | ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୪୪ | ୧୫୭ | ଭଲା ପ୍ରଧାନ ପି: ହେରୁମୁ ପ୍ରଧାନ ଜା: କୁରୁମ ବା: ନିଜଗାଁ | ୦.୨୦୦ | ପଦର | ୦.୦୧୦ | |
| | | ୧୬୧ | | ୦.୧୦୦ | ବିଲ ଅଣଜଳସେଚିତ ଦୁଇ | ୦.୦୮୦ | |
| ୨ | ୬୬ | ୧୪୭ | କୃଷ୍ଣ ଡାକୁଆ ପି: ଅଗାଧୁ ଡାକୁଆ, କାଶି ଡାକୁଆ, ସୁକାନ୍ତ ଡାକୁଆ ପି: ଦଣ୍ଡାସୀ ଡାକୁଆ, ହାର ଡାକୁଆ ସ୍ୱା: ଦଣ୍ଡାସୀ ଡାକୁଆ ଜା: ଭଣ୍ଡାରି ବା: ନିଜଗାଁ | ୦.୦୬୦ | ପଦର | ୦.୦୩୫ | |
| ୩ | ୯୬ | ୧୩୩ | ଗୋବିନ୍ଦ ପ୍ରଧାନ, ସିମାଞ୍ଚଳ ପ୍ରଧାନ, ପଞ୍ଚାନନ ପ୍ରଧାନ, ଶଶୀ ପ୍ରଧାନ ପି: ଭିକାରି ପ୍ରଧାନ, ହାଡିଆଣି ପ୍ରଧାନ ସ୍ୱା: ଭିକାରି ପ୍ରଧାନ ଜା: କୁରୁମ ବା: ନିଜଗାଁ | ୦.୧୯୦ | ପଦର | ୦.୦୧୦ | |
| ୪ | ୧୦୬ | ୩୭୮ | ଚିନ୍ତାମଣି ପ୍ରଧାନ ପି: ଚକ୍ରପାଣି ପ୍ରଧାନ, ପଞ୍ଚାନନ ପ୍ରଧାନ, ବିଶ୍ୱନାଥ ପ୍ରଧାନ ପି: କୃଷ୍ଣ ପ୍ରଧାନ, ବାବୁ ପ୍ରଧାନ ପି: ଶୁକୁ ପ୍ରଧାନ ଜା: କୁରୁମ ବା: ନିଜଗାଁ | ୦.୧୩୫ | ବିଲ ଅଣଜଳସେଚିତ ଦୁଇ | ୦.୦୧୦ | |
| ୫ | ୧୧୪ | ୧୫୨ | ଜୁରିଆ ସେଠି, ଦୁର୍ଯ୍ୟୋଧନ ସେଠି, ଶ୍ରୀଧର ସେଠି, କାଶିଆ ସେଠି ପି:କନ୍ଧ ସେଠି ଜା: ଧୋବା ବା: ନିଜଗାଁ | ୦.୦୯୦ | ପଦର | ୦.୦୦୫ | |
| | | ୧୫୩ | | ୦.୧୨୫ | | ୦.୦୯୦ | |
| | | ୧୫୪ | | ୦.୧୧୦ | | ୦.୦୮୦ | |
| ୬ | ୧୨୪ | ୩୯୬ | ଯୋଗି ସେଠି ପି: ଗୋଲା ସେଠି ଜା: ଧୋବା ବା: ନିଜଗାଁ | ୦.୧୮୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| | | ୩୯୭ | | ୦.୧୯୦ | | ୦.୦୩୦ | |
| ୭ | ୧୪୨ | ୮୪୬ | ତାରେଣି ମହାକୁଡ଼ ପି:ଅଗାଧୁ ମହାକୁଡ଼ ଜା: ଗୌଡ଼ ବା: ନିଜଗାଁ | ୦.୧୦୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୦ | ଗୋଚର ପ୍ରତି ବଦଳରେ |
| | | ୮୪୮ | | ୦.୩୨୦ | | ୦.୩୨୦ | |
| ୮ | ୧୫୫ | ୩୮୦ | ଦଣ୍ଡାସୀ ଗୌଡ଼ ପି: ଅଗାଧୁ ଗୌଡ଼ ଜା: ଗୌଡ ବା: ନିଜଗାଁ | ୦.୨୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୭୦ | |
| ୯ | ୧୭୦ | ୨୯୬ | ଦେବରାଜ ଚୌଧୁରୀ ପି:ଭୀମ ଚୌଧୁରୀ ଜା: କୁରୁମ ବା: ନିଜଗାଁ | ୦.୦୮୦ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| | | ୨୯୭ | | ୦.୦୫୦ | | ୦.୦୫୦ | |
| ୧୦ | ୧୯୫ | ୨୩୨ | ନରସିଂହ ସେଠି, ସତ୍ୟ ସେଠି, ଉପେନ୍ଦ୍ର ସେଠି, କାଲୁ ସେଠି ପି: ଦଣ୍ଡାସି ସେଠି, ହେମ ସେଠି ସ୍ୱା: ଦଣ୍ଡାସି ସେଠି ଜା: ଧୋବା, କ୍ଷେତ୍ର ପଧାନ ପି: ଉଜଳ ପଧାନ ଜା: କୁରୁମ ବା: ନିଜଗାଁ, ଜାଗିଲି ପଧାନ, ଝୁମ୍ପା ପଧାନ ପି: ବୁଧିଆ ପଧାନ, ଅପର୍ତ୍ତି ପଧାନ ସ୍ୱା: ବୁଧିଆ ପଧାନ ଜା: କୁରୁମ ବା: ଫାସିଗୁଡ଼ା | ୦.୦୮୦ | ପଦର | ୦.୦୫୦ | |
| ୧୧ | ୨୧୧ | ୩୫୦ | ପଞ୍ଚାନନ ପଣ୍ଡା ପି:ନାରଣ ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| ୧୨ | ୨୪୯ | ୩୭୫ | ବାଲୁଙ୍କି ପଣ୍ଡା, ବାବୁ ପଣ୍ଡା, କୃଷ୍ଣ ପଣ୍ଡା, ଜମ୍ବୁ ପଣ୍ଡା, ମାମି ପଣ୍ଡା, ପି: ଗଙ୍ଗାଧର ପଣ୍ଡା, ଝୁମ୍ପା ପଣ୍ଡା ସ୍ୱା:ଗଙ୍ଗାଧର ପଣ୍ଡା, ବିଶ୍ୱନାଥ ପଣ୍ଡା ପି: ଇଶ୍ୱର ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| | | ୩୭୬ | | ୦.୦୪୦ | | ୦.୦୪୦ | |
| ୧୩ | ୨୭୩ | ୩୪୮ | ଭଗବାନ ସେଠୀ, ନାଥ ସେଠୀ, ହରି ସେଠୀ ପି: କରୁଣା ସେଠୀ, ମହେଶ୍ୱର ସେଠୀ, ରାଜେନ୍ଦ୍ର ସେଠୀ, ସନାତନ ସେଠୀ, ଝୁନୁ ସେଠୀ, ସୁଲୋଚନା ସେଠୀ ପି: କୈବଲ୍ୟ ସେଠୀ, ହେମ ସେଠୀ ସ୍ୱା: କୈବଲ୍ୟ ସେଠୀ ଜା: ଧୋବା ବା: ନିଜଗାଁ | ୦.୧୧୫ | ବିଲ ଅଣଜଳସେଚିତ ଦୁଇ | ୦.୦୧୫ | |
| | | ୩୪୯ | | ୦.୦୪୦ | | ୦.୦୪୦ | |
| ୧୪ | ୨୮୦ | ୮୪୭ | ଭରତ ଗୌଡ଼ ପି:କନ୍ଧ ଗୌଡ଼ ଜା: ଗୌଡ଼ ବା: ନିଜଗାଁ | ୦.୧୯୦ | ବିଲ ଅଣଜଳସେଚିତ ଦୁଇ | ୦.୧୯୦ | ଗୋଚର ପ୍ରତି ବଦଳରେ |
| ୧୫ | ୩୦୭ | ୧୩୭ | ତୁମୁଲୁ ଶ୍ରୀନିବାସ ପାତ୍ର ପି:ତୁମୁଲୁ ବିଜୟ କୁମାର ପାତ୍ର ଜା: କୁମୁଟି ବା: ବିଷ୍ଣୁଗିରି | ୦.୦୭୦ | ପଦର | ୦.୦୦୫ | |
| | | ୧୩୮ | | ୦.୧୨୫ | | ୦.୦୯୫ | |
| | | ୧୩୯ | | ୦.୨୩୫ | | ୦.୦୦୫ | |
| ୧୬ | ୩୩୯ | ୩୮୪ | ଲକ୍ଷ୍ମୀନାରାୟଣ ପଣ୍ଡା ପି:ଧର୍ମୁ ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ | ୦.୦୭୫ | ବିଲ ଅଣଜଳସେଚିତ ଦୁଇ | ୦.୦୬୦ | |
| ୧୭ | ୩୪୪ | ୮୩୮ | ଶ୍ରୀ ନିଳକଣ୍ଠେଶ୍ୱର ମହାଦେବ ବିଜେ ମଣିଦେଇ ପେଣ୍ଠ ସେବାୟତ ବା:, ଲିଙ୍ଗରାଜ ରଣା ପି: ଭିମ ରଣା, ଇଶ୍ୱର ରଣା ପି: କୃଷ୍ଣ ରଣା, ରବିନ୍ଦ୍ର ରଣା ପି: ଭିମ ରଣା ଜା: ମାଳି ବା: ନିଜଗାଁ | ୦.୧୭୫ | ବିଲ ଅଣଜଳସେଚିତ ଦୁଇ | ୦.୧୭୫ | ଗୋଚର ପ୍ରତି ବଦଳରେ |
| | | ୮୩୯ | | ୦.୧୦୦ | | ୦.୧୦୦ | |
| | | ୮୪୦ | | ୦.୩୬୦ | | ୦.୩୬୦ | |
| | | ୮୪୪ | | ୦.୩୪୫ | | ୦.୩୪୫ | |
| | | ୮୪୫ | | ୦.୧୩୫ | | ୦.୧୩୫ | |
| ୧୮ | ୩୭୬ | ୮୪୨ | ଶ୍ରୀ ରାଧାଦାମୋଦର ଠାକୁର ବିଜେ: ନିଜଗାଁ ମାର୍ଫତ: ବା:, ସିମାଞ୍ଚଳ ଦାସ ପି: ରାମଚନ୍ଦ୍ର ଦାସ, ହରିହର ଦାଶ, ବୈଷ୍ଣବ ଦାଶ ପି: ଲକ୍ଷ୍ମଣ ଦାଶ, ଗୋପାଳ କୃଷ୍ଣ ଦାଶ, ମଦନମୋହନ ଦାଶ, ଲକ୍ଷ୍ମୀ ଚରଣ ଦାଶ ପି: ନଟବର ଦାଶ, ଭାସ୍କର ଦାଶ ପି: ବାଇନ ଦାଶ, ସୋମନାଥ ଦାଶ ପି: ଦିନବନ୍ଧୁ ଦାଶ, ଝରା ଦାଶ ସ୍ୱା: ତ୍ରିନାଥ ଦାଶ, ପ୍ରତାପ ଚନ୍ଦ୍ର ଦାଶ ପି: କାଳୁ ଦାଶ, ପ୍ରମିଳା ଦାଶ ସ୍ୱା: କାଳୁ ଦାଶ, ଚନ୍ଦ୍ରମା ଦାଶ ସ୍ୱା: ରଘୁନାଥ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୨୨୦ | ବିଲ ଅଣଜଳସେଚିତ ଏକ | ୦.୨୨୦ | ଗୋଚର ପ୍ରତି ବଦଳରେ |
| | | ୮୪୩ | | ୦.୨୬୦ | | ୦.୨୬୦ | |
| | | ୮୫୧ | | ୦.୫୧୦ | | ୦.୫୧୦ | |
| | | ୮୪୧ | | ୦.୬୦୦ | ବିଲ ଅଣଜଳସେଚିତ ଦୁଇ | ୦.୦୭୫ | |
| ୧୯ | ୪୧୦ | ୧୩୬ | ଶୋଭାବତୀ ଦାଶ ପି:ତ୍ରିନାଥ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୧୨୦ | ପଦର | ୦.୧୨୦ | |
| ୨୦ | ୪୧୨ | ୧୩୫ | ସୋମନାଥ ଦାଶ ପି:ଦିନବନ୍ଧୁ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୧୪୫ | ପଦର | ୦.୧୩୦ | |
| ୨୧ | ୪୧୭ | ୧୫୫ | ହରି ପଧାନ, କ୍ଷେତ୍ର ପଧାନ ପି: ଉଜଳ ପଧାନ ଜା: କୁରୁମ ବା: ନିଜଗାଁ, ଜାଗିଲି ପ୍ରଧାନ, ଝୁମ୍ପା ପ୍ରଧାନ ପି: ବୁଦ୍ଧିଆ ପ୍ରଧାନ, ଅପର୍ତ୍ତି ପ୍ରଧାନ ସ୍ୱା: ବୁଦ୍ଧିଆ ପ୍ରଧାନ ଜା: କୁରୁମ ବା: ଫାସିଗୁଡ଼ା | ୦.୧୧୦ | ପଦର | ୦.୦୭୦ | |
| | | ୨୩୧ | | ୦.୦୭୦ | | ୦.୦୪୦ | |
| | | ୨୩୮ | | ୦.୧୬୦ | | ୦.୧୦୦ | |
| ୨୨ | ୪୧୮ | ୩୮୬ | ହରିହର ଦାଶ ପି:ଲକ୍ଷ୍ମଣ ଦାଶ, ସିମାଞ୍ଚଳ ଦାଶ ପି: ରାମଚନ୍ଦ୍ର ଦାଶ, ରୁନୁ ଦାଶ ପି: ରଘୁନାଥ ଦାଶ, ଚନ୍ଦ୍ରମା ଦାଶ ସ୍ୱା:ରଘୁନାଥ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୧୩୦ | ବିଲ ଅଣଜଳସେଚିତ ଦୁଇ | ୦.୦୮୫ | |
| | | ୩୮୭ | | ୦.୦୯୦ | | ୦.୦୪୦ | |
| ୨୩ | ୪୨୭/୧୭ | ୨୯୮ | ବୃନ୍ଦାବନ ସେଠି ପି: ଭିମ ସେଠି ଜା: ଧୋବା ବା: ବାଙ୍ଗରଡା | ୦.୧୧୦ | ବିଲ ଅଣଜଳସେଚିତ ଦୁଇ | ୦.୧୧୦ | |
| ୨୪ | ୪୨୭/୧୩୯ | ୨୫୨ | ଇଷ୍ଟେନ ହେଟେଚାରୀ ପ୍ରାଇଭେଟ ଲିମିଟେଡ କମ୍ପାନି ତରଫେ ଜେନେରାଲ ମ୍ୟାନେଜର ଦିପକ କୁମାର ସାନ୍ଯାଲ ପି: ପରେଶ ନାଥ ସାନ୍ଯାଲ ଜା: ବ୍ରାହ୍ମଣ ବା: ଅଙ୍ଗାରପଦ ଥାନା ଜମୀପୁର ପୋଷ୍ଟ ଖଇରୀ ଯଶିପୁର ଜିଲ୍ଲା ମୌୟୁରଭଞ୍ଜ | ୦.୦୮୦ | ପଦର | ୦.୦୨୦ | |
| | | ୨୫୦ | | ୦.୧୩୦ | | ୦.୧୩୦ | |
| | | ୧୫୦ | | ୦.୧୫୫ | | ୦.୦୭୦ | |
| | | ୧୪୯ | | ୦.୦୮୦ | | ୦.୦୪୦ | |
| | | ୧୫୧/୩୭୩୮ | | ୦.୧୬୦ | | ୦.୧୪୦ | |
| ୨୫ | ୪୨୭/୧୫୩ | ୧୪୦ | ବିପ୍ର ପ୍ରଧାନ ପି:କୋରା ପ୍ରଧାନ ଜା: କୁରୁମ ବା: ସୁନ୍ଦରପୁର | ୦.୦୫୫ | ପଦର | ୦.୦୫୫ | |
| | | ୧୪୧ | | ୦.୦୭୦ | ବିଲ ଅଣଜଳସେଚିତ ଦୁଇ | ୦.୦୪୦ | |
| ୨୬ | ୪୨୭/୧୫୮ | ୩୮୫ | ରମେଶ ଗୌଡ଼ ପି: ଦଣ୍ଡାସୀ ଗୌଡ଼ ଜା: ଗଉଡ ବା: ବାଙ୍ଗରଡା | ୦.୧୪୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୫ | |
| ୨୭ | ୪୨୭/୧୬୦ | ୧୫୬ | ଇଷ୍ଟର୍ଣ୍ଣ ହେଟେରି ପ୍ରାଇଭେଟ ଲିମିଟେଡ ତରଫେ ଅପରେସନ ମ୍ୟାନେଜର ଲୋକନାଥ ମିଶ୍ର ପି: ହରେକୃଷ୍ଣ ମିଶ୍ର ଜା: ବ୍ରାହ୍ମଣ ବା:ଲୁଇସ ରୋଡ ଭୁବନେଶ୍ୱର, ଖୋର୍ଦ୍ଧା | ୦.୧୨୦ | ପଦର | ୦.୧୦୫ | |
| | | ୨୩୯ | | ୦.୧୬୦ | | ୦.୧୧୫ | |
| | | ୨୪୮ | | ୦.୧୪୦ | | ୦.୦୨୫ | |
| | | ୨୪୯ | | ୦.୦୬୫ | | ୦.୦୬୫ | |
| | | ୧୫୧ | | ୦.୦୫୦ | | ୦.୦୨୦ | |
| | | ୨୫୧ | | ୦.୦୯୦ | | ୦.୦୩୦ | |
| | | ୨୫୦ | | ୦.୧୭୦ | | ୦.୧୧୦ | |
| | | ୧୩୪ | | ୦.୧୭୦ | ବିଲ ଅଣଜଳସେଚିତ ଦୁଇ | ୦.୦୫୫ | |
| | | ୩୪୭ | | ୦.୦୫୫ | | ୦.୦୧୦ | |
| | | ୧୪୩ | | ୦.୧୪୦ | | ୦.୦୫୦ | |
| | | ୧୪୪ | | ୦.୧୦୦ | ପଦର | ୦.୧୦୦ | |
| | | ୧୪୫ | | ୦.୧୧୦ | | ୦.୦୫୫ | |
| ୨୮ | ୪୨୭/୧୮୪ | ୧୧୯ | ତୁମୁଲୁ ଶ୍ରୀନିବାସ ପାତ୍ର ପି: ତୁମୁଲୁ ବିଜୟ କୁମାର ପାତ୍ର ଜା: କୁମୁଟି ବା: ଭୀଷ୍ମଗିରୀ | ୦.୩୦୦ | ଘରବାରି | ୦.୦୩୦ | |
| ୨୯ | ୪୨୭/୨୪୧ | ୩୪୨ | ବିଜୟ କୁମାର ପାତ୍ର ପି: ଭଲ୍ଲା ପାତ୍ର ଜା: କୁରୁମ ବା: ସିନ୍ଦୁରପୁର ତହସିଲ ସାନଖେମୁଣ୍ଡି | ୦.୩୮୦ | ବିଲ ଅଣଜଳସେଚିତ ଦୁଇ | ୦.୧୧୦ | |
| ୩୦ | ୪୨୭/୨୪୨ | ୩୪୫ | ମହେଶ୍ୱର ସେଠି ପି: କୈବଲ୍ୟ ସେଠି ଜା: ଧୋବା ବା: ନିଜଗାଁ | ୦.୧୪୦ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| ୩୧ | ୪୨୭/୨୪୩ | ୩୪୩ | ରମେଶ ଗୌଡ଼ ପି: ଦଣ୍ଡାସୀ ଗୌଡ଼ ଜା: ଗଉଡ ବା: ନିଜଗାଁ | ୦.୧୮୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୦ | |
| | | ୩୪୪ | | ୦.୧୦୦ | | ୦.୧୦୦ | |
| | | ୩୭୭ | | ୦.୦୪୦ | | ୦.୦୪୦ | |
| ୩୨ | ୪୨୭/୨୭୫ | ୧୬୨ | ଭଗବାନ ଡାକୁଆ ପି: ଅନନ୍ତ ଡାକୁଆ ଜା: ଭଣ୍ଡାରି ବା: ସିନ୍ଦୁରପୁର ତହସିଲ ସାନଖେମୁଣ୍ଡି | ୦.୨୧୦ | ପଦର | ୦.୧୪୫ | |

ମୋଟ ଏରିଆ ୬.୧୭୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0079

## କର୍ଲାଗୁଡ଼ା ପ୍ରାଥମିକ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

କୋକସରା, ୨୧।୭ (ସମିସ)



କୋକସରା ବ୍ଲକ କର୍ଲାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ମନମୁଖୀ ଓ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ଜଣେ ଶିକ୍ଷକ ସମୟାନୁସାରେ ସ୍କୁଲକୁ ଆସି ନ ଥିବା ଓ ଅନ୍ୟ ଜଣେ ଶିକ୍ଷକ ସ୍କୁଲ ଆସି ନ ଥିବା ଯୋଗୁଁ ଅବିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଖବରରୁ ପ୍ରକାଶ ଯେ, ବିଦ୍ୟାଳୟର ଶିକ୍ଷକ ସରୋଜ ପଟେଲ ପୂର୍ବାହ୍ନ ୧୧ଟା ପରେ ସ୍କୁଲରେ ପହଞ୍ଚିଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ବିରଞ୍ଚି ନାଏକ ବିନା କୌଣସି ସୂଚନା ବା ଛୁଟିରେ ଅନୁପସ୍ଥିତ ରହିଥିଲେ। ଶିକ୍ଷକଙ୍କ ଏଭଳି ଅବହେଳା ଯୋଗୁଁ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରଭାବିତ ହେଉଥିବା ଦର୍ଶାଇ ଉତ୍ତ୍ୟକ୍ତ ଅବିଭାବକ ଓ ଗ୍ରାମବାସୀ ସ୍କୁଲ ଗେଟ୍‌ରେ ତାଲା ଝୁଲାଇ ଦେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଟେମରା ସିଆରସିସି ସଞ୍ଜୟ ପୁଝାରୀ ସ୍କୁଲରେ ପହଞ୍ଚି ଗ୍ରାମବାସୀ ଓ ଅବିଭାବକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଏବଂ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ଗ୍ରାମବାସୀ ଓ ଅବିଭାବକଙ୍କୁ ବୁଝାସୁଝା ପରେ ସ୍କୁଲ ତାଲା ଖୋଲାଯାଇଥିଲା ଓ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ତେବେ କର୍ଲାଗୁଡ଼ା ସ୍କୁଲରେ ଶିକ୍ଷକଙ୍କ ସମୟାନୁବର୍ତ୍ତିତାର ଅଭାବ ଓ କାର୍ଯ୍ୟରେ ଅବହେଳା ନେଇ ପୂର୍ବରୁ ମଧ୍ୟ ବହୁବାର ଅଭିଯୋଗ ହୋଇଛି। ହେଲେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ଘଟଣାର ପୁନରାବୃତ୍ତି ଘଟୁଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ତଦନ୍ତ କରି ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଅବିଭାବକ ମହଲରେ ଦାବି ହୋଇଛି।

## ନିଟ୍‌ରେ ମୟଙ୍କ ମେହେରଙ୍କ ସଫଳତା



ନୂଆପଡ଼ା/ସିନାପାଲି, ୨୧।୭ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ହାତୀବନ୍ଧାର ମୟଙ୍କ ମେହେର ନିକଟରେ ପ୍ରକାଶ ପାଇଥିବା ନିଟ୍ ପରୀକ୍ଷାରେ ଜାତୀୟସ୍ତରରେ ୧୬୮୨ ରାଙ୍କ ପାଇ କୃତିତ୍ୱ ହାସଲ କରିଛନ୍ତି। ତାଙ୍କ ପିତା ମୋଚନ ମେହେର ସିନିୟର ଇନକମ ଟେକ୍ସ ଅଫିସର ଓ ମାତା ନୀଳିମା ମେହେର ସିନିୟର ଅଡିଟ୍ ଅଫିସର ଭାବରେ ଉଭୟ ଛତିଶଗଡ଼ ରାଜ୍ୟର ରାୟପୁର ଠାରେ କାର୍ଯ୍ୟରତ ଅଛନ୍ତି। ମୟଙ୍କ ପିଲାବେଳୁ ଜଣେ ମେଧାବୀ ଛାତ୍ର ହୋଇଥିବାବେଳେ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ସାଧାରଣ ଲୋକଙ୍କ ସେବା କରିବେ ବୋଲି କହନ୍ତି।

## ବର୍ଷାରେ ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର

କୋକସରା, ୨୧।୭ (ସମିସ): ବର୍ଷା ଯୋଗୁଁ କୋକସରା ବ୍ଲକ କାଉଡୋଲା ଗ୍ରାମର ଜଣେ ଯୋଶୋଦା ନିଆଲଙ୍କ ମାଟି ଘର ଭୁଶୁଡ଼ି ପଡ଼ିଛି। ଫଳରେ ପରିବାର ଲୋକେ ବାସହୀନ ହୋଇ ପଡ଼ିଛନ୍ତି। ସୂଚନା ଅନୁସାରେ, ସ୍ୱାମୀଙ୍କ ମୃତ୍ୟୁ ପରେ ଯୋଶୋଦା ନିଜର ୬ ଜଣିଆ ପରିବାର ସହ ଦୀର୍ଘ ବର୍ଷ ହେବ ପୁରୁଣା ମାଟି କୁଡ଼ିଆରେ ରହି ଆସୁଥିଲେ। ଗତ କିଛି ଦିନ ହେବ ଚାଲିଥିବା ଲଗାଣ ବର୍ଷାରେ ଦୁର୍ବଳ ମାଟି ଘର ମଙ୍ଗଳବାର ହଠାତ୍ ଭୁଶୁଡ଼ି ପଡ଼ିଥିଲା। ମାତ୍ର ମୁଣ୍ଡ ଗୁଞ୍ଜିବାର ଏକମାତ୍ର ସାହାରା ଭାଙ୍ଗିଯିବା ପରେ ଏବେ ଏହି ଗରିବ ପରିବାରଟି ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଖବର ପାଇ ଆମପାଣି ରାଜସ୍ୱ ନିରୀକ୍ଷକ କୃଷ୍ଣଚନ୍ଦ୍ର ଭୋଇ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଘରର ତଦାରଖ କରିବା ସହ ପରିବାରକୁ ତୁରନ୍ତ ତାରପୋଲିନ୍ ଯୋଗାଇ ଦେଇଛନ୍ତି। ଏହି ଅସହାୟ ପରିବାରକୁ ତୁରନ୍ତ ଆବଶ୍ୟକୀୟ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଆବାସ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

● ଦେବଗିରି ମଠର ଉନ୍ନତୀକରଣ ପାଇଁ ମାଷ୍ଟର ପ୍ଲାନ୍

## ବିଡିଓଙ୍କୁ ଭେଟିଲେ ମ୍ୟାନେଜିଂ ଟ୍ରଷ୍ଟି

ଭବାନୀପାଟଣା, ୨୧।୭ (ସମିସ): କଳାହାଣ୍ଡି ଜିଲ୍ଲାର ଏକ ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ ଦେବଗିରି ମଠ ବୁଢୀପଦରର ଉନ୍ନତିକରଣ ନେଇ ପ୍ରୟାସ ଯୋରଦାର ହୋଇଛି। ମଙ୍ଗଳବାର ନର୍ଲା ବିଡିଓ ବିପିନ ବିହାରୀ ଦୀପଙ୍କୁ ଏନେଇ ସାକ୍ଷାତ କରିଛନ୍ତି ଶ୍ରୀଭଗବତ ସ୍ୱାମୀ ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀ ଓ ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ଧଙ୍ଗଡ଼ାମାଝୀ। ୩ ହଜାର ବର୍ଷର ସ୍ମାରକୀ ବହନ କରୁଥିବା ଦେବଗିରି ଆଜି ମଧ୍ୟ ଆଟବିକ ସଭ୍ୟତାର ମୁକସାକ୍ଷୀ ଭାବେ ଦଣ୍ଡାୟମାନ। କଳାହାଣ୍ଡି ନାଗବଂଶୀ ମହାରାଜାମାନଙ୍କ ଅମର କିର୍ତ୍ତି ଦେବଗିରି ମଠ ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ରହି ପରିଚାଳିତ ହେଉଛି। ଏହାର ପ୍ରାଚୀନ ଅବଶେଷର ସୁରକ୍ଷା ସହ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ନେଇ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଛି। ନିକଟରେ ଦେବଗିରି ମଠ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଓ ସଦସ୍ୟ ବୃନ୍ଦ ଭୁବନେଶ୍ୱର ଯାଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ କରିଥିଲେ। ଆଜି ମଠର ଉନ୍ନତିକରଣ ନେଇ ନର୍ଲା ବିଡ଼ିଓଙ୍କୁ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ଦେବଗିରି ମଠ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି ବୋଲି ବିଡିଓ ଶ୍ରୀ ଦୀପ ପ୍ରକାଶ କରିଛନ୍ତି।

## ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଚାରା ରୋପଣ

ଗୋଲାମୁଣ୍ଡା, ୨୧।୭ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟିକାନି ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଅମୂର୍ଲା ପଦରଠାରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଦେଶୀ ଜାଗରଣ ମଞ୍ଚ ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ପ୍ରଦୀପ କୁମାର ପଣ୍ଡା, ସମାଜସେବୀ ତଥା ସ୍ୱଦେଶୀ ଜାଗରଣ ମଞ୍ଚର ଜିଲ୍ଲା ପ୍ରଚାର ପ୍ରମୁଖ ଶ୍ୟାମ ସୁନ୍ଦର ଅଗ୍ରୱାଲ ଏବଂ ସହଶିକ୍ଷକ ଋଷଭ ନାଏକ ଏବଂ ଠଣ ସୁନ୍ଦର ହରପାଲ ଏବଂ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିର କୁମ୍ଭ ଭରଣ ଉତ୍ସବ



ଖଡ଼ିଆଲ, ୨୧।୭ (ସମିସ): ଖଡ଼ିଆଲ ବ୍ଲକ ତୁକଲା ଗ୍ରାମରେ ମାଆ ଗାୟତ୍ରୀ ମନ୍ଦିର, ରାଧାକୃଷ୍ଣ ମନ୍ଦିର ସହ ଶ୍ରୀମହାକାଳ ମନ୍ଦିରର କୁମ୍ଭ ଭରଣ ଉତ୍ସବ ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗ ଦେଇଥିଲେ। ଜିଲ୍ଲାପାଳ ମଧୁସୁଦନ ଦାସ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ ମଧ୍ୟ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ଟଙ୍କଧର ପଟେଲ, ସମ୍ପାଦକ ମଧୁସୁଦନ ମେହେର, ନିର୍ମାଣ କମିଟି ସଭାପତି ରାଜକୁମାର ଖେମକା ଓ ସମ୍ପାଦକ ଗଣେଶ ଚନ୍ଦ୍ର ଦୁବେ ପ୍ରମୁଖ ଉପସ୍ଥିତ ଥିଲେ।

ନିଶାନ୍ତ ବାର୍ ସ୍ଥାନାନ୍ତର ମାମଲା

## କ୍ଷେତ୍ର ପରିଦର୍ଶନ କଲେ ଉପଜିଲ୍ଲାପାଳ



କେସିଙ୍ଗା, ୨୧।୭ (ସମିସ): ନିଶାନ୍ତ ବାର୍ ପାଇଁ ଅଶାନ୍ତ ହୋଇ ପଡ଼ିଥିବା କେସିଙ୍ଗା ସହରକୁ ମିଳିଛି ସାଂସଦଙ୍କ ସହଯୋଗର ହାତ। ସମସ୍ୟାର ସମାଧାନ ବହୁତ ଶୀଘ୍ର ହୋଇଯିବ ବୋଲି ଆଶା କରାଯାଉଥିବାବେଳେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣିରେ କେସିଙ୍ଗାବାସୀଙ୍କ ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା କ୍ଷେତ୍ର ପରିଦର୍ଶନରେ ଆସି ୱାର୍ଡବାସୀଙ୍କ ସମେତ ସଚେତନ ନାଗରିକ ଓ ବୁଦ୍ଧିଜୀବୀ ଓ ସ୍ଥାନୀୟ ପଦସ୍ଥ ଅଧିକାରୀଙ୍କ ଆଲୋଚନା କରିଥିଲେ। ସେପଟେ ରଥଯାତ୍ରା ଦିନ ସାଂସଦଙ୍କ ନିର୍ଦ୍ଦେଶ କ୍ରମେ ସଙ୍ଗେସଙ୍ଗେ ଜିଲ୍ଲା ଅବକାରୀ ବିଭାଗରୁ ମଧ୍ୟ କିଛି ଅଧିକାରୀ କେସିଙ୍ଗା ଆସି ବିବାଦୀୟ ସ୍ଥାନ ପରିଦର୍ଶନ କରି ଯାଇ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। କ୍ଷେତ୍ର ପରିଦର୍ଶନ ସମୟରେ ଉପଜିଲ୍ଲାପାଳଙ୍କ ସହିତ ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡିଓ ଜନ୍ମେଜୟ ସ୍ୱାଇଁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ ଓ କେସିଙ୍ଗା ଅବକାରୀ ବିଭାଗର ଅଧିକାରୀ, ଓମ୍ ନଗର ପଡ଼ାର ମହିଳା ମଣ୍ଡଳୀ, ବୁଦ୍ଧିଜୀବୀ ଓ କେସିଙ୍ଗାର ସଚେତନ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀ ମଦ ସହ ସ୍କୁଟି ଜବତ; ଜଣେ ଗିରଫ



ଧର୍ମଗଡ଼, ୨୧।୭ (ସମିସ): ଧର୍ମଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ଦେଶୀ ହାତରନ୍ଧା ମଦ ଜବତ କରାଯାଇଛି। ଏହି ମାମଲାରେ ଜଣେ ୧୯ ବର୍ଷୀୟ ଯୁବକଙ୍କୁ ଗିରଫ କରାଯିବା ସହ ମଦ ଚାଲାଣରେ ବ୍ୟବହୃତ ଏକ ସ୍କୁଟିକୁ ମଧ୍ୟ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଧର୍ମଗଡ଼ ଅବକାରୀ ଥାନା ଅଧୀନ ବୁଢ଼ୀମୁଣ୍ଡା କେନାଲ ରାସ୍ତା ଦେଇ ବେଆଇନ ଭାବେ ଦେଶୀ ହାତରନ୍ଧା ମଦ ଚାଲାଣ ହେଉଥିବା ନେଇ ବିଭାଗକୁ ଖବର ମିଳିଥିଲା। ଏହାକୁ ଆଧାର କରି ଅବକାରୀ ଅଧିକାରୀ ଅରୁଣ କୁମାର ଯୋଶୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୧୭ ଲିଟର ଦେଶୀ ହାତରନ୍ଧା ମଦ ଜବତ କରାଯାଇଥିଲା। ଏହା ସହିତ ମଦ ପରିବହନ ପାଇଁ ବ୍ୟବହୃତ ସ୍କୁଟିକୁ ଅବକାରୀ ଟିମ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଯୁବକ ଜଣକ ହେଲେ ଧର୍ମଗଡ଼ ଥାନା ଅଧୀନ ତେନ୍ତୁଲିପଡ଼ା ଗ୍ରାମର ସୌମ୍ୟରଞ୍ଜନ ନିଆଲ (୧୯)। ଏହି ବେଆଇନ କାରବାର ନେଇ ଅବକାରୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଯୁବକଙ୍କୁ ପଚରାଉଚରା କରାଯିବା ପରେ ଧର୍ମଗଡ଼ କୋର୍ଟ ଚାଲାଣ କରାଯାଇଥିବା ନେଇ ଅବକାରୀ ଅଧିକାରୀ ଶ୍ରୀ ଯୋଶୀ ସୂଚନା ଦେଇଛନ୍ତି। ଏହି ସଫଳ ଚଢ଼ଉରେ ସବ୍-ଇନ୍ସପେକ୍ଟର ପ୍ରତିମା ବେହେରା, କନଷ୍ଟେବଳ ଯଶୋବନ୍ତି ଭୋଇ, କର୍ଣ୍ଣ ବାଗ ଓ ରବିନାଗ ପ୍ରମୁଖ ସାମିଲ ଥିଲେ।

## ସିନାପାଲିରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର



ନୂଆପଡ଼ା/ସିନାପାଲି, ୨୧।୭ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲିରେ ଜିଲ୍ଲା ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନୂଆପଡ଼ା ଓ ସିନାପାଲି ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ସିନାପାଲି ବିଡିଓ କାର୍ମୀ ଓରାମ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ, ଅନ୍ୟତମ ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ୍, ସିନାପାଲି ସିଡିପିଓ ଉର୍ମିଳା ମହାପାତ୍ର, ସିନାପାଲି ସଦର ସମିତି ସଭ୍ୟ ମନୀଷ ପଟେଲ, ଜିଲ୍ଲା ଭିନ୍ନକ୍ଷମ ସମିତି ସମ୍ପାଦକ ଦିଲ୍ଲୀପ କୁମାର ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ଥିବାବେଳେ ବ୍ଲକ ମଙ୍ଗଳ ଅଧିକାରୀ ସୁନୀଲ କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟରେ ୮୫ ଜଣ, ମାନସିକରେ ୨୬ ଜଣ, କର୍ଣ୍ଣ ବାଧିତରେ ୪୫ ଜଣ, ରକ୍ତ ଶିକୁଳିରେ ୧୫ ଜଣ, ଭିନ୍ନକ୍ଷମ ପଞ୍ଜୀକରଣ ହୋଇଥିବା ବେଳେ ବସ୍ ପାସ ପାଇଁ ୫୭ ଜଣ, ରେଳ ପାସ ପାଇଁ ୪୦ ଜଣ, ଋଣ ପାଇଁ ୫ ଜଣ ଭତ୍ତା ପାଇଁ ୨୦ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିଲେ। ଅସ୍ଥିଶଲ୍ୟ ପାଇଁ ଡ. ଅମର ସ୍ୱରୂପ ମୁଣ୍ଡ, ଚକ୍ଷୁ ପାଇଁ ଡ. ମନୋଜ କୁମାର ଦୋରା, ମାନସିକ ପାଇଁ ଡ.ଅନୀଲ କୁମାର ନାୟକ, ଶ୍ରବଣ ବାଧିତ ପାଇଁ ଡ.ଅନୁପ ଅଗ୍ରୱାଲ ଓ ଘନଶ୍ୟାମ ସାହୁ, ରକ୍ତ ଶିକୁଳି ପାଇଁ ଡ. ରଞ୍ଜିତ ରାଉତ ପରୀକ୍ଷଣ କରିଥିଲେ। ନୂଆପଡ଼ା ସାମାଜିକ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସିନାପାଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ନାୟକ, ଓମ୍ ପ୍ରକାଶ ମାଝୀ, ଦୁଷ୍ମନ୍ତ ନାଗ ପ୍ରମୁଖ ସହଯୋଗ କରିଥିଲେ।

## ବ୍ୟବସାୟୀଙ୍କ ଘରୁ ଡକାୟତି

କେସିଙ୍ଗା, ୨୧।୭ (ସମିସ): କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଏନ୍ଏସିର ୱାର୍ଡ ନଂ ୩ ରେ ଥିବା ଜଣେ ସାର ବ୍ୟବସାୟୀଙ୍କ ଘରୁ ବଡ଼ ଧରଣର ଡକାୟତି ହୋଇଥିବା କେସିଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେସିଙ୍ଗା ୱାର୍ଡ ନଂ ୩ରେ ଥିବା ଅମ୍ବାଜି ଏଜେନ୍ସି ନାମକ ଏକ ହୋଲସେଲ ଦୋକାନ କରିଥିବା ପୁନମ ଜୈନ୍‌ଙ୍କ ଘରୁ ୩୦ ଲକ୍ଷରୁ ଅଧିକ ମୂଲ୍ୟର ଚୋରି ହୋଇଛି। ପ୍ରକାଶ ଥାଉକି ନିଜର କୌଣସି ପାରିବାରିକ କାର୍ଯ୍ୟକ୍ରମ ପାଇଁ କିଛି ଦିନ ହେବ ଶ୍ରୀ ଜୈନ ଓ ତାଙ୍କ ପରିବାର ଓଡ଼ିଶାରୁ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଚୋରାମାନେ କଳାକନା ବୁଲାଇ ଛୁ ହୋଇ ଯାଇଥିବା ଖବର ରହିଛି। କେସିଙ୍ଗା ପୁଲିସ ସନ୍ଧାନୀକୁକୁର ଓ ସାଇଣ୍ଟିଫିକ୍ ଟିମ ଆସି ତନାଘନା ଚଳାଛି।

## ମ.ରାମପୁରରେ ହେରାପଞ୍ଚମୀ



ମ.ରାମପୁର, ୨୧।୭ (ସମିସ): ପବିତ୍ର ହେରାପଞ୍ଚମୀ ମ.ରାମପୁର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ପାଳନ ହୋଇଯାଇଛି। ସୋମବାର ରାତି ୧୦ଟାରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଲକ୍ଷ୍ମୀ ମନ୍ଦିରରୁ ମାଆ ଲକ୍ଷ୍ମୀଙ୍କୁ ସୁସଜ୍ଜିତ ବିମାନରେ ମାଉସୀ ମା ମନ୍ଦିରକୁ ଅଣାଯାଇ ରଥଭାଙ୍ଗି ଶ୍ରୀ ଜଗନ୍ନାଥଙ୍କୁ ଭେଟି ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଜି ଶ୍ରୀ ଜଗନ୍ନାଥଙ୍କ ରାଜ ରାଜେସ୍ୱର ବେଶ ଦେଖିବା ପାଇଁ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ମନ୍ଦିର ପୂଜକ ଅଶୋକ କୁମାର ତ୍ରିପାଠୀ, କେଦାରନାଥ ମହାରଣା, ପ୍ରକାଶ ଚନ୍ଦ୍ର ସାହୁ, ରମାକାନ୍ତ ପ୍ରହରାଜ, ଜଗନ୍ନାଥ ସାହୁ, ଶିବରାମ ସାହୁ, କୃଷ୍ଣଚନ୍ଦ୍ର ସାହୁ, ସୁରେନ୍ଦ୍ର କୁମାର ସାହୁ, ପୁଷ୍ପେନ୍ଦ୍ର ସାହୁ ଓ ବିଶ୍ୱ ପରୁଆ ପ୍ରମୁଖ ସହଯୋଗ କରିଥିଲେ।

## ବାମନ ଓ ପତିତପାବନ ବେଶରେ ଦର୍ଶନ ଦେଲେ ଜଗତର ନାଥ



ଖଡ଼ିଆଲ, ୨୧।୭ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଲ ସହରରେ ଶ୍ରୀଶ୍ରୀ ଦଧିବାମନ ଓ ପତିତପାବନଙ୍କ ନବଦିନାବକ ଦର୍ଶନ ମାଉସୀ ମନ୍ଦିରରେ ହେଉଛି। ଘୋଷଯାତ୍ରା ପରେ ବର୍ତ୍ତମାନ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ମା' ମନ୍ଦିରରେ (ରାମସ୍ୱାମୀ ମନ୍ଦିର) ବିରାଜମାନ କରି ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦେଉଛନ୍ତି। ମାଉସୀ ମନ୍ଦିରରେ ଜଗତର ଠାକୁର ଶ୍ରୀଜଗନ୍ନାଥ ପ୍ରତ୍ୟେକ ଦିନ ବିଭିନ୍ନ ଭାବ ଓ ରୂପରେ ପ୍ରକଟ ହୋଇଛନ୍ତି। ମହାପ୍ରଭୁ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ବାମନ ରୂପରେ ପୂଜା ପାଉଥିବା ବେଳେ, ଦୁଃଖୀ, ଦୀନ ଓ ରଙ୍କିଙ୍କ ଦୁଃଖ ହରଣ ପାଇଁ ପତିତପାବନ ରୂପରେ ଭକ୍ତଙ୍କୁ ଅଭୟ ପ୍ରଦାନ କରୁଥିବା ବିଶ୍ୱାସ ରହିଛି। ଏହି ଯାତ୍ରାର ଏକ ବିଶେଷ ଆକର୍ଷଣ ହେଉଛି ଚତୁର୍ଦ୍ଦଶ ମୂର୍ତ୍ତିଙ୍କ ଦର୍ଶନ। ଗୋଟିଏ ଜନ୍ମମଣ୍ଡପରେ ଯୋଡ଼ା ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ଏକାଠି ବିରାଜମାନ କରି ଭକ୍ତଙ୍କ ଗୁହାରି ଶୁଣୁଛନ୍ତି।


## ରାଇଫଲ ଆସୋସିଏସନ୍ ବୈଠକ



ଭବାନୀପାଟଣା, ୨୧।୭ (ସମିସ): ସ୍ଥାନୀୟ କ୍ରିୟା ଯୋଗ ଧ୍ୟାନ କେନ୍ଦ୍ରଠାରେ 'ରାଇଫଲ ଆସୋସିଏସ୍ କଳାହାଣ୍ଡି'ର ଏକ ବୈଠକ ଜିଲ୍ଲା ସଭାପତି ଭାରତ ଭୂଷଣ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସମ୍ପାଦକ ପ୍ରଦୀପ କୁମାର ଦାସ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଭୀମସେନ ସାହୁ ନବନିର୍ବାଚିତ ପଦାଧିକାରୀ ଏବଂ କାର୍ଯ୍ୟକାରିଣୀ ସମିତିର ସଦସ୍ୟମାନଙ୍କର ପରିଚୟ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ସୁନୀଲ କୁମାର ବେହେରା ଓ ରବି ମିଶ୍ର ଆସୋସିଏସ୍‌ନର କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ତ୍ୱରାନ୍ୱିତ ଏବଂ ସୁଦୃଢ଼ କରିବା ଦିଗରେ ସମସ୍ତ ସଦସ୍ୟଙ୍କୁ ସହଯୋଗ ଓ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସନ୍ଦୀପ ମିଶ୍ର ଓ ନିରଞ୍ଜନ ଯୋଶୀ ନୂତନ ସଦସ୍ୟ ଭାବେ ଆସୋସିଏସନ୍‌ରେ ଯୋଗଦାନ କରିଥିବାରୁ ଉଭୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା। ବୈଠକରେ ପ୍ରଭୁପାଦ ପ୍ରଧାନ, ଆରିହନ୍ତ ଜୈନ, ସଞ୍ଜୟ କୁମାର ମିଶ୍ର ଓ ଶମ୍ଭୁ ପ୍ରସାଦ ରାଉତ ବିଭିନ୍ନ ସାଙ୍ଗଠନିକ ଓ ବିକାଶମୂଳକ ପ୍ରସଙ୍ଗରେ ନିଜ ମତାମତ ପ୍ରଦାନ କରିଥିଲେ। ମହେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କୁ ସାମାଜିକ ସୁରକ୍ଷା ଅଧିକାରୀ ସଂଘ ପକ୍ଷରୁ ଦାବିପତ୍ର

ଭବାନୀପାଟଣା, ୨୧।୭ (ସମିସ)



ଅଲ୍ ଓଡ଼ିଶା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପରିଷଦ ପକ୍ଷରୁ ବିଭିନ୍ନ ସାଙ୍ଗଠନିକ ସମସ୍ୟା ଏବଂ ଦରମା ବୃଦ୍ଧି ସହ ୮ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁରଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏହି ଦାବିପତ୍ର ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଜିଲ୍ଲାର ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସମସ୍ତ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଏବଂ ଜୁନିଅର ଆସିଷ୍ଟାଣ୍ଟମାନେ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ସାମାଜିକ ସୁରକ୍ଷା ବିଭାଗ ସହିତ ଅନ୍ୟାନ୍ୟ ୫ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କର ପେ-ଲେଭଲ୍‌କୁ ବୃଦ୍ଧି କରାଯାଉ ନାହିଁ, ଯାହାଫଳରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୩ ମସିହାରେ ପ୍ରକାଶିତ ସାମାଜିକ ସୁରକ୍ଷା ଅଧିକାରୀଙ୍କ କ୍ୟାଡ଼ର ପୁନର୍ଗଠନକୁ ତ୍ୱରିତ ଲାଗୁ କରିବା, ଦରମା ସ୍ତର ୯ ରୁ ୧୦ କୁ ବୃଦ୍ଧି କରିବା, ଗ୍ରାମ ପଞ୍ଚାୟତ ସ୍ତରରେ ସହାୟକ ନିଯୁକ୍ତି, ବାକି ଥିବା ଏମ.ଏ.ସି.ପି ପ୍ରଦାନ, ୨୦୧୪ ପୂର୍ବରୁ ଯୋଗ ଦେଇଥିବା ବି ଏସ୍ ଏସ୍ ଓ ମାନଙ୍କ ନୋସନାଲ ଇନ୍‌କ୍ରିମେଣ୍ଟ, କନିଷ୍ଠ ସହାୟକ ମାନଙ୍କ କ୍ୟାଡ଼ର ଗଠନ ଏବଂ କାର୍ଯ୍ୟକ୍ରମ ସହାୟକଙ୍କ ନିୟମିତ କରଣ ଭଳି ପ୍ରମୁଖ ଦାବି ଏଥିରେ ସାମିଲ ରହିଛି। ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ କର୍ମଚାରୀଙ୍କ ସମସ୍ତ ଦାବିକୁ ସହାନୁଭୂତିର ସହ ଶୁଣିବା ସଙ୍ଗେ ସଙ୍ଗେ ଏହି ୮ ଦଫା ଦାବିପତ୍ରକୁ ରାଜ୍ୟ ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଶୀଘ୍ର ପଠାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସରକାରଙ୍କ ସ୍ତରରେ ଏହି ସମସ୍ୟାର ସମାଧାନ ପାଇଁ ଉଚିତ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିନିଧି ଦଳକୁ ଆଶ୍ୱାସନା ଦେଇଛନ୍ତି।

● ଲୋନ୍ କରାଇଦେବା ବାହାନାରେ ଠକେଇ

## ୩ ମହିଳାଙ୍କ ମୋବାଇଲ୍ ନେଇ ଠକ ଚମ୍ପଟ



କୋମନା, ୨୧।୭ (ସମିସ): ଲୋନ୍ କରାଇଦେବା ନାଁରେ ପୁଣି ଏକ ବଡ଼ ଠକେଇ ଘଟଣା ସାମ୍ନାକୁ ଆସିଛି। ଏକ ଆପ୍ରୋଭଡ୍ ଫାଇନାନ୍ସ କମ୍ପାନୀରୁ ମୋଟାଅଙ୍କର ଲୋନ୍ କରାଇଦେବାର ପ୍ରଲୋଭନ ଦେଖାଇ ତିନି ଜଣ ମହିଳାଙ୍କଠାରୁ ଦାମୀ ମୋବାଇଲ୍ ନେଇ ଜଣେ ଠକ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଏହି ଅଭାବନୀୟ ଘଟଣା ନୂଆପଡ଼ା ଜିଲ୍ଲା କୋମନା ଥାନା ଅଞ୍ଚଳରେ ଘଟିଛି। ସୂଚନା ଅନୁଯାୟୀ, ଜଣେ ଅଜଣା ବ୍ୟକ୍ତି କୋମନା ଅଞ୍ଚଳକୁ ଆସି ସ୍ଥାନୀୟ ମହିଳାମାନଙ୍କୁ ୭୫ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହଜରେ ଲୋନ୍ କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଲୋନ୍ ପ୍ରସେସିଂ ଏବଂ ଓଟିପି ଯାଞ୍ଚ ପାଇଁ ମୋବାଇଲ୍ ଆବଶ୍ୟକ ବୋଲି କହି ସେ ସ୍ଥାନୀୟ ମହିଳା ଲକ୍ଷ୍ମୀ ରାଉତ, ସଙ୍ଗୀତା ବର୍ଗେ ଓ ମୀନା ବିଶିଙ୍କଠାରୁ ୩ ଗୋଟି ଦାମୀ ମୋବାଇଲ୍ ମାଗିଥିଲେ। ଏହାପରେ, ଲୋନ୍ ଯାଞ୍ଚ ପାଇଁ କିଛି ଦୋକାନର ଫୋଟୋ ଉଠାଇବାର ବାହାନା କରି ସେହି ବ୍ୟକ୍ତିଜଣକ ତିନୋଟିଯାକ ମୋବାଇଲ୍ ଧରି ଚତୁରତାର ସହ ସେଠାରୁ ଚମ୍ପଟ ମାରିଥିଲେ। ବହୁ ସମୟ ପର୍ଯ୍ୟନ୍ତ ବ୍ୟକ୍ତିଜଣକ ଫେରି ନ ଥିବାରୁ ମହିଳାମାନେ ସୁରକ୍ଷିତ ମଣିନଥିଲେ ଏବଂ ଠକେଇର ଶିକାର ହୋଇଥିବା ବୁଝିପାରିଥିଲେ। ଏନେଇ ପୀଡ଼ିତା ମହିଳାମାନେ କୋମନା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛି। ସମ୍ପୃକ୍ତ ଠକକୁ ଧରିବା ପାଇଁ ପୋଲିସ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାପଡ଼ିଛି।

■ ବିଦ୍ୟୁତ୍ ଆଘାତରେ ମହିଳା ଗୁରୁତର ହେବା ପ୍ରସଙ୍ଗ

# କଳାହାଣ୍ଡି ଜିଲ୍ଲାପାଳଙ୍କୁ ଏନ୍ଏଚ୍ଆର୍ସିର ନୋଟିସ୍

ଭବାନୀପାଟଣା,୨୧।୭(ସମିସ): କଳାହାଣ୍ଡି ଜିଲ୍ଲା ଅଧୀନ ଥୁଆମୂଳ ରାମପୁର ବ୍ଲକ୍ କାଣିଗୁମା ପଞ୍ଚାୟତ ଅଧୀନ ଧୁଲିଗୁଡ଼ା ଗ୍ରାମରେ ଗତ ନଭେମ୍ବର ୮ ତାରିଖରେ ଶକୁନ୍ତଳା ନାଏକ ଶିକାରି ବିଛାଇଥିବା ବିଦ୍ୟୁତ ତାର ଲାଗି ଗୁରୁତର ଆହତ ହୋଇଥିଲେ।

ଏହି ଘଟଣାକୁ ନେଇଁ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆରସି) ଶକ୍ତି ବିଭାଗ ସଚିବ ଓ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଃଖଦ ଘଟଣା ସମ୍ପର୍କରେ ନଭେମ୍ବର ୯ ତାରିଖରେ ସାମାଜିକ କର୍ମୀ ଦିଲ୍ଲୀପ କୁମାର ଦାସ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଘଟଣାରେ ସମ୍ପୃକ୍ତ ଜଙ୍ଗଲ ବିଭାଗ ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ପୀଡ଼ିତ ପରିବାରକୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ମଞ୍ଜୁର କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। କମିଶନ ଏକ ମାମଲା ପଞ୍ଜୀକରଣ କରି ମଙ୍ଗଳବାର ନୋଟିସ ଜାରି କରିଛନ୍ତି।

ତୁର୍କେଲ ବ୍ରିଜ୍ ନିର୍ମାଣ ପ୍ରସଙ୍ଗ

# ଟଙ୍କା ମଞ୍ଜୁର ସତ୍ତ୍ୱେ ଘୁଞ୍ଚୁନାହିଁ ଫାଇଲ

ଭବାନୀପାଟଣା,୨୧।୭(ସମିସ)

ତୁର୍କେଲ ବ୍ରିଜ୍ ନିର୍ମାଣ ଦାବିରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୮୦ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଗଣଧାରଣା ଫଳ ଶୂନ୍ୟ ହୋଇପଡ଼ିଛି। ଗଣଧାରଣାର ମଙ୍ଗ ଧରିଛନ୍ତି ସଦର କଂଗ୍ରେସ ବିଧାୟକ ସାଗର ଚରଣ ଦାସ। ଦିନ ଯେତେ ଗଡ଼ୁଛି ଯୁବ ବିଧାୟକଙ୍କ ଶକ୍ତି ଓ ସାମର୍ଥ୍ୟକୁ ନେଇ ଅନେକ ଚର୍ଚ୍ଚା ଚାଲୁଛି। ଆନ୍ଦୋଳନର ରୂପରେଖ ଭୟଙ୍କର ଆଡ଼କୁ ମୁହାଁଇବା ଭଳି ସଂକେତ ମଧ୍ୟ ମିଳୁନାହିଁ। ଅନ୍ୟପକ୍ଷରେ ବିଜେପି ଦଳ ଧାରଣାରତ ବିଧାୟକ କଂଗ୍ରେସର ହୋଇଥିବାରୁ ବିଜେପି ଘଟଣାକୁ ଅତି ହାଲକାଭାବେ ଗ୍ରହଣକରି ନୀରବି ଯାଇଛନ୍ତି। ପୂର୍ତ୍ତ ବିଭାଗକୁ ପଚାରିଲେ ତୁର୍କେଲ ବ୍ରିଜ୍‌ର ଗୋଟିଏ ସ୍ଲାବ ମରାମତି ପାଇଁ ୧୬କୋଟି ୭୫ଲକ୍ଷ୍ୟ ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ଟେଣ୍ଡର ପ୍ରକ୍ରିୟା ସରିନାହିଁ। ଫାଇଲ ମୁଖ୍ୟ ଯନ୍ତ୍ରୀ (ଇଆଇସି)ଙ୍କ

## ବଡ଼ ଆନ୍ଦୋଳନକୁ ଆହ୍ୱାନ କରୁଛନ୍ତି କି ସରକାର

## ଆଉ କେତେଦିନ ଚାଲିବ ଗଣଧାରଣା

ଟେବୁଲରେ ପଡ଼ିରହିଛି। ନିର୍ଦ୍ଦିଷ୍ଟ କାରଣ ପାଇଁ ଅଟକିଛି ଫାଇଲ ନା ରାଜନୈତିକ ଅଭିସନ୍ଧିମୂଳକଭାବେ ଫାଇଲ ଅଟକା ଯାଇଛି ତାହାହିଁ ମୁଖ୍ୟ ପ୍ରଶ୍ନବୋଲି ଅନେକ ଦ୍ୱନ୍ଦରେ ଅଛନ୍ତି। ଯଦି ଜାଣିଶୁଣି ବିଜେପି ସରକାର ଫାଇଲକୁ ନେଇ ନୂଆ ଖେଳ ଖେଳୁଛନ୍ତି ତେବେ ସ୍ଥିତି ଭିନ୍ନ ରୂପ ନେଇପାରେ। ଗତ ମେ ' ମାସ ୧୨ତାରିଖରେ ସଦର ବିଧାୟକ ସାଗର ଦାସଙ୍କ ବାପା ତଥା ପିସିସି ସଭାପତି ଭକ୍ତ ଦାସ ମଧ୍ୟ ଗଣଧାରଣା ସ୍ଥଳକୁ ଯାଇଥିଲେ। ସରକାରଙ୍କୁ କଡା ସମାଲୋଚନା କରି ଧାରଣାରେ ବସିଥିବା କଂଗ୍ରେସ କର୍ମକର୍ତ୍ତାଙ୍କୁ ଆଶ୍ୱସନା ଦେଇ ଧୈର୍ଯ୍ୟରକ୍ଷା ପାଇଁ କହିଥିଲେ। କଂଗ୍ରେସ ବିଧାୟକ ସାଗର ଦାଶଙ୍କ ନିର୍ବାଚନ ମଣ୍ଡଳୀରେ ଏହି ବ୍ରିଜ ଅନ୍ତର୍ଭୁକ୍ତ ଥିବାରୁ ସେତୁ ନିର୍ମାଣ ହେଲେ କଂଗ୍ରେସର ଖାତାକୁ ଶ୍ରେୟ ଚାଲିଯିବା ଭୟ ବିଜେପିକୁ ଗ୍ରାସ କରିଛି। ତେଣୁ ବିଜେପି ସରକାର ସେତୁ ନିର୍ମାଣ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହିଁ ବୋଲି ମଧ୍ୟ ଆଲୋଚନା କିଛି କମ ନୁହେଁ। ବିରୋଧୀ ଦଳ ବିଧାୟକ ଥିବାରୁ ବିଜେପି ସରକାର ଏହି ସେତୁ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଟେକ୍ନିକାଲ ଟେଣ୍ଡର ଓ ଅନ୍ୟାନ୍ୟ ଆଳ ଦେଖାଇ ଫାଇଲ ସମ୍ପର୍କରେ ଆଗକୁ ବଢ଼ିବା ଦେଖାଯାଉନାହିଁ। ଆଗାମୀ ଦିନରେ ଏହି ବ୍ରିଜର ମରାମତିର ଦିନ ଗଡିଲେ ପୂର୍ତ୍ତ ବିଭାଗ ତଥା ସରକାରଙ୍କ ପାଇଁ ମହଙ୍ଗା ପଡ଼ିପାରେବୋଲି ସୂଚନା ମିଳିଛି। କାରଣ ବ୍ରିଜରେ ଯାନବାହାନ ଚଳାଚଳ ବନ୍ଦ ହେବା ଦ୍ୱାରା ବୋର୍ଡା ଅଞ୍ଚଳ, ଖରିଆର୍ ଏପରିକି ଛତିଶଗଡ଼ ରାଜ୍ୟକୁ ଯିବାପାଇଁ ଅଧିକା ୩୦ରୁ୪୦କି. ମି ବୁଲି ଯିବାକୁ ପଡୁଛି। ଚାଷୀଠାରୁ ଆରମ୍ଭ କରି ଛାତ୍ର ଛାତ୍ରୀଙ୍କ ଘୋର ଅସୁବିଧା ହେଉଛି। ଗୁରୁତର ରୋଗୀଙ୍କ କ୍ଷେତ୍ରରେ ବଡ଼ ସମସ୍ୟା ଦେଖାଯାଇଛି। ସରକାର ବ୍ରିଜ୍ ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ମଧ୍ୟ ଦାବି କରାଯାଇଛି।

● ଛଅ ଦିନିଆ ଇଣ୍ଡକ୍ସନ୍ ପ୍ରୋଗ୍ରାମ୍ -୨୦୨୬

# ଭବିଷ୍ୟତ ନେତୃତ୍ୱ ଗଢ଼ିଲା ବିକାଶ ହାୟର ଏଡୁକେସନାଲ୍ ଇନ୍ଷ୍ଟିଚ୍ୟୁସନ୍ସ



ଭବାନୀପାଟଣା,୨୧।୭(ସମିସ): ନବନିଯୁକ୍ତ ସ୍ନାତକ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଜୀବନକୁ ଏକ ଦୃଢ଼, ପ୍ରେରଣାଦାୟକ ଓ ମୂଲ୍ୟବୋଧଭିତ୍ତିକ ଆରମ୍ଭ ଦେବା ଉଦ୍ଦେଶ୍ୟରେ ବିକାଶ ହାୟର ଏଡୁକେସନାଲ୍ ଇନ୍ଷ୍ଟିଚ୍ୟୁସନ୍ସ ପକ୍ଷରୁ ଆୟୋଜିତ ଛଅ ଦିନିଆ ଇଣ୍ଡକ୍ସନ୍ ପ୍ରୋଗ୍ରାମ୍ ୨୦୨୬ ସଫଳତାର ସହିତ ସମାପ୍ତ ହୋଇଛି। ଶିକ୍ଷା, ନେତୃତ୍ୱ, ଶିଳ୍ପଜଗତର ଅନୁଭବ, ଆର୍ଥିକ ସାକ୍ଷରତା, ପ୍ରଯୁକ୍ତି, ଜୀବନ କୌଶଳ, ମାନସିକ ସୁସ୍ଥତା ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ନୂତନ ଶିକ୍ଷାଜୀବନ ପାଇଁ ପ୍ରସ୍ତୁତ କରିବା ସହିତ ଆତ୍ମବିଶ୍ୱାସୀ ଶିକ୍ଷାର୍ଥୀ, ଦକ୍ଷ ପେଶାଜୀବୀ ଓ ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ି ତୋଳିବାର ଦିଗରେ ଏକ ଦୃଢ଼ ପଦକ୍ଷେପ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ଆଦିତ୍ୟ କୁମାର ପଟ୍ଟନାୟକ ସମସ୍ତ ଅତିଥି, ଅଧିକାରୀ, ଅଧ୍ୟାପକ-ଅଧ୍ୟାପିକା ଓ ନବନିଯୁକ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ ଡି. ଶ୍ୟାମ ଛାତ୍ରଛାତ୍ରୀଙ୍କୁ ବଡ଼ ସ୍ୱପ୍ନ ଦେଖିବା, ନିଜ ଉପରେ ବିଶ୍ୱାସ ରଖିବା ଓ ନିଜର ସମ୍ଭାବନାକୁ ଚିହ୍ନଟ କରିବାକୁ ପ୍ରେରିତ କରିଥିଲେ। ନିର୍ଦ୍ଦେଶକ ଡି. ରାମ କୁମାର, ମୁଖ୍ୟ ଶିକ୍ଷା ଅଧିକାରୀ ଡି. ବିଜୟା ଓ ଡି. ପଦ୍ମିନୀ ପ୍ରତିଷ୍ଠାନର ଦୃଷ୍ଟିକୋଣ ଉପସ୍ଥାପନ କରି ନୈତିକ ମୂଲ୍ୟବୋଧ, ଦକ୍ଷତା ଓ ସାମାଜିକ ଦାୟିତ୍ୱରେ ସୁଦୃଢ଼ ଯୁବପିଢ଼ି ଗଢ଼ି ତୋଳିବାରେ ଶିକ୍ଷାର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ଡ. ସୁଦୀପ୍ତ କୁମାର ଜେନା ଆଜୀବନ ଶିକ୍ଷା, ନବସୃଜନ ଓ ଶିକ୍ଷାଗତ ଉତ୍କର୍ଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନିରାକାର ଦାସ ଦାୟିତ୍ୱଶୀଳ ନାଗରିକତା ଓ ରାଷ୍ଟ୍ର ଗଠନ ଉପରେ ପ୍ରେରଣାଦାୟକ ଆଲୋଚନା କରିଥିଲେ। ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସମେତ ଅନ୍ୟ ବିଶେଷଜ୍ଞମାନେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ।

ରାଜକୁମାର ମଣ୍ଡଳ ଓ ସିନିୟର ଏକ୍ଜିକ୍ୟୁଟିଭ୍ ବିଭୁତିଭୂଷଣ ଦାସ ଶିଳ୍ପ ଜଗତର ଆଶା-ଆପେକ୍ଷା, କାର୍ଯ୍ୟସ୍ଥଳୀ ନୈତିକତା, ନିଯୁକ୍ତିଯୋଗ୍ୟତା କୌଶଳ ଓ କ୍ୟାରିୟର ସୁଯୋଗ ଉପରେ ମାର୍ଗଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଷ୍ଠାନର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଏହି କାର୍ଯ୍ୟକ୍ରମକୁ ଆହୁରି ସଫଳ କରିଥିଲା। ଛଅ ଦିନିଆ ଏହି ଇଣ୍ଡକ୍ସନ୍ ପ୍ରୋଗ୍ରାମ୍ କେବଳ ଏକ ସ୍ୱାଗତ କାର୍ଯ୍ୟକ୍ରମ ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ, ନେତୃତ୍ୱ, ନବସୃଜନ, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧର ମୂଳଦୁଆ ପକାଇଥିବା ଏକ ପରିବର୍ତ୍ତନଶୀଳ ଅନୁଭବରେ ପରିଣତ ହୋଇଥିଲା।

ଏମ୍ଆଇ ଡିଭିଜନର ନିରାଶାଜନକ ପ୍ରଦର୍ଶନ

# ବର୍ଷକରେ ହୋଇଛି ମାତ୍ର ୨୧ ଲକ୍ଷର କାମ

କୋକସରା,୨୧।୭(ସମିସ): କୋକସରାଠାରେ ଥିବା କ୍ଷୁଦ୍ର ଜଳସେଚନ ଓ ଅଣୁ ବିଭାଗରେ ଗତ ବର୍ଷେ ହେବ ଆଶାନୁରୂପ କାର୍ଯ୍ୟ ହୋଇପାରିନାହିଁ। ଫଳରେ ବିଭାଗର ଅସନ୍ତୋଷଜନକ ପ୍ରଗତିକୁ ନେଇ ଜନସାଧାରଣ ଓ ଚାଷୀକୂଳରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଗତ ବର୍ଷକ ମଧ୍ୟରେ ମାତ୍ର ୨୧ ଲକ୍ଷ ଟଙ୍କା ବ୍ୟୟରେ କେନାଲ ମରାମତି କାମ ହୋଇଛି। ଏଥିମଧ୍ୟରୁ ବୋବରିଆ ଗ୍ରାମରେ ୧୩ ଲକ୍ଷ ଟଙ୍କା ଓ ସିଉନୀ ଗ୍ରାମରେ ୮ ଲକ୍ଷ ଟଙ୍କାର କାମ ସାମିଲ ଅଛି। ବାସ୍ତବରେ ଏହି ବିଭାଗ ଦ୍ୱାରା ଛୋଟଛୋଟ ଡ୍ୟାମ୍, ବାନ୍ଧ ଓ ଜଳାଶୟ ନିର୍ମାଣ, ସେଗୁଡ଼ିକର ପୁନରୁଦ୍ଧାର, କେନାଲ ଓ ନାଳରୁ ପଙ୍କ ଉଦ୍ଧାର, "ପାଣି ପଞ୍ଚାୟତ' ମାଧ୍ୟମରେ ଜଳର ସୁଷମ ବଣ୍ଟନ ଏବଂ ଜଳ ସଂରକ୍ଷଣ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯିବା କଥା। ତେବେ କୋକସରା ବ୍ଲକ୍ ଏକ ବୃହତ କୃଷିବହୁଳ ଅଞ୍ଚଳ ହୋଇଥିବା ବେଳେ ଏହି ବିଭାଗ ଅଧୀନରେ ପ୍ରସିଦ୍ଧ

## ବେହେରା ଡ୍ୟାମର ପୁନରୁଦ୍ଧାର ଦାବି

ବେହେରା ଡ୍ୟାମ୍, ମୋଡୋସିଲ ଓ ଅଠରନଳା ସମେତ ଅନେକ ବନ୍ଧ ଓ କେନାଲ ରହିଛି। ପ୍ରତିବର୍ଷ ଚାଷୀଙ୍କ ସୁବିଧା ପାଇଁ ଅନେକ ପ୍ରକଳ୍ପର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ, ନୂତନ ବନ୍ଧ ଓ ଚେକ୍ ଡ୍ୟାମ୍ ନିର୍ମାଣର ଆବଶ୍ୟକତା ରହିଥିଲେ ହେଁ ମାତ୍ର ୨୧ ଲକ୍ଷର କାମ ହେବା ଚାଷୀଙ୍କୁ ନିରାଶ କରିଛି। ଅନ୍ୟପଟେ, ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଆଗାମୀ ଦିନରେ ଜଳସେଚନ ଭିତ୍ତିଭୂମିର ସୁଧାର ପାଇଁ ଧାମନଧର ଏମ୍ଆଇପି, ବଡ଼କେନ୍ଦୁଗୁଡ଼ା, ସିଉନି ଓ ଅଠରନଳା ଏମ୍ଆଇପି ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇ ଅନୁମୋଦନ ମିଳିସାରିଛି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ପ୍ରାୟ ୨ କୋଟି ୧୮ ଲକ୍ଷ ୭୮ ହଜାର ୬୩୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହା ବ୍ୟତୀତ ଅନ୍ୟ କେତେକ ନୂତନ ପ୍ରକଳ୍ପ ପାଇଁ ମଧ୍ୟ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଯାଇଥିବା କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ମାତ୍ର ବର୍ତ୍ତମାନର ମନ୍ଥର କାର୍ଯ୍ୟପ୍ରଗତିକୁ ଦେଖି ଅନୁମୋଦିତ ଟଙ୍କା କେବେ ଆସିବ ଓ କାମ କେବେ ଶେଷ ହୋଇ ଚାଷୀଙ୍କ କାମରେ ଆସିବ, ସେନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ କାର୍ଯ୍ୟ ଯଥାଶୀଘ୍ର ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।

ଦେଢ଼ ମାସ ହେଲା କାମ ବନ୍ଦ

# ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

କର୍ଲାମୁଣ୍ଡା,୨୧।୭(ସମିସ): ରାସ୍ତା କାମ କରିବା ପାଇଁ ଜନପ୍ରତିନିଧି ସରପଞ୍ଚ ଓ ସମିତି ସଭ୍ୟଙ୍କ ଭିତରେ ଟଣାଟଣି ଯୋଗୁଁ ଦେଢ଼ମାସ ହେଲା ରାସ୍ତା କାମ ବନ୍ଦ ପଡ଼ିଛି। ଫଳରେ ଅନୁସୂଚିତ ଜାତି ଓ ଜନଜାତିବହୁଳ ଗାନ୍ଧିନଗର ପଡା ଓ ବହଲମୁଣ୍ଡାପଡ଼ାବାସୀ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। କୁନିକୁନି ଛାତ୍ରଛାତ୍ରୀ ସ୍କୁଲ ଯିବା ସମୟରେ ସେଠାରେ ଖସିରି ପଡୁଛନ୍ତି। ଏପରି ଘଟଣା ରିଷିଡା ପଞ୍ଚାୟତ ବାପୁଜୀ ହାଇସ୍କୁଲ ଛକରୁ ଗାନ୍ଧିନଗର ପଡ଼ାକୁ ଯାଉଥିବା ରାସ୍ତାରେ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଓଡ଼ିଶା ସରକାର ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଅନୁଦାନରୁ ୪ଲକ୍ଷ ମଞ୍ଜୁରୀ ହୋଇଥିବା ବେଳେ ପ୍ରଥମେ ସରପଞ୍ଚ ଫେବରବ୍ଲକ୍ ଇଟା ଓ ବାଲି ପକେଇ ଥିବା ବେଳେ ପରବର୍ତ୍ତି ସମୟରେ ସମିତିସଭ୍ୟ ବାଲି ପକେଇଛନ୍ତି। ଉଭୟେ କାମକରିବା ଜିଦ୍‌ରେ ରହୁଥିବାରୁ କାମ ବନ୍ଦ ହୋଇ ପଡ଼ିରହିଛି। ସୂଚନା ଫଳକ ଲିଭିବାକୁ ବସିଲାଣି କିନ୍ତୁ କାମ ଆଗେଇ ପାରୁନି। ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ବ୍ଲକ୍ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାଯୋଗୁଁ କାମ ଆରମ୍ଭ ହେଉ ନ ଥିବାରୁ ସାଧରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବିହେଉଛି।



# ସରକାରୀ ଡାକ୍ତରଙ୍କ ନାମରେ ଶୋଷଣ ଅଭିଯୋଗ

ନୂଆପଡ଼ା,୨୧।୭(ସମିସ): ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ୍ ସଦର ମହକୁମା ପ୍ରାଥମିକ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ସରକାରୀ ଡାକ୍ତରଙ୍କ ନାମରେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଅଭିଯୋଗ ଅନୁଯାୟୀ, ସରକାରୀ ଡାକ୍ତରଖାନାରେ ନିୟମିତ ସେବା ନ ଦେଇ ବେସରକାରୀ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଚଳାଇ ଗର୍ଭବତୀ ମହିଳାମାନଙ୍କ ଠାରୁ ଅଲଟ୍ରାସାଉଣ୍ଡ ପରୀକ୍ଷା ଓ ଔଷଧ ନାଁରେ ହଜାର ହଜାର ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ବୋଡେନରେ ଥିବା ଏକ ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ରରେ କେତେକ ଗର୍ଭବତୀ ମହିଳାଙ୍କ ଠାରୁ ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ୪ ହଜାରରୁ ୬ ହଜାର ଟଙ୍କା ଏବଂ ଅତିରିକ୍ତ ଭିଟାମିନ ଔଷଧ ନାଁରେ ୨ ହଜାରରୁ ୩ ହଜାର ଟଙ୍କା ଆଦାୟ କରାଯାଉଛି। ନାମଗୋପନ ରଖିଥିବା ଜଣେ ମହିଳା ଏହି ଅଭିଯୋଗ କରିଥିବା ବେଳେ, ଜଣେ ଗର୍ଭବତୀଙ୍କୁ ଦୁଇରୁ ତିନି ଥର ଅଲଟ୍ରାସାଉଣ୍ଡ କରିବାକୁ ଡକା ଯାଉଥିବା ମଧ୍ୟ ଦାବି କରାଯାଇଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ, ଏଭଳି କାର୍ଯ୍ୟ ଗର୍ଭବତୀ ମହିଳାଙ୍କ ଆର୍ଥିକ ଶୋଷଣ ବୋଲି ଚର୍ଚ୍ଚା ହେଉଛି। ଏ ପରିକି କ୍ଲିନିକରେ "ଏଠାରେ ଗର୍ଭସ୍ଥ ଭ୍ରୁଣର ଲିଙ୍ଗ ନିରୂପଣ କରାଯାଏ ନାହିଁ' ବୋଲି ଲେଖା ଥିବା ସତ୍ତ୍ୱେ ଏହାର ବିପରୀତ କାର୍ଯ୍ୟକଳାପ ଏବଂ ବେଆଇନ ଗର୍ଭପାତ ଭଳି ଗୁରୁତର ଅଭିଯୋଗ ମଧ୍ୟ କିଛି ସ୍ଥାନୀୟ ଲୋକ ଉଠାଇଛନ୍ତି। ଏ ସମ୍ପର୍କରେ ସଂପୃକ୍ତ ଡାକ୍ତରଙ୍କୁ ପଚାରିବାରୁ ସେ କହିଛନ୍ତି ଟଏସବୁ ମିଥ୍ୟା, ମୋର ନୟାଗଡ଼ ଜିଲ୍ଲା ଶରଣକୂଳକୁ ବଦଳି ହୋଇଛି ମୁଁ କାହିଁ ଏ ସବୁ ବେଆଇନ କାର୍ଯ୍ୟ କରିବି'। ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରି ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ଜୋର ଧରିଛି।

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ

# ନୂତନ ଅନୁଦାନ ଦାବିରେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ

ଭବାନୀପାଟଣା,୨୧।୭(ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ କଳାହାଣ୍ଡି ଜିଲ୍ଲା ତରଫରୁ ନୂତନ ଅନୁଦାନ ଦାବିରେ ଆଜି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସଂଘର ସଭାପତି ବିଶ୍ୱ ରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଂଯୋଜକ ଲକ୍ଷ୍ମୀକାନ୍ତ ବେହେରା ଓ ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ହେମନ୍ତ ରଣା, ଅଧ୍ୟାପିକା ସୁସ୍ମିତା ପଣ୍ଡା, ରାଜେସ୍ୱରୀ ରାଜପାଏଲୋ, ସୁଶୀସ୍ମିତା ପଣ୍ଡା, ଅଧ୍ୟାପକ ଦିନେଶ ପଟେଲ, ରୋହିତ ସୁନା, ଥବିର ରାଉତ ଓ ଅଣଶିକ୍ଷକ କର୍ମଚାରୀଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲାର ସମସ୍ତ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଶତାଧିକ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ। ନୂତନ ଅନୁଦାନ ଦାବିରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୨୫ ମସିହା ଜୁଲାଇ ମାସରେ ଲୋୟାର ପିଏମ୍‌ଜିରେ ସଂଘ ତରଫରୁ ହୋଇଥିବା ଆମରଣ ଅନଶନ ମାଧ୍ୟମରେ ସଂଘ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ଦୃଷ୍ଟି ଗୋଚର କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ହିସାବରେ ଏକାମ୍ର ବିଧାୟକ ଓ ପିପିଲି ବିଧାୟକଙ୍କ ସହଯୋଗରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅଧକ୍ଷତାରେ ଉଚ୍ଚ ଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ସହ ସଂଘ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ବିଧାନସଭାରେ ଶିକ୍ଷକ ସମାଜର ବିଭିନ୍ନ ଦାବୀର ସମାଧାନ କରିବା ଉଦ୍ଦେଶ୍ୟରେ ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ଛଅ ମାସ ମଧ୍ୟରେ ସଂଘ ଦାବି ସମ୍ବନ୍ଧରେ ତଥ୍ୟ ଦେବା ପାଇଁ ଘୋଷଣା କରିଥିଲେ। ମାତ୍ର ଉକ୍ତ କମିଟି ୬ମାସ ଅବଧି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ସଂଘର ଦାବୀ ସମ୍ବନ୍ଧୀୟ ତଥ୍ୟ ପ୍ରେରଣ କରିଥିବାବେଳେ ସରକାର ଅଧ୍ୟାପକମାନଙ୍କ ସମସ୍ୟାକୁ ସମାଧାନ ନ କରି 'ଜ୍ଞାନଦ୍ୱୟରୁ ଶିକ୍ଷାର ସମୃଦ୍ଧି' ଯୋଜନାକୁ ତରବରିଆ ଭାବେ କରିବା ଦ୍ୱାରା ଏହି ଅଧ୍ୟାପକ ଏବଂ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଟାଣି ହୋଇଯାଉଛି। ସଂଘ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସରକାରୀ ଅନୁଦାନ ଘୋଷଣା ନିମନ୍ତେ ଦାବି ପତ୍ର ପ୍ରଦାନ କରିଛି। ଯଦି ସରକାର ଏହାର ସମାଧାନ ନ କରନ୍ତି ତେବେ ମୌସୁମୀ ଅଧିବେଶନରେ ସଂଘ ଲୋୟାର ପିଏମଜି ଗଣତାନ୍ତ୍ରିକ ପଦ୍ଧତିରେ ଜୋରଦାର ଆନ୍ଦୋଳନ କରିବ ବୋଲି କୁହାଯାଇଛି।



# ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ନୂଆପଡ଼ା,୨୧।୭(ସମିସ): ଅନୁଦାନ ପ୍ରଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡ଼ା ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ରାଜ୍ୟ ସରକାର କେଜିରୁ ପିଜି ନିଃଶୁଳ୍କ ଶିକ୍ଷା ଓ ଜାତୀୟ ଶିକ୍ଷାନୀତି ତରବରିଆ ଭାବେ ଲାଗୁ କରିଛନ୍ତି। ଯାହା ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ। 'ଜ୍ଞାନୋଦୟ -ଶିକ୍ଷା ରୁ ସମୃଦ୍ଧି' ଯୋଜନା ସରକାରଙ୍କ ଏକ ଐତିହାସିକ ନିଷ୍ପତ୍ତି ହୋଇଥିବାସ୍ଥଳେ ସରକାରଙ୍କ ଏହି ନିଃଶୁଳ୍କ ଯୋଜନା ଯୋଗୁ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ମହାବିଦ୍ୟାଳୟ ବର୍ତ୍ତମାନ ଦରମା ଦେବାକୁ ଅସମର୍ଥ। ଏପରିସ୍ଥିତିରେ ସରକାର ଯେଉଁ ଅନୁସାରେ କିସ୍ତି ଟଙ୍କା ପ୍ରଦାନ କରିବା ମହାବିଦ୍ୟାଳୟ ପାଇଁ ସମୁଦ୍ରକୁ ଶଙ୍ଖେ ଭଳି । ତେଣୁ ବର୍ତ୍ତମାନ ୨୦୦୮ ରୁ ୨୦୧୮ ଅନୁଦାନକୁ ପ୍ରାଥମିକତା ଦେବା ଆବଶ୍ୟକ। ନୂଆପଡ଼ା ଜିଲ୍ଲାର ଜିଲ୍ଲା ସଂଯୋଜକ ଶିବ ପ୍ରସାଦ ସାଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ବହୁ ସଂଖ୍ୟାରେ ଅଧ୍ୟାପକ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୌସୁମୀ ଅଧିବେଶନ ପୂର୍ବରୁ ସରକାର ଯଦି ଦାବିପୂରଣ ନ କରନ୍ତି ତେବେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲାର ବିଭିନ୍ନ ଖଣ୍ଡ ସଂଯୋଜକ, ବ୍ୟବସ୍ଥା ପ୍ରମୁଖ ତଥା ଅନେକ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।



ମୋବାଇଲ ନେଟୱାର୍କରୁ ବଞ୍ଚିତ

# ସିଗ୍‌ନାଲ ପାଇଁ ପାହାଡ଼ ଚଢ଼ୁଛନ୍ତି ଲୋକେ

ଖଡ଼ିଆଳ,୨୧।୭(ସମିସ)

ଦେଶ ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ୫ଜି ଇଣ୍ଟରନେଟ ଓ ଡିଜିଟାଲ ସେବାର ନୂଆ ଯୁଗକୁ ଅତିକ୍ରମ କରୁଥିବାବେଳେ, ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକ୍ ଅଧୀନ ଖାସବାହାଲ, ଲାଞ୍ଜି, ଦାବ୍ରି ଓ ରାଣୀମୁଣ୍ଡା ପଞ୍ଚାୟତର ହଜାରହଜାର ଲୋକ ଆଜି ମଧ୍ୟ ମୌଳିକ ମୋବାଇଲ ନେଟୱାର୍କ ସୁବିଧାରୁ ବଞ୍ଚିତ ରହିଛନ୍ତି। ଅନେକ ଗାଁରେ ମୋବାଇଲରେ କଥା ହେବା ତ ଦୂରର କଥା, ଗୋଟିଏ ସଗନାଲ ପାଇବା ପାଇଁ ଲୋକଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନ, ପାହାଡ଼, ଉଚ୍ଚସ୍ଥାନ କିମ୍ବା ଗାଁ ବାହାରକୁ ଯିବାକୁ ପଡୁଛି। ଏହି ଚାରୋଟି ପଞ୍ଚାୟତର ଅଧିକାଂଶ ଅଞ୍ଚଳ ଜଙ୍ଗଲ ଓ ପାହାଡ଼ ଘେରା ମଧ୍ୟରେ ହୋଇଥିବାରୁ ଟେଲିକମ୍ କମ୍ପାନୀମାନଙ୍କ ଟାୱାରର ସିଗ୍ନାଲ ଠିକ୍ ଭାବେ ପହଞ୍ଚିପାରୁ ନାହିଁ। ଫଳରେ ଲୋକମାନେ ଦୈନନ୍ଦିନ ଜୀବନରେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଜି ସରକାରୀ ସେବାଠାରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ, ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଅନଲାଇନ ଆବେଦନ, ଆଧାର ସଂଯୋଗ, ସ୍ୱାସ୍ଥ୍ୟ ସେବା ଓ ଜରୁରୀକାଳୀନ ଯୋଗାଯୋଗ ପର୍ଯ୍ୟନ୍ତ ସବୁକିଛି ମୋବାଇଲ ଓ ଇଣ୍ଟରନେଟ ଉପରେ ନିର୍ଭରଶୀଳ। କିନ୍ତୁ ଏହି ଅଞ୍ଚଳର ଲୋକମାନେ ନେଟୱାର୍କ ନ ଥିବାରୁ ଅନଲାଇନ ସେବା ପାଇବାରେ ବହୁତ



ଅସୁବିଧା ଭୋଗୁଛନ୍ତି। ବିଶେଷ କରି ଛାତ୍ରଛାତ୍ରୀମାନେ ଅନ୍‌ଲାଇନ ଫର୍ମ ପୂରଣ, ପରୀକ୍ଷା ସମ୍ବନ୍ଧୀୟ ସୂଚନା ଓ ଡିଜିଟାଲ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଚାଷୀମାନେ ପାଣିପାଗ, ଫସଲ ବୀମା ଓ ସରକାରୀ ଯୋଜନାର ସୂଚନା ସମୟରେ ପାଉନାହାନ୍ତି। ଜରୁରୀ ସମୟରେ ଆମ୍ବୁଲାନ୍ସ, ଅଗ୍ନିଶମ କିମ୍ବା ପୁଲିସକୁ ଫୋନ୍ କରିବା ମଧ୍ୟ ଅନେକ ସମୟରେ ସମ୍ଭବ ହୋଇ ପାରୁନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବହୁବାର ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ନୂତନ ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ। ନିର୍ବାଚନ ସମୟରେ ବିଭିନ୍ନ ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ପରେ ସମସ୍ୟାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଡିଜିଟାଲ ଇଣ୍ଡିଆର ସ୍ୱପ୍ନକୁ ସାକାର କରିବାକୁ ହେଲେ ଏଭଳି ଗ୍ରାମାଞ୍ଚଳରେ ଉନ୍ନତ ମୋବାଇଲ ନେଟୱାର୍କ ଓ ଇଣ୍ଟରନେଟ ସୁବିଧା ପହଞ୍ଚାଇବା ଅତ୍ୟନ୍ତ ଜରୁରୀ। ଏଆଇ ଓ ୫ଜିର କଥା କହିବା ପୂର୍ବରୁ ଲୋକଙ୍କୁ ଅତି କମରେ ନିରବଚ୍ଛିନ୍ନ ୪ଜି କିମ୍ବା ମୌଳିକ ମୋବାଇଲ ସଂଯୋଗ ମିଳିବା ଆବଶ୍ୟକ। ଏବେ ଚାରୋଟି ପଞ୍ଚାୟତବାସୀଙ୍କ ଦାବି ହେଉଛି, ସରକାର ଓ ସମ୍ପୃକ୍ତ ଟେଲିକମ୍ ସଂସ୍ଥା ଶୀଘ୍ର ନୂତନ ମୋବାଇଲ ଟାୱାର ସ୍ଥାପନ କରି ସ୍ଥାୟୀ ନେଟୱାର୍କ ବ୍ୟବସ୍ଥା କରନ୍ତୁ, ଯାହାଦ୍ୱାରା ସେମାନେ ମଧ୍ୟ ଡିଜିଟାଲ ଭାରତର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ଦାବି କରିଛନ୍ତି।

# ନିଟ୍ ପରୀକ୍ଷାରେ ସିଦ୍ଧାର୍ଥଙ୍କ ସଫଳତା



ଗୋଲାମୁଣ୍ଡା,୨୧।୭(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଉଚ୍ଛୁଲା ପଞ୍ଚାୟତର ସିଦ୍ଧାର୍ଥ ଶେଖର ଭୋଇ ନିଟ୍ ପରୀକ୍ଷାରେ ୬୧୩ ର୍‌ୟାଙ୍କ ରଖି ଗୋଲାମୁଣ୍ଡା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସିଦ୍ଧାର୍ଥଙ୍କ ପିତା ସୁଶାନ୍ତ କୁମାର ଭୋଇ ଓ ମାତା ଭାରତୀ ଭୋଇ। ସେ ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ +୨ ମହାବିଦ୍ୟାଳୟରେ ଅଧ୍ୟୟନ କରି ଉଚ୍ଚମାଧ୍ୟମିକ ପରୀକ୍ଷାରେ ୯୬ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ପରେ ଗୋଲାମୁଣ୍ଡା ବ୍ଲକ ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି।

# ଗାଡ଼ି ଧକ୍କାରେ ଯୁବକ ମୃତ

ଖଡ଼ିଆଳ,୨୧।୭ (ସମିସ): ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅଧୀନ ବିନପୁର ଶିବମନ୍ଦିର ନିକଟ ବିଜୁ ଏକ୍ସପ୍ରେସ୍‌ୱେରେ ମଙ୍ଗଳବାର ସକାଳେ ଏକ ଅଜଣା ଗାଡ଼ିର ଧକ୍କାରେ ସୁନାପୁର ଗ୍ରାମର ଲୋକେଶ୍ୱର କାଣ୍ଡ (୨୪)ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ପ୍ରେମ ସିଂ କାଣ୍ଡ । ଆହତଙ୍କୁ ଉଦ୍ଧାର କରି ବୋଡେନ ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଅଜଣାଗାଡ଼ିକୁ ଆଗାମୀ ଦିନରେ ଚିହ୍ନଟ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ବୋଡେନ ପୁଲିସ।

## ବ୍ରାହ୍ମଣ ଏକତା ମଞ୍ଚର ସାଂଗଠନିକ ବୈଠକ

ବୀରମହାରାଜପୁର, ୨୧।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ରାହ୍ମଣ ଏକତା ମଞ୍ଚର ସାଂଗଠନିକ ବୈଠକ ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ସାମୂହିକ ଭାବେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବିଷ୍ଣୁ ସହସ୍ରନାମ ପଠନ କରା ଯାଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ୨୦୦ରୁ ଅଧିକ ବ୍ରାହ୍ମଣ ଯୋଗ ଦେଇଥିଲେ। ସଭାରେ କୃଷ୍ଣଚନ୍ଦ୍ର ପାଢ଼ୀ ସଭାପତିତ୍ୱ କରିଥଲେ। ସୋନପୁର ନଗରର ତ୍ରିପୁରାରୀ ପଣ୍ଡା, ବୈକୁଣ୍ଠ ଶତପଥୀ, ଉଲୁଣ୍ଡା ବ୍ଲକ ସଭାପତି ପ୍ରଶାନ୍ତ ଶତପଥୀ, ସମ୍ପାଦକ ଲକ୍ଷ୍ମଣ ପାଣ୍ଡିଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ସୁଶାନ୍ତ ପୁରୋହିତ ମଙ୍ଗଳାଚରଣ ଗାନ କରିଥିଲେ। ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଯୁଗଳ କିଶୋର ମିଶ୍ର ସ୍ୱାଗତ କରିଥିଲେ। ସଭାରେ ଏକ ପରିଚାଳନା ପରିଷଦ ଗଠନ କରା ଯାଇଥିଲା। ଏଥିରେ ସଭାପତି ଭାବେ ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ରାଧେଶ୍ୟାମ ପୁରୋହିତ, ଉପ ସଭାପତି ଭାବେ କିଶୋର ହୋତା, ସମ୍ପାଦକ ଭାବେ ଡ. ଦ୍ୱିତୀକୃଷ୍ଣ ପଣ୍ଡା, ସହ ସମ୍ପାଦକ ଭାବେ ବିପିନ ପଣ୍ଡା, ସଂଗଠନ ସମ୍ପାଦକ ଭାବେ ରବି ନାରାୟଣ ପଣ୍ଡା, ସତ୍ୟଞ୍ଜିବ ମିଶ୍ର, ଲଳିତ କର, କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନନ୍ଦ, ସହ କୋଷାଧ୍ୟକ୍ଷ ପ୍ରକାଶଚନ୍ଦ୍ର ପଣ୍ଡା, ସଂଯୋଜକ ଯୁଗଳ କିଶୋର ମିଶ୍ର, ବିବସ୍ୱତି ପଣ୍ଡା, ଆଇନ୍ ପରାମର୍ଶଦାତା ସତ୍ୟବ୍ରତ ମିଶ୍ର, ସୁରେନ୍ଦ୍ର ତ୍ରିପାଠୀ, ଗଣପତି ପଣ୍ଡା, ରଞ୍ଜିତ ରଥ, ଉପଦେଷ୍ଟା ଭାବେ ଦୟାନିଧି ହୋତା, ଧରଣୀଧର ପାଢ଼ୀ, କୃଷ୍ଣଚନ୍ଦ୍ର ପାଢ଼ୀ, ଭଗବାନ ମିଶ୍ର, ବେଣୁଧର ଦାଶ, ଅଶୋକ ପୁରୋହିତ, ଦାମୋଦର ହୋତା, ବ୍ରଜଗୋପାଳ ମହାପାତ୍ର, ମନୋରଞ୍ଜନ ଦାଶ, ମଧୁସୂଦନ ପଣ୍ଡା, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ରଘୁବୀର ପାଣିଗ୍ରାହୀ, ରମାକାନ୍ତ ପୁରୋହିତ, ନରେନ୍ଦ୍ର ଚାନ୍ଦ ପ୍ରମୁଖ ରହିଛନ୍ତି। ଡ. ପ୍ରଫୁଲ୍ଲ ରଥ, ନିଳାମ୍ବର ପଣ୍ଡା, ଅଶୋକ ପାଣ୍ଡିଆ, ଗୋବିନ୍ଦ ମିଶ୍ର, ପଦ୍ମଲୋଚନ ମିଶ୍ର, ସତ୍ୟନାରାୟଣ ନାୟକ, ରାମପ୍ରସାଦ ପଣ୍ଡା, ବିଷ୍ଣୁଚରଣ ପଣ୍ଡା, ରାଜେଶ ପାଣିଗ୍ରାହୀ, ସୂର୍ଯ୍ୟନାରାୟଣ ପଣ୍ଡା, ଅଶୋକ ପାଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ।

### ଭୋଟର ତାଲିକା ସଂଶୋଧନ ନେଇ ଆଲୋଚନା

# ଏସ୍ଆଇଆର୍ ସମୀକ୍ଷା କଲେ ଆର୍‌ଡିସି

ଝାରସୁଗୁଡ଼ା, ୨୧।୭(ସମିସ)

ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ଭୋଟର ତାଲିକା ନିରୀକ୍ଷକ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ତେବେ ଗଣତନ୍ତ୍ରର ମୂଳଦୁଆକୁ ଅଧିକ ମଜବୁତ କରିବା ପାଇଁ ଏକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ଅତ୍ୟନ୍ତ ଆବଶ୍ୟକ। ଜିଲ୍ଲାର କୌଣସି ବି ଯୋଗ୍ୟ ଭୋଟର ଯେପରି ନିଜର ମତାଧିକାରରୁ ବଞ୍ଚିତ ନହୁଅନ୍ତି ତାହା ସୁନିଶ୍ଚିତ କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ବୋଲି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ କହିଥିଲେ। ଏକ ତ୍ରୁଟିମୁକ୍ତ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରକାଶନ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଏହି ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ରହି ସମସ୍ତ ନିର୍ବାଚନୀ ପ୍ରକ୍ରିୟା ଓ ବ୍ୟବସ୍ଥାର



ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ପବନ ସିଂହ ଯାଦବ, ଶ୍ଲୋକ ସରନା, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ସନ୍ତୋଷ ଯାଦବ, ବିଜେପି ନେତା ଲକ୍ଷ୍ମୀକାନ୍ତ ପାତ୍ର, ବିଜେପି ନେତା ପ୍ରେମ ସେନ ରାୟ, ସିପିଆଇର ବାସୁଦେବ ଶର୍ମା, ବିଏସପିରୁ ଲକ୍ଷ୍ମଣ ବର୍ମା, ସିପିଆଇ(ଏମ୍)ର ଗୌରୀଶଙ୍କର ପାତ୍ର, ଜିଲ୍ଲା କଂଗ୍ରେସ କମିଟିରୁ ମନୀଷ ବାଜପେୟୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଦାବି ଓ ଆପତ୍ତି ରିପୋର୍ଟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୁଥ୍‌ସ୍ତରୀୟ ସହାୟତା, ବୁଥ୍ ଚିହ୍ନଟ ପ୍ରକ୍ରିୟା ଏବଂ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକୁ ଅଧିକ ସୁଗମ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ବାବଦରେ ସମୀକ୍ଷା ହୋଇଥିଲା। ଭୋଟର ତାଲିକାରେ ବାସସ୍ଥାନ ପରିବର୍ତ୍ତନ, ବିବାହ କାରଣରୁ ନାମ ସ୍ଥାନାନ୍ତର କିମ୍ବା ବାଦ୍ ପଡ଼ିବା ଏବଂ ନାମ ସଂଶୋଧନ ସମ୍ପର୍କିତ ବିଭିନ୍ନ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଡିଓ ଏବଂ ସମ୍ପୃକ୍ତ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାରେ କୌଣସି ପ୍ରକାରର ପକ୍ଷପାତିତା ନ ରଖି ସମ୍ପୂର୍ଣ୍ଣ ନିରପେକ୍ଷତା, ସ୍ୱଚ୍ଛତା ଓ ଗ୍ରହଣୀୟତା ଅବଲମ୍ବନ କରିବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେନ୍ ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

**ସାମିଲ ହେଲେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି**

## ଦୋକାନରୁ ଚୋରି ଘଟଣାର ଅଭିଯୁକ୍ତ ଗିରଫ

ଇବ୍‌ଥର୍ମାଲ, ୨୧।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅଧୀନ ସ୍ୱାଧୀନ କମ୍ପ୍ଲେକ୍ସ ସ୍ଥିତ ଏକ ରାସନ ଦୋକାନରୁ ଚୋରି ହୋଇଛି। ବନହରପାଲି ଥାନା ପୁଲିସ ତଦନ୍ତ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଲିପସପାଲି ଗ୍ରାମର ସୁରଜ ସିଂଘାରିଆ ଓରଫ୍ ହାନୁ (୨୦); ଯିଏକି ବର୍ତ୍ତମାନ ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ବନ୍ଧବାହାଲର କରପାବାହାଲରେ ରହୁଛି। ଜେରା ସମୟରେ ଅଭିଯୁକ୍ତ ଦୋକାନର ଆସବେଷ୍ଟସ୍ ଭାଙ୍ଗି ଚୋରି କରିଥିବା ସ୍ୱୀକାର କରିଛି। ତଦନ୍ତ ସମୟରେ ଅଭିଯୁକ୍ତ ନିକଟରୁ ୧୭୫୦ ଟଙ୍କା ଜବତ କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମଧ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ସହ ଘଟଣା ସ୍ଥଳ ବୁଲି ତଦାରଖ କରିଛନ୍ତି।

## ୨୧ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ଇବ୍‌ଥର୍ମାଲ, ୨୧।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅଧୀନ କୁମ୍ଭାରବନ୍ଧ ଫାଣ୍ଡି ପୁଲିସ ମଦ କାରବାରରେ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ବଡ଼ସରୁଆ ଗ୍ରାମର ପଞ୍ଚାନନ ବେହେରା (୫୪)। ତା' ନିକଟରୁ ୨୧ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି। ମଦ ରଖିବା କିମ୍ବା ବିକ୍ରି କରିବା ନେଇ ସେ କୌଣସି ବୈଧ ଲାଇସେନ୍ସ କିମ୍ବା କର୍ତ୍ତୃପକ୍ଷଙ୍କ ଅନୁମତିପତ୍ର ଦେଖାଇ ପାରି ନ ଥିଲା।

## ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



ଶଗଡ଼ା/କଣ୍ଟାମାଲ, ୨୧।୭(ସମିସ): ବିଳାସପୁରସ୍ଥିତ ଜନତା ହାଇସ୍କୁଲର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ପ୍ରଧାନ ଶିକ୍ଷକ ଚଣ୍ଡୀ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅଭିଭାବକ ଏବଂ ସିଆରସିସି ସଞ୍ଜୟ ଜଗଦଲା ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ସ୍କୁଲର ନୂତନ ପରିଚାଳନା କମିଟି ଗଠିତ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ଭବସାଗର ସଭାପତି, ଉପ ସଭାନେତ୍ରୀ ଭାବେ ରମ୍ଭା କର୍ଣ୍ଣଙ୍କୁ ଚୟନ କରାଯାଇଥିଲା। ସେହିଭଳି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର କଣ୍ଟାମାଳ ହାଇସ୍କୁଲର ମଧ ପରିଚାଳନା କମିଟି ଗଠିତ ହୋଇଛି। ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ।

ସର୍ବସମ୍ମତିକ୍ରମେ ମନୋଜ ରାଜହଂସଙ୍କୁ ଅଧ୍ୟକ୍ଷ ଓ ଅର୍ଚ୍ଚନା ବନଛୋରଙ୍କୁ ଉପାଧ୍ୟକ୍ଷା ମନୋନୀତ କରାଯାଇଥିଲା। ଏଥିରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି, ଏବିଇଓ ଲକ୍ଷ୍ମୀ ମଲ୍ଲିକ, ସିଆରସିସି ସୁଶାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ହେମବନ୍ତି ବାଘ ସଭା ପରିଚାଳନା କରିଥିଲେ। ସିଆରସିସି ସୁଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୋଟର ତାଲିକା ସଂଶୋଧନ ଓ ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମ

ଖଡ଼ିଆଳ, ୨୧।୭(ସମିସ): ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତହସିଲ କାର୍ଯ୍ୟାଳୟରେ ଭୋଟର ତାଲିକାରେ ନାମ ସାମିଲ ଓ ସଂଶୋଧନ ପାଇଁ ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମ ୨୦୨୬ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ଖଡ଼ିଆଳ ତହସିଲ କାର୍ଯ୍ୟାଳୟ ପରିସରରେ ଭୋଟରଙ୍କ ଭିଡ଼ ଦେଖିବାକୁ ମିଳିଛି। ନିଜର ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ୧୨ଟି ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ପ୍ରମାଣପତ୍ର ସହ ଆଧାରକାର୍ଡ ନେଇ ଉପସ୍ଥିତ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି। ଖଡ଼ିଆଳ ତହସିଲଦାର ନରସିଂହ ଗଡ଼ବା ନିଜେ ଉପସ୍ଥିତ ରହି ସମସ୍ତ ଭୋଟରଙ୍କ ଆବଶ୍ୟକୀୟ ଦସ୍ତାବିଜ ଓ ପ୍ରମାଣପତ୍ର ଯାଞ୍ଚ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୁଥ୍‌ସ୍ତରୀୟ ଅଧିକାରୀ ବିଏଲଓ ମାନେ ପୂର୍ଣ୍ଣ ସହଯୋଗ କରି ନାଗରିକ ମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ। ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ଓ ସଂଶୋଧନ ପାଇଁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସମସ୍ତ ସମ୍ବନ୍ଧିତ ଭୋଟରଙ୍କୁ ପୂର୍ବରୁ ନୋଟିସ ପ୍ରଦାନ କରାଯାଇଛି। ଶେଷରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବାରୁ, ସମସ୍ତ ଯୋଗ୍ୟ ଭୋଟର ନିଜ ନିଜର ନାମ ସଠିକ୍ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ସ୍ୱତନ୍ତ୍ର ସୁଯୋଗର ଫାଇଦା ନେବାକୁ ତହସିଲ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।



## କୁନାସିଲାରୁ ମହିବିଲା ରାସ୍ତା ମରଣଯନ୍ତା



କଣ୍ଟାମାଲ, ୨୧।୭(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୁନାସିଲାରୁ ମହିବିଲା ରାସ୍ତା ମରଣା ଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ବରଗାଁ ପଞ୍ଚାୟତର ସୌରୀବେଙ୍ଗେସ, ବରଗାଁ, କକେନଜୋର, ମହିବିଲା, ଖଳିଆପାଲି ପାଜିମୁହାଣ, ସାହାଜପିଟା, ପାର୍ବତୀପୁର ପ୍ରମୁକ ଗ୍ରାମର ଲୋକମାନେ ନିର୍ଭର କରନ୍ତି। ଏହି ରାସ୍ତାରେ ଛାତ୍ରଛାତ୍ରୀ ଘଣ୍ଟାପଡ଼ା କଲେଜକୁ ପାଠ ପଢ଼ିବା ପାଇଁ ଯାଉଛନ୍ତି। ଲୋକେ ଏହି ରାସ୍ତା ଦେଇ ପଡୋଶୀ ବଲାଙ୍ଗୀର ଡାକ୍ତରଖାନାକୁ ଯିବା ସହ ଘଣ୍ଟାପଡ଼ା ବଜାରକୁ ଯିବା ଆସିବା କରନ୍ତି। ଖରା ଦିନ ଯେମିତି ସେମିତି ଯିବା ଆସିବା କରନ୍ତି; କିନ୍ତୁ ବର୍ଷା ଋତୁ ଆସିଲେ ଏହି ରାସ୍ତା ଚିନ୍ତାର ବିଷୟ ପାଲଟିଯାଏ। ଆମ୍ବୁଲାନ୍ସ ତ ଦୂରର କଥା; ଲୋକେ ଚାଲିକି ଯିବା ଆସିବା କରିବା କଷ୍ଟକର ପାଠ ହୋଇପଡେ। ଏହି ରାସ୍ତା ପିଚୁ କରିବା ପାଇଁ ସର୍ଭେ ମଧ ସରିଛି; କିନ୍ତୁ ପରିତାପର ବିଷୟ ଯେ ଆଜି ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ହୋଇ ନାହିଁ। ଏହି ରାସ୍ତା ସମ୍ପର୍କରେ ଲୋକେ ବିଧାୟକ ଏବଂ ଜିଲ୍ଲାପାଳଙ୍କୁ ଜଣାଇ ଆସୁଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

## ହରଭଙ୍ଗା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ




ହରଭଙ୍ଗା, ୨୧।୭(ସମିସ): ହରଭଙ୍ଗା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପ୍ରହରାଜ ଚାରା ରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ଚାରା ରୋପଣ ସହ ଯତ୍ନ ନେବା ପାଇଁ ଶପଥ ନେଇଥିଲେ। ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ମୁକ୍ତ ସମାଜ ଗଠନ ପାଇଁ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଯୁବ ରେଡକ୍ରସ୍ ବିଭାଗର କାଉନସିଲର କୁଶଧ୍ୱଜ ମହାକୁଡ ଏହାର ନେତୃତ୍ୱ ନେଇଥିଲେ। ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# କଣ୍ଟାମାଳ ବ୍ଲକ୍‌ର ବିଭିନ୍ନ ଗାଁ ବୁଲିଲେ ଜିଲ୍ଲାପାଳ

ଶଗଡ଼ା, ୨୧।୭(ସମିସ)

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କଣ୍ଟାମାଳ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। କଣ୍ଟାମାଳ ସହର ପାଇଁ ପ୍ରସ୍ତାବିତ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ନିମନ୍ତେ ଉଦୟପୁରଠାରେ ଚିହ୍ନଟ



ହୋଇଥିବା ସ୍ଥାନ ପରିଦର୍ଶନ କରି ଏହାର ଉପଯୋଗିତା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାପରେ ବରଗାଁ ପଞ୍ଚାୟତର ଘୁଚାଙ୍ଗି ଗ୍ରାମରେ ଓଡ଼ିଶା ସରକାରଙ୍କ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହାୟତାରେ ନିର୍ମିତ ଆଦର୍ଶ କୁକୁଡ଼ା ଫାର୍ମ ପରିଦର୍ଶନ କରିଥିଲେ। ଫାର୍ମର ହିତାଧିକାରୀ କେଶରଞ୍ଜନ ରଣା ୧୦୦୦ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ୪ ଲକ୍ଷ ୧୧ ହଜାର ଟଙ୍କା ସବସିଡି ପାଇଥିବା ଜଣାଇଥିଲେ। ଏହାକୁ ଏକ ଆଦର୍ଶ ସମନ୍ୱିତ କୃଷି ଫାର୍ମରେ ପରିଣତ କରିବା ନିମିତ୍ତ ଚାଷୀଙ୍କୁ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘୁଚାଙ୍ଗୀ ଗ୍ରାମ ରାସ୍ତା ଏବଂ କୁରୁକୁପା ଗ୍ରାମରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ପକ୍ଷରୁ ନିର୍ମିତ ନୂତନ କଲଭର୍ଟ ପରିଦର୍ଶନ କରି କାର୍ଯ୍ୟର ଗୁଣବତ୍ତା ଓ ଅଗ୍ରଗତିର ସମୀକ୍ଷା କରିଥିଲେ। କୁଲୁତାଯୋର ପଞ୍ଚାୟତରେ ସେ ସାଧାରଣ ବଣ୍ଟନ ବ୍ୟବସ୍ଥାର କାର୍ଯ୍ୟକାରିତା ତଦାରଖ କରି ଉପଭୋକ୍ତାଙ୍କ ସହ ଆଲୋଚନା କରିଥିଲେ। ଲୋକମାନେ ନିୟମିତ ଭାବେ ଖାଦ୍ୟଶସ୍ୟ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଗ୍ରାମବାସୀ ପାନୀୟ ଜଳ ସମସ୍ୟା ଉପସ୍ଥାପନ କରିଥିବା ବେଳେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। କୁଲୁତାଯୋର ଗ୍ରାମର ମହିଳା ଚାଷୀ ରେଣୁକା ରଣାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ଗୋପାଳନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଫାସେଡ୍‌ରେ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ପରିଦର୍ଶନ କରି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ପାଠପଢ଼ା, ରହଣି, ଖାଦ୍ୟ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କୁ ନିଷ୍ଠାର ସହ ପାଠପଢ଼ି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ବରପଦର ଗ୍ରାମରେ କଟାବନ୍ଧ ପରିଦର୍ଶନ କରି ସେଠାରେ ପାହାଚ ନିର୍ମାଣ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ପରେ କେଉଟିପାଲି ଗ୍ରାମର ବନ ସୁରକ୍ଷା ସମିତି ଗୃହ ଏବଂ ଗ୍ରାମ୍ୟ ରାସ୍ତା ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଶେଷରେ ପିଟାବାହଲ ଗ୍ରାମର ଖଡ଼ଙ୍ଗ ବ୍ରିଜ ପରିଦର୍ଶନ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମାପ୍ତ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପିଟାବାହଲ ଗ୍ରାମବାସୀ ବନ୍ଦ ହୋଇଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି ଜଣାଇଥିଲେ। ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି କ୍ଷେତ୍ର ପରିଦର୍ଶନ ସମୟରେ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ, ବ୍ଲକ ଅଧିକାରୀ, ଯନ୍ତ୍ରୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଲରେ ପଶି ଧାନ ରୋଇଲେ ଜିଲ୍ଲାପାଳ



ଶଗଡ଼ା, ୨୧।୭(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘୁଚାଙ୍ଗି ଗାଁକୁ ପରିଦର୍ଶନରେ ଯାଇଥିବା ସମୟରେ ଜିଲ୍ଲାପାଳ କ୍ଷେତରେ ଧାନ ତଳି ରୋପଣ କରୁଥିବା ମହିଳା ଚାଷୀଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେମାନଙ୍କ ସୁଖଦୁଃଖ ବୁଝିବା ସହ କିଛି ସମୟ ଧରି ସେମାନଙ୍କ ସହ ଧାନ ରୋପଣରେ ଅଂଶଗ୍ରହଣ କରିଥିଲେ। ନିଜେ ଫୁଲ୍ ପ୍ୟାଣ୍ଟ ମୋଡ଼ି କାଦୁଅ ହୋଇଥିବା ଜମିରେ ପଶିଥିଲେ। ଆଉ ଅତି ଆଗ୍ରହର ସହ ସେଠାରେ ମହିଳା ଚାଷୀମାନଙ୍କ ସହ କଥାବାର୍ତ୍ତା ହେବା ସହ କିଛି ସମୟ ପାଇ ତଳି ଲଗାଇଥିଲେ। ଏହା ସେଠାରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

## ମହିଳା ଶସକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ



କଣ୍ଟାମାଳ, ୨୧।୭(ସମିସ): କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟ ଦ୍ୱାରା ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ଅଧୀନରେ ଏକ ମହିଳା ସଶକ୍ତୀକରଣ ଓ ସାମାଜିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅନୋଜ ଭୁକ୍ତାଙ୍କ ମାର୍ଗଦର୍ଶନ ଏବଂ ଶକ୍ତିଶ୍ରୀ ସଂଯୋଜିକା ପ୍ରୀତିସ୍ମିତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଭୁକ୍ତା ଓ କଣ୍ଟାମାଳ ଥାନା ଏସଆଇ ବବିତା ସାହୁ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରୁ ବାହାରି ଥାନା, ବସଷ୍ଟାଣ୍ଡ, ଶିଶୁମନ୍ଦିର, ହାଟପଦା ଛକ ହୋଇ ମହାବିଦ୍ୟାଳୟକୁ ଫେରିଥିଲେ। ଅଧ୍ୟାପକ ପୌଲସ୍ତୀ ପ୍ରଧାନ, ସମୀର ମେହେର, ସୁନୀଲ ପୁଟା, ଜୟପ୍ରକାଶ ମହଲା, ବସନ୍ତ ଖଟୁଆ, ନୀଳମଣି ମଲ୍ଲିକ, ଅଧ୍ୟାପିକା ନନ୍ଦିନୀ ସାମନ୍ତରାୟ, ଅମ୍ରିତା ସାହୁ, ଅର୍ଚ୍ଚନା ମିଶ, ମଧୁସ୍ମିତା ନନ୍ଦ, ସୁକନ୍ୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ହକି ବିଶ୍ୱକପ୍: ଭାରତୀୟ ଦଳରେ ଅମିତ୍ ଓ ଶିଳାନନ୍ଦ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି)

ପୁରୁଷ ହକି ବିଶ୍ୱକପର ଷୋଡ଼ଶ ସଂସ୍କରଣ ଅଗଷ୍ଟ ୧୫ରୁ ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ମିଳିତ ଭାବେ ଆୟୋଜିତ ହେବାକୁ ଯାଉଛି। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ହରମନପ୍ରୀତ୍ ସିଂହଙ୍କୁ ଘୋଷିତ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଘୋଷିତ ଦଳରେ ଓଡ଼ିଶାରୁ ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ୍ ରୋହିଦାସ ଓ ଯୁବ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ୩୩ ବର୍ଷୀୟ ଅମିତ୍‌ଙ୍କ ଏହା ତୃତୀୟ ହକି ବିଶ୍ୱକପ୍ ହେବ। ଏଥିପୂର୍ବରୁ ସେ ୨୦୧୮ ଓ ୨୦୨୩ରେ ଓଡ଼ିଶାରେ ଅନୁଷ୍ଠିତ କ୍ରମାଗତ ଦୁଇଟି ବିଶ୍ୱକପରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଅପରପକ୍ଷରେ ୨୭ ବର୍ଷୀୟ ଶିଳାନନ୍ଦଙ୍କ ଏହା ପ୍ରଥମ ସିନିଅର ବିଶ୍ୱକପ୍ ହେବ। ଆଗାମୀ ବିଶ୍ୱକପରେ ଭାରତ ପୁଲ୍-ଡି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଭାରତ ସମେତ ଇଂଲଣ୍ଡ, ପାକିସ୍ତାନ ଓ ୱେଲ୍ସ ଦଳ ରହିଛି। ଉଦ୍‌ଘାଟନୀ ଦିବସରେ ୱେଲ୍ସ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୧୭ରେ ଇଂଲଣ୍ଡ ଓ ୧୯ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଭାରତ ଏହାର ସମସ୍ତ ପୁଲ୍ ପର୍ଯ୍ୟାୟ ମ୍ୟାଚ ନେଦରଲ୍ୟାଣ୍ଡସର ଆମଷ୍ଟେଲଭିନରେ ଖେଳିବ। ସର୍ବାଧିକ ୪ଟି ବିଶ୍ୱକପ ଜିତି ପାକିସ୍ତାନ ସବୁଠୁ ସଫଳ ଦଳ ରହିଛି। '୫୦ ବର୍ଷ ପରେ ଭାରତ ଦ୍ୱିତୀୟଥର ଟାଇଟଲ୍ ଜିତି ଇତିହାସ ରଚିବ' ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ ଆଶାବାଦୀ ରହିଛନ୍ତି। ଭାରତ ପ୍ରଥମ ଓ ଶେଷଥର ଲାଗି ୧୯୭୫ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।


ଶିଳାନନ୍ଦ ଓ ଅମିତ୍

### ଘୋଷିତ ଭାରତୀୟ ଦଳ

**ଡିଫେଣ୍ଡର:** ହରମନପ୍ରୀତ୍ ସିଂହ (ଅଧିନାୟକ), ଜରମନପ୍ରୀତ୍ ସିଂହ, ଅମିତ ରୋହିଦାସ, ଜୁଗରାଜ ସିଂହ, ସଞ୍ଜୟ, ସୁମିତ, ଯଶଦୀପ ସ୍ୱିଆଚ, **ମିଡଫିଲ୍ଡର:** ରାଜିନ୍ଦର ସିଂହ, ଆଦିତ୍ୟ ଅର୍ଜୁନ ଲାଲାଗେ, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, **ଫରୱାର୍ଡ:** ଦିଲପ୍ରୀତ୍ ସିଂହ, ଶିଳାନନ୍ଦ ଲାକ୍ରା, ସୁଖଜିତ୍ ସିଂହ, ମନଦୀପ ସିଂହ, ଅଭିଷେକ।

## ଫିଫା ବିଶ୍ୱକପ୍ - ୨୦୨୬ରେ ରେକର୍ଡ

# ୧୪ ଆତ୍ମଘାତୀ, ବଦଳ ଖେଳାଳିଙ୍କ ୫୦ ଗୋଲ୍




ନ୍ୟୁୟର୍କ,୨୧।୭ (ଏଜେନ୍ସି)

ସ୍ଥାନୀୟ ମେଟଲାଇଫ୍ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍ ୧-୦ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ୧୬ବର୍ଷର ବ୍ୟବଧାନ ପରେ ଚାମ୍ପିଅନ ହୋଇଛି। ଏହି ମୁକାବିଲା ସହ ଚଳିତ ବିଶ୍ୱକପ୍‌ରେ ଏକାଧିକ ରେକର୍ଡ ପ୍ରତିଷ୍ଠା ହୋଇଛି।

### ୧୦୪ ମ୍ୟାଚ୍‌ରେ ୩୦୮ ଟି ଗୋଲ୍

ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ୪୮ଟି ଦେଶ ଅଂଶଗ୍ରହଣ କରିଥିଲେ ଓ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯାଇଥିଲା। ଏହି ୧୦୪ଟି ମ୍ୟାଚ୍‌ରେ ମୋଟ ୩୦୮ଟି ଗୋଲ୍‌ସ୍କୋର ହୋଇଛି। ମ୍ୟାଚ୍ ପ୍ରତି ୨.୯୮ ହାରରେ ଗୋଲ୍ ହୋଇଛି। ତାହା ମଧ୍ୟରୁ ଇଂଲଣ୍ଡ ଓ ଫ୍ରାନ୍ସ ଟିମ୍ ସର୍ବାଧିକ ୨୦ଟି ଲେଖାଏଁ ଗୋଲ୍ ଦେଇଛନ୍ତି। ଆର୍ଜେଣ୍ଟିନା ୧୯ଟି ଗୋଲ୍ ଦେଇ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ପେନ୍ ଓ ବେଲଜିୟମ୍ ୧୪ଟି ଲେଖାଏଁ ଗୋଲ ଦେଇଛନ୍ତି। ନରୱେ ୧୩ଟି ଗୋଲ ଦେଇଥିଲାବେଳେ ୯ଟି ଦେଶ ୨ଟି ଲେଖାଏଁ, ୪ଟି ଦେଶ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲାବେଳେ ପାନାମା ଆଦୌ ଗୋଲ ସ୍କୋର କରିପାରି ନାହିଁ। କତାର ସର୍ବାଧିକ ୯ଟି ଗୋଲ୍ ବରଣ କରିଛି।

### ସର୍ବାଧିକ ଗୋଲ୍ ହୋଇଥିବା ମ୍ୟାଚ୍ ଇଂଲଣ୍ଡ ୬ ବନାମ ଫ୍ରାନ୍ସ ୪

ବିଶ୍ୱକପର ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ୬-୪ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ହୋଇଥିବା ୧୦ଟି ଗୋଲ୍ ଚଳିତ ବିଶ୍ୱକପ୍‌ରେ ସର୍ବାଧିକ। ସେହିପରି କ୍ୟୁରାସାଓକୁ ଜର୍ମାନୀ ୭-୧ ଓ କତାରକୁ କାନାଡା ୬-୦ ଗୋଲରେ ପରାସ୍ତ କରିଥିଲା।

### ଆତ୍ମଘାତୀ ମହମ୍ମଦ୍ ହାନି

ଏହି ବିଶ୍ୱକପ୍‌ରେ ୧୩ ଜଣ ଖେଳାଳି ୧୪ଟି ଆତ୍ମଘାତୀ ଗୋଲ୍ ସ୍କୋର କରିଛନ୍ତି। ୨୦୧୮ ରୁଷିଆରେ ହୋଇଥିବା ବିଶ୍ୱକପ୍‌ଠାରୁ ଏହା ୨ଟି ଅଧିକ। ଏଥିରେ ଇଜିପ୍ଟର ମହମ୍ମଦ୍ ହାନି ବିଶ୍ୱର ପ୍ରଥମ ଖେଳାଳି ଭାବେ ବିଶ୍ୱକପ୍‌ରେ ୨ଟି ଆତ୍ମଘାତୀ ଗୋଲ୍ ସ୍କୋର କରିଛନ୍ତି।



### କିଲିଆନ୍ ଏମ୍‌ବାପେ ନଂ-୧

ଫ୍ରାନ୍ସର ଅଧିନାୟକ କିଲିଆନ୍ ଏମବାପେ ଏହି ବିଶ୍ୱକପ୍‌ରେ ସର୍ବାଧିକ ୧୦ଟି ଗୋଲ୍ ସ୍କୋର କରି ଗୋଲ୍ଡେନ୍ ବୁଟ ପୁରସ୍କାର ହାସଲ କରିଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସି ୮ଟି, ଇଂଲଣ୍ଡର ଜୁଡ୍ ବେଲିଂହାମ୍ ଓ ନରୱେର ଏର୍ଲିଙ୍ଗ ହଲାଣ୍ଡ ୭ଟି ଲେଖାଏଁ ଗୋଲ ଦେଇଛନ୍ତି। ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ ଓ ଫ୍ରାନ୍ସର ବାଲନ ଡି'ଓର ପୁରସ୍କାର ବିଜେତା ଓଉସ୍‌ମାନେ ଡେମ୍ବେଲେ ୬ଟି ଲେଖାଏଁ ଗୋଲ ଦେଇଛନ୍ତି।

### ୪ଟି ହ୍ୟାଟ୍ରିକ୍

ଏଥର ବିଶ୍ୱକପ୍‌ରେ ୧୦୪ଟି ମ୍ୟାଚ୍ ହୋଇଥିଲେ ମଧ୍ୟ ମାତ୍ର ୪ଟି ହ୍ୟାଟ୍ରିକ୍ ଦେଖିବାକୁ ମିଳିଛି। ଏହା ମଧ୍ୟରୁ ଗ୍ରୁପ୍ ପର୍ଯ୍ୟାୟରେ ୩ଟି ଓ ପ୍ଲେ ଅଫ୍‌ରେ ଗୋଟିଏ ହ୍ୟାଟ୍ରିକ୍ ହୋଇଥିଲା। ଫ୍ରାନ୍ସ ବିପକ୍ଷ ପ୍ଲେ ଅଫ' ମୁକାବିଲାରେ ଇଂଲଣ୍ଡର ବୁକାୟୋ ସାକା ଚତୁର୍ଥ ଖେଳାଳି ଭାବେ ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରିଥିଲେ। ଗ୍ରୁପ ପର୍ଯ୍ୟାୟରେ ଆଲଜେରିଆ ବିପକ୍ଷରେ ଆର୍ଜେଣ୍ଟିନାର ଲିଓନେଲ ମେସି, କତାର ବିପକ୍ଷରେ କାନାଡାର ଜୋନାଥନ ଡେଭିଡ୍ ଓ ନରୱେ ବିପକ୍ଷରେ ଫ୍ରାନ୍ସର ଓଉସମାନେ ଡେମ୍ବେଲେ ହ୍ୟାଟ୍ରିକ ଅର୍ଜନ କରିଥିଲେ।



### ବଦଳ ଖେଳାଳିଙ୍କ ରାଜୁତି

ଏହି ବିଶ୍ୱକପ୍‌ରେ ବଦଳ ଖେଳାଳିଙ୍କ ଦ୍ୱାରା ହୋଇଥିବା ଗୋଲରେ ଅନେକ ମ୍ୟାଚ୍‌ର ଭାଗ୍ୟ ନିର୍ଦ୍ଧାରଣ କରାଯାଇଛି। ଏହି ବଦଳ ଖେଳାଳିମାନେ ଏଥର ୫୦ଟି ଗୋଲ ଦେଇଛନ୍ତି। ଜର୍ମାନୀର ଡେନିଜ୍ ଉଣ୍ଡାଭ ଓ ସ୍ୱିଜରଲାଣ୍ଡର ଜୋହାନ ମାନଜାମ୍ବି ବ୍ୟକ୍ତିଗତ ଭାବେ ୩ଟି ଲେଖାଏଁ ଗୋଲ୍ ସ୍କୋର କରିଛନ୍ତି। ଫାଇନାଲରେ ସ୍ପେନ୍‌ର ଫେରାନ ଟୋରେସ୍ ବଦଳ ଖେଳାଳିଭାବେ ଦେଇଥିବା ଗୋଲ୍‌ଟି ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଗୋଲ୍ ବଳରେ ସ୍ପେନ୍ ଚାମ୍ପିଅନ ହୋଇଥିଲା।୨୦୧୪ରେ ସର୍ବାଧିକ ୩୦ଟି ଗୋଲ ବଦଳ ଖେଳାଳି ସ୍କୋର କରିଥିଲେ।

## ସ୍ୱଦେଶରେ ସ୍ପେନ୍‌କୁ ବିପୁଳ ସମ୍ବର୍ଦ୍ଧନା

ମାଦ୍ରିଦ୍/ବୁଏନସ ଆଇରିସ୍,୨୧।୭ (ଏଜେନ୍ସି): ଫିଫା ବିଶ୍ୱକପ୍ ଫାଇନାଲ ପରେ ଚାମ୍ପିଅନ ସ୍ପେନ୍ ଓ ରନର୍ସ ଅପ୍ ଆର୍ଜେଣ୍ଟିନା ଦଳ ସ୍ୱଦେଶ ଫେରିବା ପରେ ସେମାନଙ୍କୁ ନିଜ ନିଜ ଦେଶରେ ବିପୁଳ ସ୍ୱାଗତ କରାଯାଇଛି। ମାଦ୍ରିଦ୍ ଏହି ସମ୍ବର୍ଦ୍ଧନାରେ ଉତ୍ସବ ମୁଖର ହୋଇଥିଲାବେଳେ ଆର୍ଜେଣ୍ଟିନାର ରାଜଧାନୀର ଲକ୍ଷ ଲକ୍ଷ ସମର୍ଥକ ନାଚି ନାଚି ସେମାନଙ୍କ ଖେଳାଳିଙ୍କୁ ସମର୍ଥନ ଜଣାଇଥିଲେ। ଚାମ୍ପିଅନ୍ ସ୍ପେନ୍ ଦଳ ମାଦ୍ରିଦ୍‌ରେ ପହଞ୍ଚିବା ପରେ ରାଜପରିବାର ପକ୍ଷରୁ ପ୍ରଥମେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଏକ ଖୋଲା ବସ୍‌ରେ ଖେଳାଳିମାନଙ୍କୁ ମାଦ୍ରିଦ୍ ସହର ମଧ୍ୟ ଦେଇ 'ଆମେ ଚାମ୍ପିଅନ୍' ବ୍ୟାନର ସହ ଏକ ପଡ଼ିଆକୁ ନିଆଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍ ଖେଳାଳିମାନଙ୍କୁ ସ୍ୱାଗତ କରି ତୁମମାନଙ୍କ ଲାଗି ଆମେ ଓ ଆମ ଦେଶ ଗର୍ବିତ ବୋଲି କହିଥିଲେ। ସେହିଭଳି ସ୍ପେନର ବିଶିଷ୍ଟ ଗାୟକମାନେ ଯଥା ଆଇତାନା, ଆନା ମେନା ଓ ଲୋଲା ଇଣ୍ଡିଗୋ ପ୍ରମୁଖ ଉପସ୍ଥିତ ଥିଲେ। ଫରୱାର୍ଡ ଖେଳାଳି ଇଗ୍ଲେସିଆସ୍ ଡିଜେ ବଜାଇଥିଲେ। ଏଠାରେ ଲକ୍ଷେ କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ଆଇକନ୍ ଖେଳାଳି ଲିଓନେଲ ମେସିଙ୍କ ବ୍ୟତୀତ ଲିଓନେଲ ସ୍କୋଲାନିଙ୍କ ସହ ଅନ୍ୟ ସମସ୍ତ ଖେଳାଳି ବୁଏନସ ଆଇରିସ୍ ବିମାନବନ୍ଦରରେ ପହଞ୍ଚିବା ପରେ ସମର୍ଥକମାନେ ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ। ଆର୍ଜେଣ୍ଟିନା ରନର୍ସ ଅପ୍ ହୋଇଥିଲେ ମଧ୍ୟ ସମର୍ଥକମାନେ ଚାମ୍ପିଅନ ଭଳି ସ୍ୱାଗତ କରିଥିଲେ। ଯଦିଓ ସେମାନଙ୍କ ଲାଗି କୌଣସି ସଭାର ଆୟୋଜନ ହୋଇ ନ ଥିଲା, ତଥାପି ଏତେ ସଂଖ୍ୟକ ସମର୍ଥକଙ୍କ ଉପସ୍ଥିତି ଖେଳାଳି ଓ କର୍ମକର୍ତ୍ତାଙ୍କୁ ଭାବ ପ୍ରବଣ କରିଥିଲା। ୪ ବର୍ଷ ପୂର୍ବେ ଆର୍ଜେଣ୍ଟିନା ଚାମ୍ପିଅନ ହୋଇ ସ୍ୱଦେଶ ଫେରିବା ପରେ ସମର୍ଥକ ମାନେ ବିପୁଳ ସ୍ୱାଗତ କରିଥିଲେ।

# ଫିଫା ର୍‍ୟାଙ୍କିଙ୍ଗ; ଆର୍ଜେଣ୍ଟିନାକୁ ହଟାଇ ଶୀର୍ଷରେ ସ୍ପେନ୍

ଜୁରିଚ, ୨୧।୭ (ଏଜେନ୍ସି): ଦ୍ୱିତୀୟଥର ଲାଗି ବିଶ୍ୱକପ ଚାମ୍ପିଅନ ହୋଇଥିବା ସ୍ପେନ ଫିଫା ର୍‍ୟାଙ୍କିଙ୍ଗରେ ମଧ୍ୟ ଏକ ନମ୍ବର ସ୍ଥାନ ହାସଲ କରିଛି। ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନାକୁ ହଟାଇ ସ୍ପେନ ଶୀର୍ଷକୁ ଉଠିଛି। ସେହିଭଳି ବିଶ୍ୱକପରେ କାଂସ୍ୟ ପଦକ ହାସଲ କରିଥିବା ଇଂଲଣ୍ଡ ପୂର୍ବଭଳି ୪ର୍ଥ ସ୍ଥାନରେ ସ୍ଥିର ରହିଛି। କାଂସ୍ୟ ପଦକ ଲଢ଼େଇ ମୁକାବିଲାରେ ପରାସ୍ତ ହୋଇଥିବା ଫ୍ରାନ୍ସ ମଧ୍ୟ ତୃତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ସେହିଭଳି ୨୦୨୨ ବିଶ୍ୱକପ ସେମିଫାଇନାଲିଷ୍ଟ ମରୋକ୍କୋ ସପ୍ତମରୁ ୬ଷ୍ଠ ସ୍ଥାନକୁ ଉଠିଛି। ଯାହାକି ଫିଫା ଇତିହାସରେ ମରୋକ୍କୋର ସର୍ବୋଚ୍ଚ ମାନ୍ୟତା। ରେକର୍ଡ ପାଞ୍ଚଥରର ବିଜେତା ବ୍ରାଜିଲ ଗୋଟିଏ ପାହାଚ ଉପରକୁ ଉଠି ୫ମ ସ୍ଥାନ ଲାଭ କରିଛି। ତେବେ ସଦ୍ୟ ମାନ୍ୟତାରେ ନରୱେର ବଡ଼ ଉନ୍ନତୀ ଦେଖିବାକୁ ମିଳିଛି। ଏର୍ଲିଙ୍ଗ ହଲାଣ୍ଡଙ୍କ ନରୱେ ଦଳ ଏକାଥରକେ ୧୨ଟି ସ୍ଥାନ ଲମ୍ଫ ପ୍ରଦାନ କରି ୧୯ରେ ପହଞ୍ଚିଛି। ତେବେ ଚାରିଥରର ଚାମ୍ପିଅନ ଜର୍ମାନୀ ଟପ୍-୧୦ରୁ ବାଦ୍ ପଡ଼ିଛି। ରାଉଣ୍ଡ-୩୨ରେ ପାରାଗୁଏ ନିକଟରୁ ହାରିଥିବା ଜର୍ମାନୀ ଦୁଇଟି ପାହାଚ ତଳକୁ ଖସି ୧୨ତମ ସ୍ଥାନ ଲାଭ କରିଛି।

## ଲଢ଼େଇ ଏକପାଖିଆ ହେବନି: ରାଜା

ହରାରେ, ୨୧।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ଓ ଭାରତୀୟ କ୍ରିକେଟ୍ ଦଳ ମଧ୍ୟରେ ୩ ମ୍ୟାଚବିଶିଷ୍ଟ ଟି-୨୦ ସିରିଜ ଗୁରୁବାରଠାରୁ ଆରମ୍ଭ ହେବାକୁଯାଉଛି। ଏହାପୂର୍ବରୁ ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ବଡ଼ ବୟାନ ଦେଇଛନ୍ତି। ଭାରତକୁ ଚ୍ୟାଲେଞ୍ଜ କରି ରାଜା କହିଛନ୍ତି ଯେ ଉଭୟ ଦେଶ ଏହି ସିରିଜ୍ ଜିତିବା ପାଇଁ ସମାନ ସମ୍ଭାବନା ରଖିବେ। ମୁଁ ନିଶ୍ଚିତ ଯେ ଜିମ୍ବାୱେ ନିରନ୍ତର ବହୁତ ଭଲ କ୍ରିକେଟ୍ ଖେଳିଛି। ତେଣୁ ମୁଁ ନିଶ୍ଚିତ କହିପାରିବି ଯେ ଏହି ସିରିଜ୍ ଏକପାଖିଆ ହେବନାହିଁ। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ନିକଟରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ନିକଟରୁ ଟି-୨୦ ସିରିଜ ହାରିଥିବାରୁ ବେଶ୍ ଚାପରେ ରହିଛି।

## ବାସନ୍ଦ ହୋଇପାରନ୍ତି ଆର୍ଜେଣ୍ଟିନା ଖେଳାଳି

ନ୍ୟୁୟର୍କ,୨୧।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍‌ଠାରୁ ୧-୦ ଗୋଲରେ ହାରିଯିବା ପରେ ଆର୍ଜେଣ୍ଟିନା ଖେଳାଳିମାନେ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିଛନ୍ତି। ଯାହା ଫଳରେ କି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସ୍ପେନ୍ ଖେଳାଳିମାନେ ତଳେ ପଡ଼ିଯାଇଥିଲେ। ବିଶେଷ କରି ଆର୍ଜେଣ୍ଟିନା। ଫୁଲ୍‌ବ୍ୟାକ୍ ନାହୁଏଲ ମୋଲିନା, ମିଡ୍‌ଫିଲ୍ଡର ଲିଆଣ୍ଡର ପାରାଡେସ୍ ଓ ଆସିଷ୍ଟାଣ୍ଟ ରେଫରୀ ଫାବିଆ ଆୟଲାଙ୍କ ଆଚରଣ ଫିଫା ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଛି। ଏହି ଘଟଣାର ତଦନ୍ତ କରିବାକୁ ଫିଫା ପକ୍ଷରୁ ଘୋଷଣା କରାଯାଇଛି। ଏହି ଘଟଣାରେ ଖେଳାଳିମାନେ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନେ ଅତିକମ୍‌ରେ ୩ଟି ମ୍ୟାଚ୍‌ର ବାସନ୍ଦ ହେବେ। ଆର୍ଜେଣ୍ଟିନା ଖେଳାଳିଙ୍କ ଆଚରଣ ଉପରେ ଫିଫା ପକ୍ଷରୁ ଏହା ଦ୍ୱିତୀୟ ତଦନ୍ତ। ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇବା ରେ ଆର୍ଜେଣ୍ଟିନାର କିଛି ଖେଳାଳି ଫାକ୍‌ଲାଣ୍ଡ ଆମର ଶୀର୍ଷକ ଏକ ବ୍ୟାନର ପ୍ରଦର୍ଶନ କରିଥିଲେ। ଯାହାକି ଫିଫାର ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଛି। ଉଭୟ ଘଟଣାର ତଦନ୍ତ ଭିନ୍ନ ଭିନ୍ନ ଏଥିକ୍ସ ଅଫିସର କରୁଛନ୍ତି।

## ଫାଓକୁ ଏଆଇଏଫ୍‌ଏଫ୍‌ର ଶୀର୍ଷସ୍ତରୀୟ ମାନ୍ୟତା

ଭୁବନେଶ୍ୱର, ୨୧।୭ (ସମିସ): ଗତ ୩ ବର୍ଷର ସାମଗ୍ରିକ ପ୍ରଦର୍ଶନ ଆଧାରରେ ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଦେଶରେ ପ୍ରଥମ-ସ୍ତରୀୟ ରାଜ୍ୟ ସଂଘ ମଧ୍ୟରେ ସ୍ଥାନିତ ହୋଇଛି। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଫାଓକୁ ଏହି ମାନ୍ୟତା ମିଳିଛି। ଏଆଇଏଫଏଫ'ର ଏହି ମାନ୍ୟତା ପ୍ରଶାସନ, ତୃଣମୂଳ ବିକାଶ, ପ୍ରଶିକ୍ଷକ ଏବଂ ରେଫରୀ ଶିକ୍ଷା, ମହିଳା ଫୁଟବଲ୍, ଯୁବ ବିକାଶ, ପ୍ରତିଯୋଗିତା ଏବଂ ପ୍ରଶାସନିକ ଉତ୍କର୍ଷତା ସମେତ ଫୁଟବଲର ବିକାଶରେ ଫାଓର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏଆଇଏଫ୍‌ଏଫ'ର ଶୀର୍ଷସ୍ତରୀୟ ଜାତୀୟ ଫୁଟବଲ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଦଳ ଯଥା ସିନିଅର ପୁରୁଷ, ସିନିଅର ମହିଳା, ଜୁନିଅର ବାଳକ ଓ ବାଳିକା, ସବ୍‌ଜୁନିଅର ବାଳକ ଓ ବାଳିକା ବର୍ଗରେ ସେମାନଙ୍କ ଶ୍ରେଷ୍ଠତ୍ୱ ଦେଇଆସୁଛି।

# କ୍ରିକେଟର୍ ପୋରେଲଙ୍କୁ ଗିରଫ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଲକାତା, ୨୧।୭ (ଏଜେନ୍ସି)

ବଳାତ୍କାର ମାମଲାରେ ପଶ୍ଚିମବଙ୍ଗ ତଥା ଦିଲ୍ଲୀ କ୍ୟାପିଟାଲ୍ସ କ୍ରିକେଟର୍ ଅଭିଷେକ ପୋରେଲ ବିବାଦରେ ଫସିଛନ୍ତି। ଅଭିଷେକ ଓ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ କଲିକତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କର ଇଲେକ୍ଟ୍ରୋନିକ ଡିଭାଇସଗୁଡ଼ିକୁ ଜବତ କରିବାକୁ ମଧ୍ୟ କୋଲକାତା ପୋଲିସକୁ କୁହାଯାଇଛି। ଜଣେ ଡାକ୍ତରୀ ଛାତ୍ରୀଙ୍କ ଅଭିଯୋଗ ଉପରେ ଦାୟର ହୋଇଥିବା ଏକ ଫୌଜଦାରୀ ମାମଲାରେ ହାଇକୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅଭିଷେକଙ୍କ ବିରୋଧରେ ବଳାତ୍କାର ସମେତ ଅପରାଧିକ ଧମକ ଏବଂ ଅନ୍ୟାନ୍ୟ ଗୁରୁତର ଅଭିଯୋଗ ଲାଗିଛି। ଜୁନ୍ ମାସର ପ୍ରାରମ୍ଭରେ ଜଣେ ଯୁବତୀ ଅଭିଷେକଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ। ଯୁବତୀ ଜଣଙ୍କ କହିଥିଲେ ଯେ ପୋରେଲ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ୩ ବର୍ଷ ହେବ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ମତଭେଦ ଯୋଗୁ ତାଙ୍କୁ ବିବାହ ନ କରି ଅନ୍ତରଙ୍ଗ ଫଟୋ ଏବଂ ଭିଡିଓ ଭାଇରାଲ କରିବାକୁ ପୋରେଲ ଧମକ ଦେଇଥିଲେ। ଅପରପକ୍ଷରେ ବର୍ତ୍ତମାନ ବେଙ୍ଗାଲୁରୁରେ ଥିବା ପୋରେଲ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛନ୍ତି। ଅଭିଷେକ ଏହା ମଧ୍ୟ କହିଛନ୍ତି ଯେ ପୋଲିସ ଏପର୍ଯ୍ୟନ୍ତ ତାଙ୍କ ସହିତ ଯୋଗାଯୋଗ କରିନାହିଁ।



ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

JK PAPER towards transforming the Community ......



JK Paper is a part of JK Organisation, a reputed and diversified group in business for over 125 years. The group is committed to excellence, driven by a mission to serve the Society with integrity, fairness and trust. JK Paper started its journey with Straw Products in Bhopal in the year 1938 followed by its next landmark - Unit JK Paper Mills (JKPM), in Odisha with 18,000 tons per annum capacity paper plant in 1962. Today JK Paper Mills has a capacity of 3.35.000 TPA.



"We believe people are basically good; we believe everyone has something to contribute; we believe that an honest, open environment can bring out the best in people; we recognize and respect everyone as a unique individual; we encourage you to treat others the way you want to be treated."-thereby, a successful society can'b built. J K Paper is so abide by the commitment that " We, at J K Organization believe that if we want to have a sucessful business, then we must have a successful society around us".
TOUCHING THE LIVES OF PEOPLE




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS